
‘ଦ ରାଜା ସାବ୍’ରେ
କରିନା
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-13 ◆MONDAY ◆7 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୩ ◆ସୋମବାର ◆୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ରଥରେ ଝଟକିଲେ ସୁନା ଠାକୁର





■ ପୁରୀ,୬।୭ (ସମିସ): ସରିସରି ଆସୁଛି ଶ୍ରୀଗୁଣ୍ଡିଚା ମହୋତ୍ସବ। ଆଉ ଦିନକ ପରେ ନୀଳକନ୍ଦରକୁ ବାହୁଡ଼ିଯିବେ ନୀଳାଦ୍ରିନାଥ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁଙ୍କର ଅନୁଷ୍ଠିତ ହୋଇଛି ସୁନାବେଶ। ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଝଲସିଛନ୍ତି ବିଶ୍ୱନିୟନ୍ତା। ଦାରୁବିଗ୍ରହଙ୍କ ଦୁର୍ଲଭ ସୁନାବେଶ ବା ବଡ଼ତଡ଼ାଉ ବେଶ ଦର୍ଶନ କରିଛନ୍ତି ଅଗଣିତ ଭକ୍ତ। ପ୍ରାୟ ୧୨ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବିଶ୍ୱନିୟନ୍ତାଙ୍କ ଦିବ୍ୟବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ଆସନ୍ତାକାଲି (ସୋମବାର) ରଥ ଉପରେ

### ବଡ଼ଦାଣ୍ଡ ପାଲଟିଲା ଜନସମୁଦ୍ର

### ରଥାରୂଢ଼ ଠାକୁରଙ୍କୁ ଦର୍ଶନ କଲେ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ ହେବ। ସେଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ନୀଳାଦ୍ରିବିଜେ। ଏହିଦିନ ରତ୍ନସିଂହାସନକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ବୁଧବାରଠାରୁ ଭକ୍ତ ପାଇବେ ନୀଳାଚଳ ଅବଢ଼ା।

ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ରବିବାର ସକାଳୁ ପୁରୀକୁ ଭକ୍ତଙ୍କ ଧାଡ଼ି ଲାଗିଥିଲା। ସଅଳ ନୀତିକାନ୍ତି ସାଙ୍ଗକୁ ପାଗ ବି ବେଶ୍ ଅନୁକୂଳ ରହିଥିଲା। ଆକାଶ ଥିଲା ମୋଘାଚ୍ଛନ୍ନ। ହେଲେ ବର୍ଷା ନ ଥିଲା। ମଝିରେ ମଝିରେ ଯଦିଓ ଝିପିଝିପି ବର୍ଷା ହେଉଥିଲା, ତାହା କିନ୍ତୁ ବାଧକ ସାଜିନଥିଲା। ତେଣୁ ଶ୍ରୀକ୍ଷେତ୍ରମୁହାଁ ହୋଇଥିଲେ ଶ୍ରଦ୍ଧାଳୁ। ହରିବୋଲ, ହୁଳହୁଳି ଧ୍ୱନିରେ ▶ପୃଷ୍ଠା-୭

### ଆଜି ରଥ ଉପରେ ଅଧରପଣା ନୀତି | ତିନି ରଥରେ ଭାଙ୍ଗିବ ୯ ଅଧରହାଣ୍ଡି

ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ସୋମବାର ଅଧରପଣା ନୀତି ସମ୍ପନ୍ନ ହେବ। ଏହି ନୀତି ପାଇଁ ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ ହୋଇଛି। ତାହାକୁ ଅଧର ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଦାରୁବିଗ୍ରହଙ୍କ ପାଖରେ ଲାଗି ହେବ। ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏଁ ପଣା ଭୋଗ ହେବ। ଦାରୁବିଗ୍ରହଙ୍କ ନିକଟରେ ପଣା ଭୋଗ ପରେ ଏହି ପଣାହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣା ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ▶ପୃଷ୍ଠା-୭

# ‘ଏକ ଦେଶ-ଏକ ନିର୍ବାଚନ’ରେ କେଁ

## ଆପତ୍ତି ଉଠାଇଲେ ପୂର୍ବତନ ପ୍ରଧାନ ବିଚାରପତି

■ ନୂଆଦିଲ୍ଲୀ, ୬।୭ (ଏଜେନ୍ସି): ‘ଏକ ଦେଶ, ଏକ ନିର୍ବାଚନ’ ପ୍ରସଙ୍ଗ ନେଇ ଭାରତର ଅନେକ ପ୍ରଧାନ ବିଚାରପତି ସେମାନଙ୍କର ମତାମତ ଦେଇଛନ୍ତି। ଏଭଳି ପ୍ରସ୍ତାବ ସାମ୍ବିଧାନିକ ଦୃଷ୍ଟିରୁ ଯୁକ୍ତିଯୁକ୍ତ ବୋଲି ସେମାନେ କହିଛନ୍ତି। ତେବେ ଏଥିରେ ଏଭଳି କେତେକ ବ୍ୟବସ୍ଥା ରହିଛି ଯାହାକି ଭାରତୀୟ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ବିଶେଷ କରି ନିର୍ବାଚନ କମିସନଙ୍କୁ ଯେଭଳି ଅଖଣ୍ଡ କ୍ଷମତା ଦିଆଯାଇଛି ତାହାକୁ ନେଇ ସେମାନେ ଘୋର ଆପତ୍ତି ଉଠାଇଛନ୍ତି। କେବଳ ସେତିକି ନୁହେଁ, ଏଭଳି ପ୍ରସ୍ତାବକୁ ନେଇ ବିଭିନ୍ନ ଆଞ୍ଚଳିକ ଦଳ ଯେଉଁ ଉଦ୍‌ବେଗ ଜଣାଇଛନ୍ତି ତାହା ସହିତ ଏମାନେ ମଧ୍ୟ ଏକମତ ହୋଇଛନ୍ତି।



### ନିର୍ବାଚନ କମିସନଙ୍କୁ ଅଖଣ୍ଡ କ୍ଷମତା ଦିଆ ନ ଯାଉ

### କ୍ଷତିଗ୍ରସ୍ତ ହେବେ ଆଞ୍ଚଳିକ ଓ କ୍ଷୁଦ୍ର ରାଜନୈତିକ ଦଳ

ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ‘ଏକ ଦେଶ, ଏକ ନିର୍ବାଚନ’ ସଂକ୍ରାନ୍ତ ଯୁଗ୍ମ ସଂସଦୀୟ କମିଟିକୁ ତାଙ୍କର ମତାମତ ଦେଇ କହିଛନ୍ତି ଯେ ପ୍ରସ୍ତାବିତ ନିର୍ବାଚନ ବ୍ୟବସ୍ଥା ସମ୍ବିଧାନର ମୌଳିକ ଢାଞ୍ଚାର ବିରୋଧାଚରଣ କରୁନାହିଁ। ଏସଂପର୍କରେ ବିଭିନ୍ନ ବିରୋଧୀ ଦଳ କରିଥିବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି ସେ କହିଛନ୍ତି ପୃଥକ ପୃଥକ ସମୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ କରିବା ଲାଗି ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ। ତେବେ ଭାରତର ନିର୍ବାଚନ କମିସନଙ୍କୁ ପ୍ରସ୍ତାବିତ ବ୍ୟବସ୍ଥାରେ ଯେପରି ଅଖଣ୍ଡ କ୍ଷମତା ଦିଆଯାଇଛି ତାହା ଗ୍ରହଣୀୟ ନୁହେଁ। ଏସଂପର୍କରେ ଅନ୍ୟତମ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ରଂଜନ ଗୋଗଇ ଦେଇଥିବା ମତାମତକୁ ସମର୍ଥନ କରି ଜଷ୍ଟିସ ଚନ୍ଦ୍ରଚୂଡ କହିଛନ୍ତି ଯେ କମିସନଙ୍କ କ୍ଷମତାରେ ଅଙ୍କୁଶ ଲଗାଇବା ପାଇଁ କୌଣସି ଗାଇଡଲାଇନ୍ସ ନାହିଁ। ଲୋକସଭା ସହିତ ଏକ ସମୟରେ ନିର୍ବାଚନ କରିବା ଲାଗି ବିଧାନସଭାମାନଙ୍କର କାର୍ଯ୍ୟକାଳ ବୃଦ୍ଧି କରିବା ବା ହ୍ରାସ କରିବା ଲାଗି କମିସନଙ୍କୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଏଭଳି ପରିସ୍ଥିତିରେ କମିସନ ନିଜ ମର୍ଜି ମୁତାବକ ନିଷ୍ପତ୍ତି ନେଇପାରିବେ। ବିଧାନସଭାର କାର୍ଯ୍ୟକାଳ ୫ ବର୍ଷ ରହିବ ବୋଲି ସମ୍ବିଧାନରେ ବ୍ୟବସ୍ଥା ଥିବା ବେଳେ କମିସନ ଚାହିଁଲେ ଏହାର କାର୍ଯ୍ୟକାଳ ବୃଦ୍ଧି କରିପାରିବେ ବୋଲି ‘ଏକ ଦେଶ, ଏକ ନିର୍ବାଚନ’ ପ୍ରସ୍ତାବରେ ବ୍ୟବସ୍ଥା କରାଯାଇଛି। କମିସନଙ୍କୁ ଏଭଳି କ୍ଷମତା ଦିଆଯିବା ଠିକ୍ ନୁହେଁ। କେଉଁ ପରିସ୍ଥିତିରେ ଏବଂ କିଭଳି କମିସନ ଏହି କ୍ଷମତାର ▶ପୃଷ୍ଠା-୭

# ସୃଷ୍ଟିହେଲା ଲଘୁଚାପ | ଆଜି ଅଧା ଓଡ଼ିଶାରେ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୬।୭ (ସମିସ): ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରବିବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଗାମୀ ୨ରୁ ୩ ଦିନ ଯାଏ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ ଦେଇ ଗତି କରିବାର ସମ୍ଭାବନା ରହିଛି। ଫଳରେ ଆଗାମୀ ୧୨ ତାରିଖ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

### ୧୨ ଯାଏଁ ନିସ୍ତାର ନାହିଁ

କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ ଅନୁଯାୟୀ ଆସନ୍ତାକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ଅନୁଗୋଳ, ଦେବଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ବଲାଙ୍ଗୀର, ସୋନପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୟାଗଡ, କଟକ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ସତର୍କ ସୂଚନା ଜାରି କରାଯାଇଛି। ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର ଓ ମୟୂରଭଞ୍ଜରେ ମଧ୍ୟ ବର୍ଷା ସମ୍ଭାବନା ଥିବା ▶ପୃଷ୍ଠା-୭

## ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

### ଆଈଶାଶୂ, ନାତୁଣୀବୋହୂ ମୃତ

### ଅଳ୍ପକେ ବର୍ତ୍ତିଗଲା ୬ ବର୍ଷର ଶିଶୁ

■ ନୂଆପଡ଼ା,୬।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଲଖନା ଥାନା ଅଧୀନ ପଟକରପାଲି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ନିର୍ମାଣାଧୀନ କୁକୁଡ଼ା ଫାର୍ମ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ରୂପେ ଶବର (୬୧) ଏବଂ ତାଙ୍କ ନାତୁଣୀ ବୋହୂ ବାଲମିତି ଶବର (୩୫)। ଲଖନା ଥାନା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗାଁ ଶ୍ମଶାନରେ ଏକାଠି ଆଈଶାଶୂ, ନାତୁଣୀବୋହୂଙ୍କ ଜୁଇ ଜଳିଛି। ଏଭଳି ହୃଦୟବିଦାରକ ଘଟଣା ଗାଁକୁ ସ୍ତବ୍ଧ କରିଦେଇଛି। ଗୋଟିଏ ଘରୁ ଦୁଇ ଦୁଇଟି



ଶବ ଉଠିବା ପଟକରପାଲି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଗାଁର ଦିବାକର ଶବର (୩୮) ନାମକ ଜଣେ କ୍ଷୁଦ୍ର ଚାଷୀ ସରକାରୀ ଯୋଜନାରେ ୫ଶହ ବ୍ରଏଲର କୁକୁଡ଼ା ପାଳନ ସକାଶେ ଏକ କୁକୁଡ଼ା ଫାର୍ମ ତିଆରି କରୁଛନ୍ତି। ଫାର୍ମର କାନ୍ଥ ଉଠି ସାରିଥିଲା। ତେବେ ▶ପୃଷ୍ଠା-୭

# ହୀରାକୁଦ ଖୋଲିଲା ୨୦ ଗେଟ୍

## ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୦.୦୪ ଫୁଟ୍

■ ସମ୍ବଲପୁର, ୬।୭ (ସମିସ): ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୧୦ଟାରେ ପ୍ରଥମେ ୭ ନମ୍ବର ଗେଟ୍ ଖୋଲାଯାଇଥିଲା। ପରେ ପର୍ଯ୍ୟାୟକ୍ରମେ ୧୨ଟି ଗେଟ୍ ଖୋଲାଯାଇଥିଲା। ପରେ ଅପରାହ୍ଣରେ ଆଉ ୮ଟି ଗେଟ୍ ଖୋଲାଯାଇଥିଲା। ସେଥିମଧ୍ୟରୁ ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣ ପଟର ୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୧୦.୦୪ ଫୁଟ୍ ରହିଥିଲା। ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା ଓ ଯନ୍ତ୍ରୀମାନେ ଏହାକୁ ପରିଚାଳନା କରିଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଭାରତୀୟ ପ୍ରଶାସନିକ



ସେବା ଶିକ୍ଷାନବୀଶ ଶୁଭ୍ରା ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୫୦,୧୦୨ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୩୬,୫୦୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୭,୨୮୦ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୫୭୭୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୨୨୩ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୦୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୫୨୬୨ ▶ପୃଷ୍ଠା-୭

# ବାହୁଡ଼ାରେ ବାହୁଡ଼ିଗଲେ ୪ ସାଙ୍ଗ

■ ମାଲକାନଗିରି/କୋରାପୁଟ, ୬।୭ (ସମିସ): ସାଙ୍ଗ ହୋଇ ବିଶ୍ୱନିୟନ୍ତାଙ୍କ ବାହୁଡ଼ା ଯାତ୍ରା ଦେଖିବାକୁ ଯାଇଥିଲେ। ରଥ ଟାଣିବା ସହ ପରିବାରଲୋକଙ୍କ ପାଇଁ ଆଶିଷ ଭିକ୍ଷା କରିଥିଲେ। କିନ୍ତୁ ସେଠାରୁ ଘରେ ପହଞ୍ଚିବା ପୂର୍ବରୁ ଅଫେରା ରାଇଜକୁ ବାହୁଡ଼ିଗଲେ। ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଦୁଇ ପୃଥକ୍ ଦୁର୍ଘଟଣାରେ ୪ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ବାହୁଡ଼ା ଯାତ୍ରା ଦେଖି ଫେରୁଥିବା ବେଳେ ଏହି ଅଘଟଣ ଘଟିଛି।

ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ଏମ୍‌ଭି-୮୪ ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତିରେ ଟ୍ରାକ୍ଟର୍ ଧକ୍କାରେ ଦୁଇ ସାଙ୍ଗଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ତଙ୍ଗପାଲ ଗ୍ରାମର ରାଜେଶ ସୋଡ଼ି(୨୦), ବସନ୍ତ କବାସୀ(୧୯)। ସେହିପରି ଏହି ଦୁର୍ଘଟଣାରେ ବବୁଲୁ ମାଡ଼ି (୧୮) ନାମକ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି।

ଗତକାଲି ୩ ସାଙ୍ଗ ରାଜେଶ, ବସନ୍ତ ଓ ବବୁଲୁ ମାଡ଼ି ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବାକୁ ଏକ ବାଇକ୍‌ରେ ମାଲକାନଗିରି ଯାଇଥିଲେ। ତିନିଜଣଯାକ ରାତିରେ ଘରକୁ ଫେରୁଥିବା ବେଳେ ଏମ୍‌ଭି-୮୪ ଗ୍ରାମ ନିକଟରେ ଏକ ଟ୍ରାକ୍ଟର୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ରାଜେଶ ଓ ବସନ୍ତକୁ ମୃତ ଘୋଷଣା କରିଥିଲେ। ବବୁଲୁର ଗୁରୁତର ଅବସ୍ଥାରେ ଚିକିତ୍ସା ଜାରି ରହିଛି। ମୃତ ରାଜେଶଙ୍କ ବାପା କମଲଙ୍କ ଲିଖିତ ଅଭିଯୋଗ ମାଲକାନଗିରି ଆଦର୍ଶ ଥାନା ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି। ସେହିପରି କୋରାପୁଟ ▶ପୃଷ୍ଠା-୭

# ବିଜେପି ଅଧ୍ୟକ୍ଷ ଦୌଡ଼ | ଶିବରାଜ, ଧର୍ମେନ୍ଦ୍ର, ଖଟ୍ଟର ଆଗରେ

■ ନୂଆଦିଲ୍ଲୀ, ୬।୭ (ସମିସ): ବିଜେପିର ଜାତୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ସ୍ଥାନରେ ନିଯୁକ୍ତ ହେବେ ସ୍ଥାୟୀ ଅଧ୍ୟକ୍ଷ। କାର୍ଯ୍ୟକାଳ ଶେଷ ସତ୍ତ୍ୱେ ୨୦୨୩ରୁ ଶ୍ରୀ ନଡ୍ଡା ଦଳର କାମଚଳା ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ପରିବର୍ତ୍ତନ କରାଯାଇ ନ ଥିଲା, ମାତ୍ର ଏବେ ନୂଆ ଅଧ୍ୟକ୍ଷ ନିଯୁକ୍ତି ନିମନ୍ତେ ନୂତନ କମିଟି ଗଠନ ପରେ ଖୁବ୍ ଶୀଘ୍ର ନୂଆ ଅଧ୍ୟକ୍ଷ ନିଯୁକ୍ତି ପାଇ ପାରନ୍ତି ବୋଲି କୁହାଯାଉଛି। ବିଶେଷ ଭାବରେ ଜାତିଗତ ଓ ଆଞ୍ଚଳିକ ସମୀକରଣ ସହ ଅଭିଜ୍ଞତା ଓ ଗ୍ରହଣୀୟତାକୁ ଦଳ ବିଶେଷ ଗୁରୁତ୍ୱ ଦେଉଛି। ଏହା ସହ ଜାତୀୟ ସଭାପତି ନିଯୁକ୍ତିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ଭୂମିକା କେଉଁ ପର୍ଯ୍ୟନ୍ତ ରହିବ ତାହା ସ୍ଥିର ହୋଇ ନ ଥିବାରୁ ଏହି ପ୍ରକ୍ରିୟା ଶେଷ ହେବାକୁ କିଛିମାସ ଲାଗିବ ବୋଲି ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ସୂଚନା ମିଳିଛି।

### ସନ୍ତୋଷ, ପୁରନ୍ଦେଶ୍ୱରୀ ଓ ଭୂପେନ୍ଦ୍ରଙ୍କ ନାମ ବି ଚର୍ଚ୍ଚାରେ

### ଅଭିଜ୍ଞତା ସହିତ ଜାତିଗତ, ଆଞ୍ଚଳିକ ସମୀକରଣକୁ ଗୁରୁତ୍ୱ



ଗଣମାଧ୍ୟମଗୁଡ଼ିକରେ ବିଜେପି ସଭାପତି ନିର୍ବାଚନକୁ ନେଇ ଯାବତୀୟ ଆଲୋଚନା ଚାଲିଛି। ବଙ୍ଗାରୁ ଲକ୍ଷ୍ମଣଙ୍କ ପରେ ପ୍ରାୟ ଗତ ୨୦ ବର୍ଷ ଧରି ଦକ୍ଷିଣ ଭାରତରୁ କେହି ବିଜେପିର ଜାତୀୟ ସଭାପତି ହୋଇ ନାହାନ୍ତି। ସେହିପରି ଆଗାମୀ ଦିନରେ ତାମିଲନାଡୁ, ତେଲଙ୍ଗାନା, କେରଳରେ ନିର୍ବାଚନ ହେବ। ତେଣୁ ବିଜେପିର ପରବର୍ତ୍ତୀ ଜାତୀୟ ଅଧ୍ୟକ୍ଷ ଦକ୍ଷିଣ ଭାରତରୁ ହୋଇ ପାରନ୍ତି ବୋଲି କୁହାଯାଉଛି ଏବଂ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ଓ ଦଳର ବରିଷ୍ଠ ନେତ୍ରୀ ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍‌ଟି ରାମାରାଓଙ୍କ ଝିଅ ପୁରନ୍ଦେଶ୍ୱରୀଙ୍କ ନାମ ମଧ୍ୟ ଏଥିପାଇଁ ଚର୍ଚ୍ଚା ହେଉଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷ ବିହାର ବିଧାନସଭା ▶ପୃଷ୍ଠା-୭

## ରାଜ୍ୟ ସଭାପତି ନାମାଙ୍କନ ଆଜି

■ ଭୁବନେଶ୍ୱର, ୬।୭ (ସମିସ): ରାଜ୍ୟ ବିଜେପି ସଭାପତି ପଦକୁ ନେଇ ଦୀର୍ଘଦିନ ଧରି କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ସୋମବାର ଏହାଉପରୁ ପରଦା ଉଠିବ। ସୋମବାର ସଭାପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ହେବ। ସଭାପତି ଦୌଡ଼ରେ ମନମୋହନ ସାମଲ ସବୁଠାରୁ ଆଗରେ ରହିଥିବା ବେଳେ ଦଳର ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନାମ ମଧ୍ୟ ସଭାପତି ରେସରେ ଥିବା ଚର୍ଚ୍ଚା ହେଉଛି। ତେବେ ଏକାଧିକ ନାମାଙ୍କନ ପରିବର୍ତ୍ତେ ଦଳୀୟ ସଭାପତି ଚୟନ ସହମତି ଭିତ୍ତିରେ ହେବା ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ ୨ଟା ସୁଦ୍ଧା ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପଦ ପାଇଁ ନାମାଙ୍କନପତ୍ର ଦାଖଲ ହେବ। ଅପରାହ୍ଣ ୩ଟା ସୁଦ୍ଧା ନାମାଙ୍କନ ସଂକ୍ରାନ୍ତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟାରେ ଅନ୍ତିମ ସୂଚୀ ପ୍ରକାଶ କରାଯିବ। ଆବଶ୍ୟକ ହେଲେ ୮ ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ।








# ଦାରୁ ଦିଅଁଙ୍କ ସୁନାବେଶ

## ପୁରୀ ବଡ଼ଦାଣ୍ଡ ଜନସମୁଦ୍ର















## ରଥ ଉପରେ ଅଧରପଣା

# ପୂର୍ବେ ହେଉଥିଲା ୧୨ ହାଣ୍ଡି, ଏବେ ୯ ହାଣ୍ଡି

ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ିଛନ୍ତି ଚତୁର୍ଦ୍ଧା ବିଗ୍ରହ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ରବିବାର ସୁନାବେଶ ଅନୁଷ୍ଠିତ ହୋଇଛି। ସୋମବାର ତିନିରଥ ଉପରେ ଅନୁଷ୍ଠିତ ହେବ ଅଧରପଣା ନୀତି। ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧରପଣା କୁହାଯାଏ। ଏହି ନୀତି ପାଇଁ ପୂର୍ବରୁ ୧୨ ହାଣ୍ଡି ଅଧରପଣା ହେଉଥିଲା। କିନ୍ତୁ ଏବେ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ଗବେଷକଙ୍କ ମତରେ, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନିହାଣ୍ଡି, ଏକାଦଶୀ ତିଥିରେ ତିନିହାଣ୍ଡି, ଦ୍ୱାଦଶୀ ଦିନ ତିନିହାଣ୍ଡି ଏହିପରି ୯ ହାଣ୍ଡି ଏବଂ ଶ୍ରୀବଳଭଦ୍ରଙ୍କ ରଥରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ), ଶ୍ରୀଜଗନ୍ନାଥଙ୍କ ରଥରେ ମଦନମୋହନଙ୍କ ପାଇଁ ୧ ହାଣ୍ଡି (ସାନ) ଏହିପରି ୧୨ ହାଣ୍ଡି ଅଧରପଣା ଭୋଗ ହେଉଥିଲା। ସମ୍ପ୍ରତି ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦେଉଛନ୍ତି।

ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତ ଓ ନୀତି ଆରମ୍ଭ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ, ରାଘବ ଦାସ ମଠ ଓ ବଡ଼ଓଡ଼ିଆ ମଠ ପ୍ରଦତ୍ତ ଛେନା, ସର, କଦଳୀ, ଛାଡ଼ି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଣା ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖନ୍ତି। ପ୍ରତି ଠାକୁରଙ୍କ ସମ୍ମୁଖରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ତୁମ୍ବାକାର ମୃତ୍ତିକା ନିର୍ମିତ ତିନିଗୋଟି ହାଣ୍ଡି ରଖାଯାଏ। କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇନଥାଏ। ପୂର୍ବରୁ ପାଣିଆପଟ୍ଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂଅରୁ ଗରାମାନଙ୍କରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥା'ନ୍ତି। କୂଅରୁ ଜଳ ବୋହିବା ସମୟରେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡ଼େଇଥା'ନ୍ତି, ଯେପରି କେହି ପବିତ୍ର ଜଳକୁ ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ହେବା ପୂର୍ବରୁ ମହାସୁଆରମାନେ ଥାଇ ଭିତରଚ୍ଛ, ତଳୁଚ୍ଛ ଓ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ଗାମୁଛା ଟେରା ଧରିଥା'ନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା କରିଆ (ଜାଲି କନା) ପକାଯାଏ। ପବିତ୍ର ଜଳକୁ ଛାଣିବା ଉଦ୍ଦେଶ୍ୟରେ ଏହା ପକାଯାଇଥାଏ। ମହାସୁଆରମାନେ ପ୍ରତି ରଥ ଉପରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥା'ନ୍ତି। ଏହାକୁ ପତ୍ରୀବଡ୍ଡୁ, ସୁଆରବଡ୍ଡୁ, ଗରାବଡ୍ଡୁ ପାଳିଆ ସେବକ ତିନିରଥ ଉପରେ ପୂଜା କରନ୍ତି। ଏହାପରେ ପାଳିଆ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ଲଗାଇଥା'ନ୍ତି। ଭୋଗ ହେବା ପରେ ଠାକୁରମାନଙ୍କ ସମ୍ମୁଖରେ ଏହି ପାତ୍ରମାନଙ୍କୁ ଭାଙ୍ଗି ଦିଆଯାଇଥାଏ।

ଜନଶ୍ରୁତିରୁ ଜଣାଯାଏ, ତିନିରଥ ଉପରେ ଠାକୁରମାନଙ୍କୁ ଅର୍ପିତ ଅଧରପଣା ଭୋଗ ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡି ଚାମଣ୍ଡା ଓ ଅର୍ଦ୍ଧଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। କାରଣ ସଚରାଚର ବିଶ୍ୱବ୍ରହ୍ମାଣ୍ଡର ହିତ ସାଧନ ନିମନ୍ତେ ମହାପ୍ରଭୁ ନବଦିନାତ୍ମକ ଯାତ୍ରା କରିଥା'ନ୍ତି। ଏହି ଚଣ୍ଡି ଚାମଣ୍ଡା ପ୍ରଭୃତିଙ୍କ ପାଇଁ ସମର୍ପଣର ପ୍ରଥା ନାହିଁ। ଏଣୁ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେମାନଙ୍କୁ ତୃପ୍ତ କରିବା ପାଇଁ ଏଭଳି ବିଧାନ ବହୁ ପ୍ରାଚୀନକାଳରୁ ରହି ଆସିଛି। ଏଥିପାଇଁ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହି କାରଣରୁ ସାଧାରଣତଃ ଅନ୍ୟ କେହି ଏହି ଅମୃତୋପମ ପଣାକୁ ସେବନ କରି ନ ଥା'ନ୍ତି।

### ଅଧରପଣା ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ-ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶ ଶେଷ | ୯ଟା |
| ଗୋପାଳବଲ୍ଲଭ | ପୂର୍ବାହ୍ଣ ୧୦ରୁ ୧୦ଟା ୩୦ |
| ସକାଳଧୂପ | ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ |
| ମଇଲମ | ଅପରାହ୍ଣ ୧ଟା |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ଣ ୧ଟା ୩୦ |
| ବେଶ ଶେଷ | ୨ଟା |
| ମଧ୍ୟାହ୍ନ ଧୂପ | ଅପରାହ୍ଣ ୩ଟା ୩୦ରୁ ୪ଟା ୩୦ |
| ଅଧରପଣା ଶେଷ | ରାତି ୮ଟା |
| ମହାସ୍ନାନ ଶେଷ | ୯ଟା |
| ମଇଲମ ଓ ବେଶ | ୧୦ଟା |
| ସନ୍ଧ୍ୟା ଆଳତି | ୧୦ଟା ୩୦ |
| ସନ୍ଧ୍ୟାଧୂପ | ରାତି ୧୧ଟାରୁ ୧୨ଟା |
| ମଇଲମ, ଚନ୍ଦନଲାଗି | ୧୨ଟା ୩୦ |
| ବଡ଼ସିଂହାର ବେଶ | ୧ଟା |
| ବଡ଼ସିଂହାର ଭୋଗ | ୧ଟା ୩୦ |
| ଶ୍ରୀଗରୁଡ଼ ଶୟନ | ୧ଟା ୩୦ |
| ରାତ୍ର ପହୁଡ଼ | ରାତି ୨ଟା |

ଶୟନ ଗଲେ ହରି

# ଆରମ୍ଭ ହେଲା ଅଶୁଭ କାଳ

ସନାତନ ପରମ୍ପରାରେ ସୁନାବେଶ ଦିନ ଅର୍ଦ୍ଧରାତିରୁ ଚତୁର୍ମାସ୍ୟା ବ୍ରତ ଆରମ୍ଭ ହୁଏ। ଏହି ଦିନଠାରୁ ମହାପ୍ରଭୁ ଶୟନ ଯାଇଥା'ନ୍ତି। ଏହାକୁ ହରିଶୟନ ଏକାଦେଶୀ କୁହାଯାଏ। ରବିବାରଠାରୁ ହରି ଶୟନ କରିଛନ୍ତି। ୪ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥା'ନ୍ତି। ଠାକୁରଙ୍କ ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନୀ, ସାଧୁସନ୍ଥ, ମହାପୁରୁଷ, ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକମାନେ ଚତୁର୍ମାସ୍ୟା ବ୍ରତ ପାଳନ କରିଥା'ନ୍ତି। ଏହି ସମୟରେ ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥା'ନ୍ତି। ଏଥିସହ ପଠନ ଓ ପାଠନରେ ସମୟ ବିତାଇଥା'ନ୍ତି। ମହାପ୍ରଭୁଙ୍କ ଶୟନ କାଳ ମଣିଷମାନଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ସୂର୍ଯ୍ୟ ଦକ୍ଷିଣାୟନ ଗତି କରନ୍ତି।

ଜ୍ୟୋତିଷ ଶାସ୍ତ୍ର ମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭକାର୍ଯ୍ୟ ଅର୍ଥାତ୍ ଯଜ୍ଞ, ବିବାହ, ଗୋଦାନ ଆଦି ହୁଏ ନାହିଁ। ସୂର୍ଯ୍ୟଙ୍କର ଉତ୍ତରାୟଣ ହେଲେ ପୁଣି ଶୁଭ କାର୍ଯ୍ୟ ଆରମ୍ଭ ହୁଏ। ମହାପ୍ରଭୁଙ୍କର ରଥ ଉପରେ ସୁନାବେଶ ଓଲାଗି ପରେ ଚନ୍ଦନ ଲାଗି, ବଡ଼ସିଂହାର ବେଶ ଓ ଭୋଗ ହୋଇଥାଏ। ମହାସ୍ନାନ ପୂଜା ଠା ପରେ ଶୟନ ଠାକୁର ରଥକୁ ବିଜେ ହୋଇଥା'ନ୍ତି। ରଥରେ ନୀତି ସରିବା ପରେ ଅର୍ଦ୍ଧରାତିରେ ମହାପ୍ରଭୁଙ୍କଠାରୁ ଆଜ୍ଞା ନେଇ ଶୟନ ଯାଇଥା'ନ୍ତି। ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ଠାକୁର ପାର୍ଶ୍ୱ ପରିବର୍ତ୍ତନ ଅର୍ଥାତ୍ କଡ଼ ଲେଉଟାଇଥାନ୍ତି। ତେଣୁ ଏହାକୁ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ କୁହାଯାଏ। କାର୍ତ୍ତିକ ମାସ ବଡ଼ ଏକାଦଶୀରେ ଠାକୁର ନିଦ୍ରା ତ୍ୟାଗ କରି ଉଠିଥା'ନ୍ତି। ଏହାକୁ ଦେବ ଉତ୍ଥାପନ ଏକାଦଶୀ କୁହାଯାଏ। ଶାସ୍ତ୍ର ଅନୁସାରେ, ଯେଉଁମାନେ ପବିତ୍ର ମନରେ ହରିଶୟନ ଏକାଦଶୀ ବ୍ରତ ପାଳନ କରିଥାନ୍ତି, ତାଙ୍କର ମନସ୍କାମନା ପୂର୍ଣ୍ଣ ହେବା ସହ ସମସ୍ତ ପାପ କ୍ଷୟ ହୋଇଥାଏ। ସେହିପରି ହରିଶୟନ ଏକାଦଶୀ କଥା ପଢ଼ିବା ଓ ଶୁଣିବା ଦ୍ୱାରା ସହସ୍ର ଗୋଦାନ ତୁଲ୍ୟ ପୁଣ୍ୟ ଫଳପ୍ରାପ୍ତି ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ସୋମବାରଠାରୁ ଗରୁଡ଼ ଶୟନ ଯିବେ। ଏହାକୁ ଗରୁଡ଼ ଶୟନ ନୀତି କୁହାଯାଏ।

■ ସୁନାବେଶରେ ଅଘଟଣ

# ମଠରୁ ଖସି ଭକ୍ତ ଗୁରୁତର

ରଥାରୂଢ଼ ଠାକୁରଙ୍କ ସୁନାବେଶ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତ ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠରୁ ଖସି ପଡ଼ି ଗୁରୁତର ହୋଇଛନ୍ତି। ଜଗତସିଂହପୁର ଜିଲ୍ଲା ପାଟେଲୀ ଗାଁର ବାବାଜୀ ବେହେରା ରଥ ଉପରେ ଠାକୁରଙ୍କ ସୁନାବେଶ ଦର୍ଶନ ଲାଗି ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ଉପରକୁ ଯାଇଥିଲେ। ହେଲେ କୌଣସି କାରଣରୁ ସେ ହଠାତ୍ ମଠ ଉପରୁ ତଳକୁ ଖସି ପଡ଼ିଥିଲେ।

ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବାବାଜୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପାଟି ଓ ନାକରୁ ରକ୍ତ ବାହାରୁଛି। ତେବେ ସେ କେଉଁ ପରିସ୍ଥିତିରେ ସେ ମଠ ଉପରକୁ ଯାଇଥିଲେ ଓ କିଭଳି ଖସିପଡ଼ିଲେ, ତାହା ସ୍ପଷ୍ଟ ହୋଇନାହିଁ।



ଆକାଶେ ହସୁଛି କଳା ବଉଦ, ସୁନାବେଶ ଦେଖି ଭକ୍ତ ବିମୁଗ୍ଧ (ଫଟୋ-ଅନିଲ)

## ବିଏଡ୍ ପ୍ରବେଶିକା ଜାଲିଆତି

# ଏସ୍ଏସ୍‌ବିର ଭୁଲ୍; ତଣ୍ଡ ଗଣିବେ ପରୀକ୍ଷାର୍ଥୀ

■ ଗୋଟିଏ ଚ୍ୟାଲେଞ୍ଜ ପାଇଁ ୨ଶହ ଟଙ୍କାକୁ ବିରୋଧ
■ ଉଚ୍ଚଶିକ୍ଷା ବିଭାଗ ଏକ୍ସରେ ବର୍ଷିଲେ ପରୀକ୍ଷାର୍ଥୀ

**ଭୁବନେଶ୍ୱର,୬।୭(ସମିସ):** ବିଏଡ୍ ପ୍ରବେଶିକା ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ନମ୍ବର ନେଇ ଆରମ୍ଭ ହୋଇଥିବା ବିବାଦ ସରିବାର ନା ନେଉନି। ଗୋଟିଏ ପରେ ଗୋଟିଏ ଅଭିଯୋଗ ପରୀକ୍ଷା ପରିଚାଳନା କରିଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍‌ବି) ଏବଂ ଉଚ୍ଚଶିକ୍ଷା ବିଭାଗର ମୁଣ୍ଡବ୍ୟଥାର କାରଣ ହୋଇଛି। ନମ୍ବର ବଢ଼ାଇବାକୁ ଶତାଧିକ ଛାତ୍ରଛାତ୍ରୀ ଆବେଦନ କରିବା ପରେ ପ୍ରୋଭିଜିନାଲ୍ ଆନସାର୍ କି' ପ୍ରକାଶ କରିବାକୁ ବିଜ୍ଞପ୍ତି ଜାରି କରିଛି। ଉତ୍ତରକୁ ନେଇ ଦ୍ୱନ୍ଦ୍ୱ ଥିଲେ ପରୀକ୍ଷାର୍ଥୀଙ୍କୁ ଅଭିଯୋଗ କରିବା ପାଇଁ ସୁଯୋଗ ଦିଆଯାଇଛି। ହେଲେ ପ୍ରତିଟି ଉତ୍ତର ପାଇଁ ୨ଶହ ଟଙ୍କା ଲେଖାଏଁ ଅଣଫେରସ୍ତ ଫି ଧାର୍ଯ୍ୟକୁ ନେଇ ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକିୟା ପ୍ରକାଶ କରିଛନ୍ତି। ଏସ୍ଏସ୍‌ବିର ଭୁଲ୍ ପାଇଁ ପରୀକ୍ଷାର୍ଥୀମାନେ କାହିଁକି ତଣ୍ଡ ଗଣିବେ ବୋଲି ପ୍ରଶ୍ନ କରିଛନ୍ତି।

ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନ ୧୧ଟାରେ ବିଏଡ୍ ପରୀକ୍ଷାର ଆନ୍‌ସାର୍ କି' ପ୍ରକାଶ ପାଇବ। ତହିଁରେ ଦର୍ଶାଯାଇଥିବା ଉତ୍ତରକୁ ୮ରୁ ୧୦ ତାରିଖ ମଧ୍ୟରେ ପରୀକ୍ଷାର୍ଥୀମାନେ ଚ୍ୟାଲେଞ୍ଜ କରିପାରିବେ। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଯାହାକୁ ନେଇ ପରୀକ୍ଷାର୍ଥୀ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ), ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି) ପରି ବିଭିନ୍ନ ପ୍ରବେଶିକା ଓ ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପ୍ରୋଭିଜିନାଲ୍ ଆନ୍‌ସାର୍ କି' ପ୍ରକାଶ ପରେ କୌଣସି ଦ୍ୱନ୍ଦ୍ୱ ଥିଲେ ପରୀକ୍ଷାର୍ଥୀଙ୍କ ଠାରୁ ଆବେଦନ ଆହ୍ୱାନ କରିଥାନ୍ତି। ଏଥିପାଇଁ ଫି' ନିର୍ଦ୍ଧାରଣ କରିବା ସହ ଅଭିଯୋଗ ସତ୍ୟ ହେଲେ ସେହି ଫି' ତାଙ୍କୁ ଫେରସ୍ତ କରାଯାଏ। ସତ୍ୟତା ନ ଥାଇ ଅଭିଯୋଗ କଲେ ଫି' ଫେରସ୍ତ ହୋଇନଥାଏ। ଫଳରେ ଅଭିଯୋଗ ସଂଖ୍ୟା କମାଇବାକୁ ଲକ୍ଷ୍ୟ ଥାଏ। ହେଲେ ଅଭିଯୋଗରେ ସତ୍ୟତା ଥିଲେ ଏସ୍ଏସ୍‌ବି କାହିଁକି ଫି' ଫେରସ୍ତ କରିବ ନାହିଁ? ଅପରପକ୍ଷରେ ଅନେକ ପିଲା ୨୦ରୁ ୩୧.୨୫ ମାର୍କ ଯାଏଁ ବଢ଼ିବ ବୋଲି ଦାବି କରିଛନ୍ତି। ସର୍ବାଧିକ ୩୧.୨୫ ମାର୍କ ମଧ୍ୟ ବଢ଼ିଛି। ତାହେଲେ ପ୍ରତି ପ୍ରଶ୍ନ ପିଛା ୨ଶହ ଟଙ୍କା ହିସାବରେ ୬,୨୫୦ଟଙ୍କା ଫି' ଦାଖଲ କରିବାକୁ ହେବ। ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ନୁହେଁ। ଏସ୍ଏସ୍‌ବି ପକ୍ଷରୁ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପାଇଁ ପିଲାଙ୍କ ମାର୍କ କମିଛି। ସେହି ତ୍ରୁଟିକୁ ସଜାଡ଼ିବାକୁ ପରୀକ୍ଷାର୍ଥୀମାନେ କାହିଁକି ଆର୍ଥିକ ଦଣ୍ଡ ପାଇବେ?

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତିକୁ ଗତ ୩ତାରିଖରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରାଯାଇଥିବାବେଳେ ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆବେଦନ କଲାବେଳେ ୫ଶହ ଏବଂ ଗୋଟିଏ ଚ୍ୟାଲେଞ୍ଜ ପାଇଁ ୨ଶହ ଟଙ୍କା ଆଦାୟ କରିବା ଏସ୍ଏସ୍‌ବିର ବ୍ୟବସାୟିକ ମନୋଭାବ ଜଣାପଡୁଥିବା ଜଣେ ୟୁଜର୍ ଲେଖିଛନ୍ତି। ସେହିପରି ଗୌରିମଣୀ ଦାସ୍ ନାମକ ଜଣେ ପରୀକ୍ଷାର୍ଥୀ ତାଙ୍କ ପାଖରେ ଟଙ୍କା ନାହିଁ, ତାଙ୍କୁ ନ୍ୟାୟ ଦେବାକୁ ଅପିଲ୍ କରିଛନ୍ତି। ରଶ୍ମିରଞ୍ଜନ ଦାସ୍ ନାମକ ଜଣେ ୟୁଜର୍ ଲେଖିଛନ୍ତି ଯେ ପ୍ରଥମେ ଭୁଲ୍ ଉତ୍ତର ଦେବେ, ତା ପରେ ପ୍ରତିଟି ଚ୍ୟାଲେଞ୍ଜ ପାଇଁ ୨ଶହ ଲେଖାଏଁ ଆଦାୟ କରିବେ। ଗରିବ ମେଧାବୀଙ୍କ କଣ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନେକ ୟୁଜର୍ ଏହି ନିଷ୍ପତ୍ତିକୁ ପାଗଳାମି କହି ଉଭୟ ଏସ୍ଏସ୍‌ବି ଓ ବିଭାଗ ଉପରେ ବର୍ଷିଛନ୍ତି। ଏଣୁ ଏହି ନିଷ୍ପତ୍ତିର ପୁନଃ ବିଚାର କରିବା ସହ ଅଭିଯୋଗ ସତ୍ୟ ହେଲେ ଫି' ଫେରସ୍ତ କରିବାକୁ ଦାବି କରିଛନ୍ତି। ବିଏଡ୍ ପରୀକ୍ଷା ପରିଚାଳନାରେ ଅନିୟମିତତା ନେଇ ସନ୍ଦେହ ଥିବାରୁ ଆନ୍‌ସାର୍ କି' ପ୍ରକାଶ ପାଇବା ପରେ ବହୁ ପରୀକ୍ଷାର୍ଥୀ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ମଧ୍ୟ ପ୍ରକାଶ କରିଛନ୍ତି।

## ■ ବିନିକାରେ ଅଘଟଣ

# ରଥଚକ୍କ ତଳେ ଚାପି ହୋଇ ୬ ଗୁରୁତର

**ବିନିକା, ୬।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରରେ ରବିବାର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ବେଳେ ଏକ ଅଘଟଣ ଘଟିଛି। ରଥଟଣା ବେଳେ ୪ ଜଣ ନାବାଳକ ସହ ଅନ୍ୟ ୨ଜଣ ଭକ୍ତ ରଥ ତଳେ ଚାପି ହୋଇ ଗୁରୁତର ହୋଇଛନ୍ତି। ୪ ନାବାଳକ ହେଲେ, ପିଙ୍କୁ ମେହେର(୧୨), ପ୍ରତ୍ୟଶ ମାହାଣା, ଆଦର୍ଶ ଦାସ(୯), ସରୋଜ ଦାସ (୯)। ଅନ୍ୟ ୨ ଭକ୍ତଙ୍କ ପରିଚୟ ଜଣାପଡ଼ିନାହିଁ। ତେବେ ୪ ନାବାଳକଙ୍କ ଭିତରୁ ଜଣେ



ନାବାଳକଙ୍କ ସଂକଟାପନ୍ନ ରହିଛି। ତାକୁ ବୁର୍ଲା ଭିମ୍‌ସାର୍ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ବିନିକା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ସୂଚନାନୁଯାୟୀ, ରବିବାର ଅପରାହ୍ଣ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଗୁଣ୍ଡିଚା ମନ୍ଦିରକୁ ନିକଟରେ ରଥ ପହଞ୍ଚିଲା ବେଳକୁ ୪ ନାବାଳକ ସହ ଅନ୍ୟ ୨ଜଣ ଭକ୍ତ ରଥ ତଳେ ଚାପି ହୋଇଯାଇଥିଲେ। ତୁରନ୍ତ ଉପସ୍ଥିତ ଭକ୍ତ ସମସ୍ତଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଗୁଣି ସନ୍ଦେହରୁ ପୁଣି ଗଡ଼ିଲା ମୁଣ୍ଡ

# ପଥରରେ ଛେଚି ଯୁବକଙ୍କୁ ହତ୍ୟା

**ରାଉରକେଲା/କୋଇଡ଼ା, ୬।୭ (ସମିସ):** ଗୁଣି ସନ୍ଦେହରେ ପଥରରେ ଛେଚି ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ରବିବାର କୋଇଡ଼ା ଥାନା ଅନ୍ତର୍ଗତ ମାଲଦା ପଞ୍ଚାୟତର କାକରପାଣି ଗ୍ରାମରେ ଏହି ଘଟଣା ଘଟିଛି। ମୃତ ଯୁବକ ହେଲେ, ଉକ୍ତ ଗ୍ରାମରେ ରହୁଥିବା ଝାଡ଼ଖଣ୍ଡ ଅଞ୍ଚଳର ଅମ୍ରିତ ଯୋଯୋ। ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ଗାବ୍ରିଏଲ୍ ସୁରିନ(୨୧)କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।



ସୂଚନାନୁଯାୟୀ, ଉଭୟ ଗାବ୍ରିଏଲ ଓ ଅମ୍ରିତର ଘର ଝାଡ଼ଖଣ୍ଡ ଅଞ୍ଚଳରେ। ପ୍ରାୟ ୨୦ବର୍ଷ ହେବ ସେମାନେ କାକରପାଣି ଗ୍ରାମରେ ରହି ଆସୁଛନ୍ତି। ଉଭୟ ମିତ୍ତଲ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କିଛି ଦିନ ହେବ ଗାବ୍ରିଏଲ ଅସୁସ୍ଥ ହୋଇପଡ଼ିଥିଲେ। ବହୁ ଚିକିତ୍ସା ପରେ ମଧ୍ୟ ସେ ଆରୋଗ୍ୟ ନ ହେବାରୁ ତାଙ୍କର ଚିନ୍ତା ବଢ଼ିଥିଲା। ତେବେ ଅମ୍ରିତ ତନ୍ତ୍ରମନ୍ତ୍ର ତଥା ଗୁଣିଗାରେଡ଼ି କରୁଥିବାରୁ ଏପରି ହେଉଥିବା ସେ ସନ୍ଦେହ କରିଥିଲା। ଶନିବାର ସକାଳେ ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇଥିଲା। ଏଥିରେ ଗାବ୍ରିଏଲ ରାଗିଯିବା ସହ ଅମ୍ରିତଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲା। କେବଳ ସୁଯୋଗ ଅପେକ୍ଷାରେ ରହିଥିଲା। ଶନିବାର ରାତି ପ୍ରାୟ ୧୦ଟାରେ କୋଇଡ଼ାରୁ ବାହୁଡ଼ା ଯାତ୍ରା ଦେଖି ଉଭୟ ଗାଁକୁ ଫେରିବା ବେଳେ ପୁନର୍ବାର ପୂର୍ବ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମାରପିଟ୍ ଠେଲାପେଲା ପରେ ଅମ୍ରିତ ତଳେ ପଡ଼ିଯିବାରୁ ଗାବ୍ରିଏଲ ଏକ ବଡ଼ ପଥର ଅମ୍ରିତର ମୁଣ୍ଡରେ ଛେଚି ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରିଥିଲା। କିଛି ଗ୍ରାମବାସୀ ସେହି ରାସ୍ତା ଦେଇଆସୁଥିବା ବେଳେ ଅମ୍ରିତର ରକ୍ତାକ୍ତ ଶରୀର ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ କୋଇଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ପହଞ୍ଚି ଶବ ଜବତ କରିଥିଲେ। ରବିବାର ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ କରିବା ପରେ ଶବ ବ୍ୟବଚ୍ଛେଦ ହୋଇଥିଲା। ପୁଲିସ ଅଭିଯୁକ୍ତ ଗାବ୍ରିଏଲକୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।


# ମୀନାକ୍ଷୀ ବାହିନୀପତି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ

**ଭୁବନେଶ୍ୱର,୬।୭(ସମିସ):** ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ପୁନର୍ବାର ନିଯୁକ୍ତି ପାଇଛନ୍ତି ମିନାକ୍ଷୀ ବାହିନୀପତି। ଅଖିଳ ଭାରତ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼୍‌କେ ଶ୍ରୀମତୀ ବାହିନୀପତିଙ୍କ ନିଯୁକ୍ତିକୁ ଅନୁମୋଦନ ପ୍ରଦାନ କରିଥିବା ନେଇ ଏଆଇସିସି ସାଧାରଣ



ସମ୍ପାଦକ କେସି ଭେଣୁ ଗୋପାଳ ଘୋଷଣା କରିଛନ୍ତି। ଶ୍ରୀମତୀ ବାହିନୀପତି ପୂର୍ବରୁ ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି। ଏତଦଭିନ୍ନ ସେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ସଭାପତି, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। କୋରାପୁଟ ପୌରାଞ୍ଚଳର ଅଧକ୍ଷା ଭାବରେ ସେ ଦୁଇଥର ନିର୍ବାଚିତ ହୋଇଥିଲେ। ଏହି ନିଯୁକ୍ତି ପାଇଁ ଶ୍ରୀମତୀ ବାହିନୀପତି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ଏଆଇସିସି ମହିଳା ସଭାନେତ୍ରୀ ଅଲକା ଲାମ୍ବାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖରଗେ ଏବଂ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶ ଓ ମହିଳାମାନଙ୍କ ପ୍ରତି ଥିବା ସେମାନଙ୍କର ପ୍ରତିବଦ୍ଧତାକୁ ଅନୁସରଣ କରି ରାଜ୍ୟରେ ମହିଳା ସଂଗଠନକୁ ସୁଦୃଢ଼ କରାଯିବ। ଏହାସହ ନାରୀନ୍ୟାୟ ସଂଗ୍ରାମକୁ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀମତୀ ବାହିନୀପତି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଦୁଇ ମାଓବାଦୀ ଗିରଫ



**ମାଲକାନଗିରି, ୬।୭ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେରରେ ଜଣେ ମହିଳା ମାଓବାଦୀ ସମେତ ଦୁଇ ମାଓବାଦୀ ଗିରଫ ହୋଇଛନ୍ତି। କାଙ୍କେର ଜିଲ୍ଲା ମିଞ୍ଜି ଜଙ୍ଗଲରେ ପୁଲିସ ଏବଂ ବିଏସ୍ଏଫ ବାହିନୀ ପକ୍ଷରୁ ମାଓ ଦମନ ନିମନ୍ତେ ତଲାସି ଅଭିଯାନ ଜାରି ରହିଥିବା ବେଳେ ଯବାନଙ୍କୁ ଦେଖି ଜଣେ ମହିଳା ଓ ପୁରୁଷ ଦୌଡ଼ିଥିଲେ। ସନ୍ଦେହ ହେବାରୁ ସେମାନଙ୍କୁ ଯବାନମାନେ କାବୁ କରିଥିଲେ। ସେମାନଙ୍କ ନିକଟରୁ ୪ଟି ବନ୍ଧୁକ ଜବତ କରାଯାଇଛି। ସେମାନେ ମାଓବାଦୀ କାର୍ଯ୍ୟରେ ଜଡ଼ିତ ଥିବା ପ୍ରକାଶ କରିଛନ୍ତି। ଅଧିକ ତଦନ୍ତ ପରେ ମହିଳା ମାଓବାଦୀର ନାମ ସୁକମି ପଦା ଏବଂ ପୁରୁଷ ମାଓବାଦୀର ଲଖମୁ ପଦା ବୋଲି ଜଣାପଡ଼ିଥିଲା। ଗିରଫ ମହିଳା ମାଓବାଦୀ ସୁକମି ନାମରେ ୫୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିବା ବେଳେ ଉଭୟ ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ।

# ମହିଳାଙ୍କୁ ପୋଡ଼ି ମାରିଦେଲେ!

## ଘର ଭିତରୁ ଅର୍ଦ୍ଧଦଗ୍ଧ ଶବ ଜବତ; ୩ ଅଟକ

**ବାଲେଶ୍ୱର, ୬।୭ (ସମିସ):** ବାଲେଶ୍ୱର ଟାଉନ ଥାନା କାଦ୍ରାବାଦ ଅଞ୍ଚଳର ଏକ ଘର ମଧ୍ୟରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳାଜଣଙ୍କ ହେଲେ, ମଧୁସ୍ମିତା ପାଢ଼ୀ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ୱାମୀ ହିମାଂଶୁ ପାଢ଼ୀଙ୍କ ସମେତ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ମଧୁସ୍ମିତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଇ ଦିଲ୍ଲୀପ କୁମାର ଦାସ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମଧୁସ୍ମିତା ୧୮ ବର୍ଷ ତଳେ ହିମାଂଶୁକୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ସେମାନେ କାଦ୍ରାବାଦ ଅଞ୍ଚଳରେ ଘର କରି ରହୁଥିଲେ। ସେମାନଙ୍କର ୧୭ ବର୍ଷର ଏକ ପୁଅ ମଧ୍ୟ ରହିଛି। ଆଜି ସକାଳେ ମଧୁସ୍ମିତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଘର ମଧ୍ୟରେ ଥିବା ଶିଢ଼ି ନିକଟ ଗାଧୁଆ ଘରଠାରେ ପଡ଼ିଥିଲା। ଘରୁ ପୋଡ଼ା ଗନ୍ଧ ବାହାରୁଥିବା ଜାଣି ସ୍ଥାନୀୟ ଲୋକେ ଟାଉନ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚିଥିଲା। ତେବେ କେଉଁ ପରିସ୍ଥିତିରେ ମଧୁସ୍ମିତାଙ୍କ ମୃତ୍ୟୁ ଘଟିଲା ଓ ତାଙ୍କ ଦେହରେ କିଏ ନିଆଁ ଲଗାଇଲା, ସେନେଇ ପୁଲିସ୍ ତଦନ୍ତ ଚଳାଇଛି।

# ବିଷାକ୍ତ ଛତୁ ଖାଇ ୧୧ ଅସୁସ୍ଥ



**ରାୟଗଡ଼ା/ଟିକିରି, ୬।୭(ସମିସ):** ବିଷାକ୍ତ ଜଙ୍ଗଲୀ ଛତୁ ଖାଇ କାଶୀପୁର ବ୍ଲକ୍ କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ ଟିକରାପଡ଼ା ଗାଁର ତିନି ପରିବାରର ୧୧ଜଣ ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଅସୁସ୍ଥଙ୍କ ମଧ୍ୟରେ ଗୋଟିଏ ପରିବାରର ୬ଜଣ ରହିଛନ୍ତି। ସେମାନେ ହେଲେ, ରେଙ୍ଗୁ ନାଏକ, କୁମାରୀ ନାଏକ, ଅଞ୍ଜନା ନାଏକ, ଧନମଣି ନାଏକ, ଲାକେବତୀ ନାଏକ ଓ ଦୁର୍ଯ୍ୟୋଧନ ନାଏକ। ସମସ୍ତଙ୍କୁ ଟିକିରି ଓଷାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ସେହିଭଳି ଅନ୍ୟ ଦୁଇ ପରିବାରର ୫ ଜଣଙ୍କୁ ପ୍ରଥମେ ଓଷାପଡ଼ା ଓ ସେଠାରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ, ଦାମୁ ଝୋଡ଼ିଆ, ଚମ୍ପା ଝୋଡ଼ିଆ ଓ ତାଙ୍କ ୮ ବର୍ଷର ପୁଅ ଏବଂ ଧନୁ ଗୌଡ଼ ଓ ତାଙ୍କ ପତ୍ନୀ କବିଲା ଗୌଡ଼। ଗାଁର ତିନିଜଣ ମହିଳା ଶନିବାର ସକାଳେ ନିକଟସ୍ଥ ଜଙ୍ଗଲକୁ ଯାଇ ଛତୁ ଗୋଟାଇ ଆଣିଥିଲେ। ସମସ୍ତେ ଛତୁ ରୋଷେଇ କରି ଖାଇଥିଲେ। ସନ୍ଧ୍ୟାରେ ସମସ୍ତଙ୍କ ବାନ୍ତି ହେବା ସହ ମୁଣ୍ଡ ବୁଲାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଦାମୁ କହିଛନ୍ତି ଯେ ଏହି ଛତୁ ପୂର୍ବରୁ ବହୁତଥର ଖାଇଛନ୍ତି, ହେଲେ କେବେ କିଛି ହୋଇନଥିଲା।

# ମଝି ସମୁଦ୍ରରେ ଡଙ୍ଗାରୁ ଖସିପଡ଼ିଲେ ମତ୍ସ୍ୟଜୀବୀ

**ଚନ୍ଦନେଶ୍ୱର,୬।୭(ସମିସ):** ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବେଳେ ଡ଼ଙ୍ଗାରୁ ଖସି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି। ମୃତ ମତ୍ସ୍ୟଜୀବୀ ହେଲେ, ଭୋଗରାଇ ବ୍ଲକ କୀର୍ତ୍ତନିଆ ପଞ୍ଚାୟତ ଅଧୀନ ସେହି ଗ୍ରାମର ଜଗନ୍ନାଥ ବଡ଼ାଇ (୫୦)। ଗ୍ରାମର ଭୀମ ଚରଣ ବଡ଼ାଇଙ୍କ ପୁଅ ଜଗନ୍ନାଥ ଆଜି ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବେଳେ ଅସାବଧାନତାବଶତଃ ଡଙ୍ଗାରୁ ଖସି ପାଣିରେ ପଡ଼ି ଯାଇଥିଲେ। ସଙ୍ଗେସଙ୍ଗେ ଡଙ୍ଗାରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ତାଙ୍କୁ ବହୁତ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ପାଖାପାଖି ୨୦ ମିନିଟ୍ ପରେ ସମୁଦ୍ର ଭିତରୁ ତାଙ୍କୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଭୋଗରାଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଜଗନ୍ନାଥ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ। ସେ ମାଛ ଧରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ସ୍ଥାନୀୟ ସରପଞ୍ଚ ରାଧାରାଣୀ ବେହେରା, ସମିତି ସଦସ୍ୟ ବିଜୟ ଗିରି, ପୂର୍ବତନ ଜିଲ୍ଲା ପରିଷଦ ପ୍ରଦୀପ ବେହେରା ପ୍ରମୁଖ ଦାବି କରିଛନ୍ତି।

## ଜଗନ୍ନାଥ ନିଆଁରେ ସନ୍ତୋଷ ଘିଅ

# ଅଗ୍ନିପରୀକ୍ଷାରେ ବିଜେପି 'ଅସ୍ମିତା'

■ ଜଗନ୍ନାଥ ପ୍ରସଙ୍ଗରେ ଦଳର ବରିଷ୍ଠ ନେତାଙ୍କ ମଧ୍ୟରେ ଫାଟ
■ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟକୁ ନେଇ ନେତା ଅସୁଖୀ
■ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ
■ ଅପରାଜିତାଙ୍କ ପାଇଁ ମହଙ୍ଗା ହେବ କି ଜଗା ବିରୋଧୀ ବୟାନ

**ଭୁବନେଶ୍ୱର,୬।୭(ସମିସ):** ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଭୂମିକା ଏବଂ ଗିରଫଦାରୀକୁ ନେଇ ବିଜେପିରେ ଅସନ୍ତୋଷ କୁହୁଳୁଛି। ଜଗନ୍ନାଥଙ୍କ ଗିରଫଦାରୀକୁ ଗୋଟିଏ ଗୋଷ୍ଠୀ ସଠିକ୍ ବୋଲି ଦର୍ଶାଉଥିବା ବେଳେ ଅନ୍ୟ ଗୋଷ୍ଠୀଗୁଡ଼ିକ ଏହାର ବିରୋଧ କରୁଛନ୍ତି। ବିଜେପିରେ ଥିବା ଫାଟକୁ ଜଗନ୍ନାଥ ପ୍ରସଙ୍ଗ ଆହୁରି ମେଲାଇ ଦେଇଥିବାବେଳେ ଆଗକୁ ଏହା ଭୟଙ୍କର ଗୋଷ୍ଠୀକନ୍ଦଳର ରୂପ ନେଇପାରେ ବୋଲି ରାଜନୈତିକ ସମୀକ୍ଷକ ଆଶଙ୍କା କରୁଛନ୍ତି । ଏହି ସମୟରେ ସନ୍ତୋଷ ଖଟୁଆଙ୍କ ଅରୁଚିକର ଓ ଅତ୍ୟନ୍ତ ଘୃଣ୍ୟ ମନ୍ତବ୍ୟ ଦଳ ପାଇଁ ବଡ଼ ସମସ୍ୟା ଭାବରେ ଉଭା ହୋଇଛି । ଓଡ଼ିଆ ଅସ୍ମିତାର କାହାଣୀ ଗାଇ କ୍ଷମତାକୁ ଆସିଥିବା ବିଜେପି ଏବେ ଏହି ପ୍ରସଙ୍ଗଗୁଡ଼ିକ ପାଇଁ ଅଗ୍ନିପରୀକ୍ଷା ପରି ହୋଇଛି । ଜଗନ୍ନାଥ ନିଆଁରେ ସନ୍ତୋଷଙ୍କ ପ୍ରସଙ୍ଗ ଘିଅ ହୋଇ ଦଳ ଓ ସରକାର ବିରୋଧରେ ଲୋକଙ୍କ ଅସନ୍ତୋଷକୁ ଆହୁରି ତୀବ୍ର କରିଛି। କେବଳ ଜଗନ୍ନାଥ ନୁହନ୍ତି, ସନ୍ତୋଷ ଖଟୁଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଥିବା ବିଜେପିର କିଛି ଟାଣୁଆ ନେତା ଦଳୀୟ ନେତୃତ୍ୱଙ୍କ ନିକଟରେ ଦାବି କରିଛନ୍ତି। ସନ୍ତୋଷଙ୍କ ବିରୋଧରେ ଦଳୀୟ କିମ୍ବା ଆଇନଗତ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ବେଳେ ଏହାକୁ ନେଇ ଅନେକ ନେତା ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ସନ୍ତୋଷଙ୍କୁ କିଏ ସୁରକ୍ଷା ଦେଉଛି ବୋଲି ଏବେ ଖୋଦ୍ କର୍ମୀମାନେ ପ୍ରଶ୍ନ କରିଛନ୍ତି ।

ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ଜଗନ୍ନାଥଙ୍କ ବିରୋଧରେ ସାର୍ବଜନୀନ ଭାବେ ବୟାନ ରଖିଥିଲେ ବିଜେପି ଭୁବନେଶ୍ୱର ସାଂସଦ ତଥା ଦଳର ପାୱାରଫୁଲ ନେତ୍ରୀ ଅପରାଜିତା ଷଡ଼ଙ୍ଗୀ। ଜଗନ୍ନାଥ ପ୍ରଧାନ ଭୁଲ କରିଛନ୍ତି ବୋଲି ସେ କହିବା ସହ ଭୁଲକୁ ଭୁଲ ବୋଲି କହିବା ପାଇଁ ସତସାହସର ଆବଶ୍ୟକ ବୋଲି କହିଥିଲେ। ଅପରାଜିତାଙ୍କ ଏପରି ମନ୍ତବ୍ୟ ସିଧାସଳଖ ଦଳର ରାଜ୍ୟସ୍ତରୀୟ ନେତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଉଚି। ଜଗନ୍ନାଥଙ୍କୁ ଦଳର କିଛି କ୍ଷମତାଶାଳୀ ନେତା ସୁରକ୍ଷା ଦେଉଥିବା ବେଳେ ଅପରାଜିତା ନିଜ ବୟାନ ମାଧ୍ୟମରେ ସିଧାସଳଖ ସେମାନଙ୍କୁ ନିଶାଣ କରିଥିଲେ ବୋଲି କୁହାଯାଉଛି। ସେଥିପାଇଁ ଅପରାଜିତା ଏହି ପ୍ରସଙ୍ଗକୁ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି। ଅପରପକ୍ଷେ ଅପରାଜିତାଙ୍କ ଏପରି ଟିପ୍ପଣୀ ପରେ ବିଜେପିର ଅନେକ ନେତା ତାଙ୍କ ସହ ଦୂରତା ଅବଲମ୍ବନ କରୁଛନ୍ତି। ଯାହା ଆଗାମୀ ଦିନରେ ବିଜେପି ରାଜନୀତିରେ ରୋଚକ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଜଗନ୍ନାଥଙ୍କ ଗିରଫଦାରୀକୁ ନାପସନ୍ଦ କରିଛନ୍ତି ଦଳର ଅନ୍ୟତମ ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର। ତାଙ୍କ ଗିରଫଦାରୀକୁ ମୁଁ ବିଲକୁଲ ପସନ୍ଦ କରୁନାହିଁ ବୋଲି ସେ କହିବା ସହ ଓଲଟା ଓଏଏସ ରତ୍ନାକରଙ୍କ ଉପରେ ଦୋଷ ଲଦିଛନ୍ତି। ଯଦିଓ ଶ୍ରୀ ମିଶ୍ରଙ୍କ ମନ୍ତବ୍ୟକୁ ଦଳ ସେତେ ଗୁରୁତ୍ୱ ଦେଇନାହିଁ, ତଥାପି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଜୟନାରାୟଣଙ୍କୁ ସମର୍ଥନ କରୁଥିବା ସୂଚନା ମିଳିଛି।

ଏହି ସମୟରେ ବିଜେଡି ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ପ୍ରତି ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ବୟାନ ମଧ୍ୟ ଖୁବ ବିବାଦ ସୃଷ୍ଟି କରିଛି। ଉଭୟ ବିଜେଡି ଓ କଂଗ୍ରେସ ସନ୍ତୋଷଙ୍କ ଟିପ୍ପଣୀକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି। ତାଙ୍କ ବିରୋଧରେ ବିଜେପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସନ୍ତୋଷଙ୍କ ନିମ୍ନରୁଚିର ଟିପ୍ପଣୀ ଦଳର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିଥିବା ବେଳେ ଏହାଯୋଗୁଁ ରାଜ୍ୟ ବିଜେପି ଜାତୀୟସ୍ତରରେ ନିନ୍ଦିତ ହୋଇଛି। ବିଜେପିର ନେତ୍ରୀଙ୍କ ପ୍ରତି ଏପରି ମନ୍ତବ୍ୟ ଦେଇଥିଲେ ଦଳ ସହ୍ୟ କରିଥାଆନ୍ତା କି ବୋଲି ମଧ୍ୟ ବିରୋଧୀ ପ୍ରଶ୍ନ କରିଛନ୍ତି। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳର ଅନେକ ନେତା ଓ କର୍ମୀ ସିଧାସଳଖ ନହେଲେ ମଧ୍ୟ ବାହାରେ ମତ ପ୍ରକାଶ କରୁଛନ୍ତି। ମାତ୍ର ରାଜ୍ୟ ବିଜେପି ନେତୃତ୍ୱ ଏନେଇ ମୁହଁ ନ ଖୋଲିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଦଳର ଶୃଙ୍ଖଳା କମିଟି ବୈଠକ ବସିଲେ ଏନେଇ ବିଚାର କରାଯିବ ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଥିଲେ ହେଁ ଏହା ଦଳର କର୍ମୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ସନ୍ତୋଷଙ୍କ କ୍ଷେତ୍ରରେ ରାଜ୍ୟ ନେତୃତ୍ୱଙ୍କ ନିରବତା ଆଗକୁ ଦଳରେ ବିଶୃଙ୍ଖଳାକୁ ପ୍ରଶ୍ରୟ ଦେବ ବୋଲି ବିଜେପିର ଅନେକ ନେତା ଓ କର୍ମୀ ସାଧାରଣରେ ମତ ରଖୁଥିବା ଶୁଣିବାକୁ ମିଳୁଛି।

# କୁନି ରଥରେ ବଡ଼ ଠାକୁର



ସୁକିନ୍ଦା,୬।୭(ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳରେ କୁନି କୁନି ପିଲାମାନଙ୍କ ନିଆରା ରଥଯାତ୍ରା ଏବେ ସ୍ଥାନୀୟ ଅଞ୍ଚଳରେ ଆକର୍ଷଣ ପାଲଟିଛି। ଏହି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଅଞ୍ଚଳର କୁନି କୁନି ପିଲା ଏକ ଛୋଟ ସୁସଜ୍ଜିତ ରଥ ନିର୍ମାଣ କରି ଠାକୁରଙ୍କୁ ବସାଇ ରାଜପଥରେ ଟାଣିଟାଣି ନେଉଥିବା ଦୃଶ୍ୟ ଲୋକଙ୍କୁ ବେଶ୍ ଆକର୍ଷଣ କରିଛି। ରଥ ଟାଣିବା ସମୟରେ ପାରମ୍ପରିକ ବେଶରେ ଘଣ୍ଟ ଘଣ୍ଟା ବଜାଇ, ହରିବୋଲ ଧ୍ୱନୀ ଦେଇ ବେଶ୍ ଆନନ୍ଦର ସହ ରଥ ଟାଣୁଥିବା ଦେଖିବାକୁ ମିଳିଛି। ଏହି ଯାତ୍ରାରେ ମଙ୍ଗଳପୁର ଗ୍ରାମର ବିଶାଲ ସାମନ୍ତ, ଦିପ୍ତିରେଖା ବେହେରା, ସ୍ୱସ୍ତିକ ସାହୁ, ଦିବ୍ୟରଞ୍ଜନ ବେହେରା, ଶଶାଙ୍କ ଶେଖର ନାୟକ, ସ୍ୱାୟମ୍ଭି ସାହୁ, ଚନ୍ଦ୍ରଜିତ୍ ପ୍ରଧାନଙ୍କ ସମେତ ଅନେକ ପିଲା ସାମିଲ ହୋଇଥିଲେ। ଏହି ଦୃଶ୍ୟ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।

# କବାଟବନ୍ଧ ଅଞ୍ଚଳରେ ବାହୁଡ଼ା ଯାତ୍ରା



କବାଟବନ୍ଧ,୬।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ସ୍ଥାନୀୟ କବାଟବନ୍ଧ, ଚଉଷଠିପଡ଼ା, ବଳରାମପୁର ତଳଗଡ଼, ଜେନାପୁର, ଐତିହାସିକ ପୀଠ ବଳରାମପୁର ଉପରଗଡ଼ ରାମପୁର, କଇଥା, ମୁରାଲୀପୁର, ଗଡ଼ମଧୁପୁର ଆଦି ସ୍ଥାନରେ ଏହା ବହୁ ଆନନ୍ଦ ଉଲ୍ଲାସର ସହିତ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ମହାପ୍ରଭୁ ୯ ଦିନ ପରେ ମାଉସୀ ମା' ଘରୁ ବଡ଼ ଦେଉଳ କୁ ଫେରିଛନ୍ତି। ଅପରାହ୍ନରେ ପହଣ୍ଡି ବିଜେ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇଥିଲା। ଭକ୍ତ ମାନେ ରଥ ଟାଣିଥିଲେ। ଜେନାପୁର ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଐତିହାସିକ ପୀଠ ବଳରାମପୁର ଉପରଗଡ଼ରେ ପାହାଡ଼ ଉପରେ ଏହା ଏକ ସ୍ୱତନ୍ତ୍ର ଅନୁଭବ ହୁଏ। ଏହି ମନ୍ଦିର ୧୩୨୫ ସାଲରେ ନିର୍ମାଣ ହୋଇଥିଲା। ରାଜା ରାଜୁଡ଼ା ଶାସନ ଅମଳରୁ ସମୁଦ୍ର ପତ୍ତନ ଠାରୁ ପ୍ରାୟ ୫ ଶହ ଫୁଟ ପାହାଡ଼ ଉପରେ ଏହି ରଥଯାତ୍ରା ସେହି ଦିନ ଠାରୁ ଅନୁଷ୍ଠିତ ହୋଇ ଆସୁଛି।

# ଭାଲୁଖାଇରେ ଠାକୁରଙ୍କ ସୁନାବେଶ



ଧର୍ମଶାଳା,୬।୭(ସମିସ): ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତକାଲି ବାହୁଡ଼ାରେ ମହାପ୍ରଭୁ ମନ୍ଦିରକୁ ଫେରିଛନ୍ତି। ଆଜି ରଥାରୂଢ଼ ଠାକୁରଙ୍କୁ ସୁନାବେଶ କରାଯାଇଛି। ଆଜି ଅପରାହ୍ନରେ ଠାକୁରଙ୍କ ନିତିକାନ୍ତି ପୂଜା ସରିବା ପରେ ଠାକୁରଙ୍କୁ ସୁନାବେଶ କରାଯାଇଥିଲା। ପରେ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଛଡ଼ାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗାୟିକା ଇରା ମହାନ୍ତିଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୧୯ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକୁ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି କଳ୍ପତରୁ ସାହୁ, ଉପସଭାପତି ପ୍ରଭୁଦତ୍ତ ଜେନା, ସମ୍ପାଦକ ମନୋଜ କୁମାର ରଣା, କୋଷାଧ୍ୟକ୍ଷ ଅଭୟ କୁମାର ରାଉତ, ସହ ସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କେଲୁ ଚରଣ ନାୟକ, ପ୍ରସନ୍ନ କୁମାର ବରାଳ, ପ୍ରଫୁଲ୍ଲ ଶର, ସୁନିଲ ରାଉତରାୟ, ପ୍ରଦୀପ୍ତ ରାଉତ, ଜିତେନ୍ଦ୍ର ସାମଲ, ସବ୍ୟସାଚୀ ବେହେରା, ଇନ୍ଦ୍ରମଣି ମହାନ୍ତି , ଗଜେନ୍ଦ୍ର ବେହେରା, ଅଶୋକ କୁମାର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବାହୁଡ଼ା ଯାତ୍ରାରେ ପ୍ରସାଦ ବଣ୍ଟନ



ଧର୍ମଶାଳା,୬।୭(ସମିସ): ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଜାରକାସ୍ଥିତ ଇନର ହୁଇଲ କ୍ଲବ ଓ ରୋଟାରୀ କ୍ଲବ ପକ୍ଷରୁ ଜାରକା ଛକର ଗଳିପୋଲ ନିକଟରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ବଣ୍ଟନ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ଇଂ.ସୁକାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଦୀପକ କୁମାର ଜେନା ଏବଂ ଇନର ହୁଇଲ କ୍ଲବର ସଭାପତି ଲୋପାମୁଦ୍ରା ଷେଣ୍ଠ ଓ ସମ୍ପାଦକ ପ୍ରଭାତ ନଳିନୀ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ଡା. ବିଜୟ କୁମାର ଶତପଥୀ, ମିନତୀ ସାହୁ, ମାଧୁରୀ ଶତପଥୀ, ରଶ୍ମିତା ନାୟକ, ପ୍ରଦୀପ୍ତ ବରାଳ, ଅଜାମ୍ବର ସାହୁ, ନିରଞ୍ଜନ ପାଣିଗ୍ରାହୀ, କଳାକାର ମହାନ୍ତି, ହରିହର ପଣ୍ଡା, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଅର୍ଚ୍ଚନା ସ୍ୱାଇଁ,ଇନ୍ଦୁପ୍ରଭା ସାମଲ, କାଦମ୍ବିନୀ ମିଶ୍ର, ବିଶ୍ୱାମିତ୍ରା ସାହୁ, ରାଜେନ୍ଦ୍ର ପଲେଇ ଜୟପ୍ରକାଶ ତ୍ରିପାଠୀ, ଧରଣୀଧର ଦାଶ, ଅଜନ୍ତା ପାଣିଗ୍ରାହୀ, କଳ୍ପନା ଖୁଣ୍ଟିଆ, ସରୋଜିନୀ ପଣ୍ଡା, ଅଶୋକ କୁମାର ମହାପାତ୍ର, ପ୍ରମୋଦ ସାମଲ,ଦେବେନ୍ଦ୍ର ସାହୁ ଓ ଜୟଗୁରୁ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜଳ ନିଷ୍କାସନ ସୁବିଧା ନାହିଁ

# ଗାଁ ଦାଣ୍ଡରେ ଜମୁଛି ପାଣି

ରଗଡ଼ି,୬।୭(ସମିସ):



ସାମାନ୍ୟ ବର୍ଷାରେ ଗାଁ ଦାଣ୍ଡ ସମେତ ଅନ୍ୟ ସ୍ଥାନରେ ମଧ ପାଣି ଜମୁଛି। ଲଘୁଚାପ ବର୍ଷାରେ ଅବସ୍ଥା ଆହୁରି ଖରାପ। ଦାଣ୍ଡରେ ଲହଡ଼ୀ ମାରୁଛି ବର୍ଷା ପାଣି। ଯାହା ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଲୋକେ ଆଣ୍ଠୁଏ ପାଣିରେ ପଶି ଯାତାୟାତ କରିବାକୁ ବାଧ ହେଉଛନ୍ତି। ଏହାଦ୍ୱାରା ଗ୍ରାମରେ ଏକ ସନ୍ତସନ୍ତିଆ ସ୍ଥିତି ମଧ ଉପୁଜୁଛି। ଏହା ଦୀର୍ଘ ଦିନର ସମସ୍ୟା ହୋଇଥିଲେ ମଧ କାହାର ନଜର ଏଥିପ୍ରତି ପଡି ନାହିଁ ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତ ରଗଡି ଗ୍ରାମର ଏହିଭଳି ଅବସ୍ଥା। ଏଠାରେ ବାସ କରୁଥିବା ଶତାଧିକ ପରିବାର ପାଇଁ ଗାଁ ଦାଣ୍ଡରେ ଜମୁଥିବା ପାଣି ସମସ୍ୟା ବହୁଳ ହୋଇଛି। ଏହା ଦ୍ୱାରା ଗ୍ରାମ ପରିବେଶ ଦୂଷିତ ହେବା ସହ ଅପରିଷ୍କାର ପରିସ୍ଥିତି ସୃଷ୍ଟି କରିଛି। ଏହା ଦ୍ୱାରା ମଶା ମାଛିଙ୍କ ପ୍ରାଦୁର୍ଭାବ ବଢୁଛି। ପୋକ ଜୋକ ସରୀସୃପ ପାଣିରେ ଆଶ୍ରୟ ନେଉଥିବା ବେଳେ ଏଥିରୁ ଦୁର୍ଗନ୍ଧ ବାହାରୁଛି। ପାଣିରେ ଚଳପ୍ରଚଳ କରିବା ଦ୍ୱାରା ଗୋଡ଼ କୁଣ୍ଡାଇ ହୋଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଛୋଟ ଛୋଟ ପିଲାମାନଙ୍କୁ ମଧ ପାଣିରେ ପଶି ସ୍କୁଲକୁ ଯିବାକୁ ପଡୁଛି। ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି। ପୂର୍ବରୁ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ଖାଲଢିପ ଥିବାରୁ ପାଣି ଯାଇ ପାରୁ ନଥିବା ଓ ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଗାଁ ଲୋକେ କହିଛନ୍ତି। ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା ପ୍ରତି ସ୍ଥାନୀୟ ବିଧାୟକ ଓ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ନୀଳମଣି କର, ନିତ୍ୟାନନ୍ଦ ଆଚାର୍ଯ୍ୟ, ନରେଶ ଆଚାର୍ଯ୍ୟ, ମନୋରଞ୍ଜନ ଆଚାର୍ଯ୍ୟ, ମୃତ୍ୟୁଞ୍ଜୟ କର, ଧରଣୀଧର ଆଚାର୍ଯ୍ୟ, ମାନଗୋବିନ୍ଦ ଆଚାର୍ଯ୍ୟ, ସୁରେନ୍ଦ୍ର ଆଚାର୍ଯ୍ୟ, ଆଦିକନ୍ଦ ଆଚାର୍ଯ୍ୟ, କୃଷ୍ଣ ଚନ୍ଦ୍ର କର ଓ ମଦନ ମୋହନ କର ପ୍ରମୁଖ ଦାବି କରିଛନ୍ତି।

# ଷ୍ଟ୍ରିଟ୍‌ଲାଇଟ୍ ଅଚଳ; ଅନ୍ଧାରରେ ବାଇପାସ୍ ଛକ

ରଗଡ଼ି,୬।୭(ସମିସ): ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ହେବ କୋରେଇ ବ୍ଲକ ଅନ୍ତର୍ଗତ ୨୦ନଂ. ଜାତୀୟରାଜପଥ ନୂଆଗଡ଼ ବାଇପାସ୍ ଛକ ଅନ୍ଧାରରେ ରହିଛି। ଛକର ମୁଖ୍ୟ ସ୍ଥାନରେ ଲାଗିଥିବା ହାଇମାଷ୍ଟ ଲାଇଟ୍ ଓ ଏହାକୁ ଲାଗିରହିଥିବା ତିନିଟି ରାସ୍ତାର ଷ୍ଟ୍ରିଟ୍‌ଲାଇଟ ଅଚଳ ହୋଇ ପଡିବାରୁ ସନ୍ଧ୍ୟା



ହେଲେ ଅନ୍ଧାର ଛାଇ ହୋଇଯାଉଛି। ଯାତ୍ରୀମାନେ କେନ୍ଦୁଝର, ମୟୁରଭଞ୍ଜ, କଟକ ଓ ଭୁବନେଶ୍ୱର ଯିବା ପାଇଁ ଏହି ଛକରୁ ବସ୍‌ର ସୁବିଧା ମିଳିଥାଏ। ତେଣୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକଙ୍କ ଗହଳି ଲାଗିଥାଏ। ଏହା ବ୍ୟାସନଗର ସହରର ମୁଖଶାଳା ହୋଇଥିବା ବେଳେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଏଠାରୁ ଯୋଗାଯୋଗ ରହିଛି। ତେଣୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରମିକ, କର୍ମଚାରୀ ଓ ଗାଡ଼ି ମଟର ଏହି ରାସ୍ତା ଦେଇ ଯାତାୟାତ କରିଥାଏ। ଅନ୍ଧାର କାରଣରୁ ଏହି ଅଞ୍ଚଳ ବିପଦପୂର୍ଣ୍ଣ ହୋଇ ପଡିବା ସହ ଚୋରି ରାହାଜାନୀ ଓ ଅସାମାଜିକ କାର୍ଯ୍ୟର ଆଶଙ୍କା ବୃଦ୍ଧି ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବିହୋଇଛି।

# ମା' ଉମେଇ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

ବରୁଆଁ,୬।୭(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ପୁରୁଷୋତ୍ତମପୁର, ଜଗଦୀଶପୁରରେ ବହୁ ପୁରାତନ ଭଗ୍ନ ମନ୍ଦିରରେ ପୂଜା ପାଉଥିବା ମା' ଉମେଇ ଠାକୁରାଣୀଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଓ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଙ୍କୁରାରୋପଣ ଓ ଯଜ୍ଞାଧିବାସ କରାଯାଇ ନିକଟସ୍ଥ ଖରସ୍ରୋତା ନଦୀରୁ ୫୧ଜଣ ପୁରୁଷ ଓ ମହିଳା ବ୍ରତଧାରୀ ପବିତ୍ର ଜଳ ଧାରଣ କରି ଆଣି ମନ୍ଦିର ନିକଟ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନା କରିଥିଲେ। ପ୍ରାତଃରୁ ମଣ୍ଡଳ ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା କରି ଯଜ୍ଞ ଆରମ୍ଭ କରାଯାଇ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ଭାବେ ଅକ୍ଷୟ କୁମାର ବାରିକ ଓ ଅନ୍ନପୂର୍ଣ୍ଣା ବାରିକ ଥିବା ବେଳେ ବେଦାଚାର୍ଯ୍ୟ ପ୍ରମୋଦ ପଣ୍ଡା ଓ ହରିଶ ପଣ୍ଡାଙ୍କ ପୌରୋହିତ୍ୟରେ ସହଯୋଗୀ ଭାବେ ନରେନ୍ଦ୍ର ବାରିକ ଯଜ୍ଞକାର୍ଯ୍ୟ ସମ୍ପାଦିତ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ (ଭଜନ ସନ୍ଧ୍ୟା) ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଯାଜପୁରର ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ ଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଯଜ୍ଞ ନାରାୟଣ ଓ ମା' ଉମେଇ ଠାକୁରାଣୀଙ୍କୁ ଦର୍ଶନ କରିବା ସହ ଆଶୀଷ ଭିକ୍ଷା କରିଥିଲେ। ରୁଦ୍ରେଶ୍ୱର ପୂଜା କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ପ୍ରତିଷ୍ଠା କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ପୁରୁଷୋତ୍ତମପୁର ଓ ଜଗଦୀଶପୁର ଗ୍ରାମର ସମସ୍ତ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାହାଯ୍ୟ ସହଯୋଗ କରିଥିଲେ।



# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୬।୭(ସମିସ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ସ୍ଥିତ ହନୁମାନ ଉପ୍ରା ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ସାହାଣୀଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ନିମ୍ନ ମାଧ୍ୟମିକ ଶିକ୍ଷକ ସଙ୍ଘ ଉପଦେଷ୍ଟା ବିଭୁତି ଭୂଷଣ ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ସହ ଶିକ୍ଷାଧିକାରିଣୀ ମମିତା ମହାନ୍ତି, ନିମ୍ନ ମାଧ୍ୟମିକ ଶିକ୍ଷକ ସଙ୍ଘ ରାଜ୍ୟ ସଭାପତି ବିକ୍ରମ କୁମାର ଦାସ, ଧର୍ମଶାଳା ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଖଟୁଆ, ସମ୍ପାଦକ ଲଳିତ ମୋହନ ରାଉତ, ପ୍ରାକ୍ତନ ସଭାପତି ସୁବାସ ଚନ୍ଦ୍ର ବେହେରା, ପ୍ରାକ୍ତନ ସମ୍ପାଦକ ହୃଷିକେଶ ସାମଲ, ସିଆର୍‌ସିସି ରଞ୍ଜନ କୁମାର ବେହେରା, ଶିକ୍ଷକ ନାରାୟଣ ସ୍ୱାଇଁ, ପ୍ରତିଷ୍ଠାତା ସମ୍ପାଦକ ଡ.ରମାକାନ୍ତ ଜେନା, ଶିକ୍ଷକନେତା ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ମଦନ ମୋହନ ସାମଲ ଅତିଥି ପରିଚୟ ଦେଇଥିବା ବେଳେ ଜ୍ୟୋସ୍ନାରାଣୀ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜ୍ୟୋତିରଞ୍ଜନ ବିଶ୍ୱାଳ ଓ ପ୍ରୀତିନନ୍ଦା ପ୍ରିୟଦର୍ଶିନୀ ଜେନା ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବାମଦେବ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଷ୍ଟ୍ରିଟ୍‌ଲାଇଟ୍ କେବୁଲ୍ ସ୍ପର୍ଶରେ ୨ ଘୁଷୁରି ମୃତ

ଯଖପୁରା,୬।୭(ସମିସ):



ଗତକାଲି ଗୋପବନ୍ଧୁ ମାର୍ଗ ଟାଟା ୪ନମ୍ବର ଗେଟ ନିକଟରେ ବିଦ୍ୟୁତ ଷ୍ଟ୍ରିଟଲାଇଟ୍ ସଂପର୍ଶରେ ଆସି ଦୁଇଟା ଘୁଷୁରି ମରିଯାଇଛନ୍ତି। କମନ କରିଡ଼ର ସଡ଼କ କେତେ ସୁରକ୍ଷିତ ଏଥିରୁ ସ୍ପଷ୍ଟ ଭାବରେ ପ୍ରମାଣିତ ହେଇଛି। ରାସ୍ତାର କଡ଼ରେ ଲଗା ଯାଇଥିବା ଷ୍ଟ୍ରିଟଲାଇଟ ପାଇଁ ବିଦ୍ୟୁତ ତାର ଅସୁରକ୍ଷିତ ଭାବରେ ଉପରେ ପଡ଼ିରହିଛି। ଷ୍ଟ୍ରିଟ ଲାଇଟର ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଇଥିବା ଠିକାଦାରର ଦାୟିତ୍ୱହୀନତା ପାଇଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଆଜି ଦୁଇଟି ପଶୁଙ୍କର ଜୀବନ ଯାଇଥିବାରୁ ଦୁର୍ଘଟଣାକୁ ଏତେ ଗୁରୁତ୍ୱ ଦିଆଯାଉନାହିଁ। ମାତ୍ର ଏ କ୍ଷେତ୍ରରେ ଯଦି ମଣିଷର ଜୀବନ ଚାଯାଇଥାନ୍ତା ତେବେ ଏହାର ପରିଣାମ କେତେ ଭୟଙ୍କର ହୋଇଥାନ୍ତା ତାହା ସହଜରେ ଅନୁମାନ କରାଯାଇପାରେ। ଜେସିଡିଏଲର କୌଣସି କାର୍ଯ୍ୟ ସୂଚାରୁ ରୁପେ କାର୍ଯ୍ୟକାରୀ କରିପାରୁନାହିଁ। ବିଜୁପଟ୍ଟନାୟକ ମାର୍ଗ ଓ ଗୋପବନ୍ଧୁ ମାର୍ଗରେ ଦିନକୁ ତିନି ଥର ପାଣି ଛିଞ୍ଚିବାର ବ୍ୟବସ୍ଥା କରାଯାଇଥିଲେ ମଧ ମାତ୍ର ଗୋଟିଏ ଦୁଇଟି ସ୍ଥାନରେ ପାଣି ଛିଞ୍ଚି କାମ ସାରିଦେଉଛନ୍ତି। ସେମିତି ମଧ ଲାଇଟ୍‌ର ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଇଥିବା ଠିକାଦାରର କାର୍ଯ୍ୟ ମଧ ସେପରି। ଅନେକ ଖୁଣ୍ଟରେ ବିଦ୍ୟୁତ ତାର ଖୋଲା ଥିବାବେଳେ ଅନେକ ଖୁଣ୍ଟ ଅନ୍ଧାରରେ ରଖାଯାଇଛି। ମାତ୍ର ରକ୍ଷଣା ବେକ୍ଷଣ ପାଇଁ ଜେସିଡିଏଲ ତରଫରୁ ଠିକାଦାରକୁ ପ୍ରଚୁର ସରକାରୀ ଅର୍ଥ ଦିଆଯାଉଥିଲେ ମଧ ଠିକାଦାରର ମନମୁଖୀ କାର୍ଯ୍ୟ ପାଇଁ ସାଧାରଣ ଜନସାଧାରଣ ହଇରାଣ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଅଭିଯୋଗ କରିଛନ୍ତି।

# ଧର୍ମଘଟକୁ ସଫଳ ପାଇଁ ବୈଠକ

ଶଙ୍ଖଚିଲା/ପାଣିକୋଇଲି,୬।୭(ସମିସ): ଶ୍ରମିକ କୃଷକ ମିଳିତ ଆହ୍ୱାନରେ ଆଗାମୀ ୯ ତାରିଖ ଦିନ ହେବାକୁ ଯାଉଛି ସର୍ବଭାରତୀୟ ଆନ୍ଦୋଳନ। ଏହାକୁ ସଫଳ କରିବା ପାଇଁ ଆଜି ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଆଇଟିୟୁ ପକ୍ଷରୁ ଏକ ମିଳିତ ବୈଠକ ଶ୍ରମିକ ନେତା ଆଲୋକ ମହାନ୍ତିଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସମସ୍ତ ଶ୍ରମିକ ଓ କୃଷକମାନଙ୍କୁ ଯୋଗ ଦେବା ପାଇଁ ନିବେଦନ କରାଯାଇଥିଲା। ଉକ୍ତ ବୈଠକରେ ଆଇଏନ୍‌ଟିୟୁସିର ଚନ୍ଦ୍ରକାନ୍ତ ଖଣ୍ଡାଇ, ବିଜୟ ବୋଇତେଇ, ସିଆଇଟିୟୁର ନିର୍ମଳ ରଥ, ସୁରେଶ ସାହୁ, ହରେକୃଷ୍ଣ ପାଢ଼ୀ, ସୁଶାନ୍ତ ମହାନ୍ତି, ଅଲେଖ ବୋଇତେଇ ଯୋଗ ଦେଇଥିଲେ। ଶେଷରେ ରାକେଶ ସାହୁ ଧନ୍ୟବାଦ ଦେଇଥିଲେ।

# ଚକୁଆ ବାଲି ଘାଟରୁ ୬ ଟ୍ରାକ୍ଟର ଜବତ



ଯାଖପୁରା,୬।୭(ସମିସ): ଚକୁଆ ବାଲି ଘାଟ ଉପରେ ଲଘୁ ଖଣିଜ ବିଭାଗ ଚଢ଼ଉ କରି ୬ଟି ଟ୍ରାକ୍ଟରକୁ ଜବତ କରିଛି। ଲଘୁ ଖଣିଜ ବିଭାଗର କର୍ମଚାରୀ ଅଶୋକ କୁମାର ମହାନ୍ତି ଏହି ଚଢ଼ଉ କରି ଜବତ ବାଲି ବୋଝେଇ ଟ୍ରାକ୍ଟର ସବୁ କୁ ଦାନଗଦି ପୁଲିସ ଜିମାରେ ଦେଇଥିବା ଜଣାପଡିଛି। ପ୍ରକାଶ ଥାଉ କି ଚକୁଆ ବାଲି ଘାଟଟି ପ୍ରାୟ ଦୁଇ ବର୍ଷରୁ ଅଧିକ ହେବ ନିଲାମ ହୋଇନାହିଁ। ଏହାର ସୁଯୋଗ ନେଇ ପ୍ରତ୍ୟେକ ଦିନ ଘାଟରୁ ବ୍ୟାପକ ପରିମାଣର ବାଲି ଚୋରାରେ ଉଠୁଥିବା ଅଭିଯୋଗ ହୋଇଥିଲା। ବାଲି ଘାଟ ନିଲାମ ନ ହେବାରୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉ ଥିବା ବେଳେ ବାଲି ଲୁଟେରା ଲାଲେଲାଲ ହେଉଥିଲେ। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଅକ୍ତିଆରରେ ଚକୁଆ ବାଲି ଘାଟଟି ରହିଛି। ସେମାନେ ଖଣିଜ ବିଭାଗ, ପୁଲିସ ଓ ତହସିଲଦାରଙ୍କୁ ଚକମା ଦେଇ ବାଲି ଲୁଟ୍ କରୁଛନ୍ତି। ପ୍ରତି ଦିନ ପ୍ରାୟ ୨୦୦ରୁ ଅଧିକ ଟ୍ରାକ୍ଟର ବାଲି ଚାଲାଣ କରୁଛନ୍ତି। ବାଲି ବୋଝେଇ ଟ୍ରାକ୍ଟର ପ୍ରତି ଦିନ ନଦୀ ବନ୍ଧ ରାସ୍ତାରେ ଯିବା ଆସିବା କରୁଥିବାରୁ ନଦୀ ବନ୍ଧ ରାସ୍ତା ଦୁର୍ବଳ ହେଉଛି। ପୁଣି ଦାନଗଦି ତହସିଲର ଚକୁଆ ଓ ଖପୁରିଆପଦା ଅଞ୍ଚଳ ବନ୍ୟା ପ୍ରବଣ ଅଞ୍ଚଳ ହୋଇଥିବାରୁ ନଦୀ ବନ୍ଧ ପ୍ରତି ବିପଦ ରହିଛି। ଚକୁଆ ବାଲି ଘାଟକୁ ତୁରନ୍ତ ବନ୍ଦ ନ କଲେ ବନ୍ୟା ଜଳ କେତେବେଳେ ଯେ ଗ୍ରାମରେ ପଶି ଧନ ଜୀବନ ନଷ୍ଟ କରିବ କିଏ କହିପାରିବ। ଏହି ଘାଟକୁ ତୁରନ୍ତ ବନ୍ଦ କରିବା ପାଇଁ ସର୍ବସାଧାରଣରେ ଦାବି ହେଉଛି।

# ଝୁଲନ୍ତା ମୃତଦେହ ଉଦ୍ଧାର

ଯଖପୁରା,୬।୭(ସମିସ): ମାନତୀରା ପଞ୍ଚାୟତ ଦଶମାଣିଆ ଗ୍ରାମର ଦୁର୍ଗାରାଓ ପ୍ରଧାନ (୪୭) ନିଜ ଘର କାଠବନ୍ଧରେ ବେକରେ ତୁନୀ ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଦୁର୍ଗାଙ୍କ ପତ୍ନୀ ଗୌରୀ ପ୍ରଧାନ ଯଖପୁରା ଥାନାରେ ଅଭିଯୋଗ କରିଛନ୍ତି। କୌଣସି କାରଣବଶତଃ ଦୁର୍ଗା ଗତ ରାତିରେ ପିଲା ଛୁଆଙ୍କ ସହିତ ପାଟି ତୁଣ୍ଡ କରି ଘରେ ଶୋଇବାକୁ ଯାଇଥିଲେ। କିଛି ସମୟ ପରେ ଗୌରୀ ଓ ତାଙ୍କର ଝିଅମାନେ ଘର ଭିତରକୁ ପଶିବାରୁ ଦୁର୍ଗା ଘର କାଠ ବନ୍ଧରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେ ପାଖ ପଡ଼ୋଶୀଙ୍କୁ ଡାକି ତାଙ୍କୁ ଉଦ୍ଧାର କରି ତୁରନ୍ତ ଦାନଗଦି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ଦୁର୍ଗାଙ୍କୁ ମୃଥ ଘୋଷଣା କରିଥିଲେ। ଏ ନେଇ ଯଖପୁରା ପୁଲିସ ୮/୨୫ରେ ଏକ ମାମଲା ରୁଜୁ କରିଛି। ଆଜି ଶବ ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

# ସାହିତ୍ୟ ସଂସଦ ପକ୍ଷରୁ 'ସିଦ୍ଧି' ପତ୍ରିକା ଉନ୍ମୋଚିତ



ଧର୍ମଶାଳା,୬।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡମଧୁପୁର ପଞ୍ଚାୟତ ବେଢ଼ାସ୍ଥିତ ମୁନିବାବାଙ୍କ ମଠ ପରିସରରେ ସିଦ୍ଧେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ପ୍ରଥମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପତ୍ରିକା ସଂପାଦକ ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଧୁଶ୍ରୀ ଜ୍ଞାନାନନ୍ଦ ସରସ୍ୱତୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ 'ସିଦ୍ଧି' ପତ୍ରିକାକୁ ଉନ୍ମୋଚନ କରିଥିଲେ। ଡ. ରବୀନ୍ଦ୍ର ବିହାରୀ ମୁଖ୍ୟବକ୍ତା, ଡ.ପ୍ରଶାନ୍ତ କୁମାର ସ୍ୱାଇଁ, ସମାଜସେବୀ କାହ୍ନୁଚରଣ ଦାଶ, କଥାଶିଳ୍ପୀ ଅର୍ଜ୍ଜୁନ ପୃଷ୍ଟି, କବି ବିଜୟ କୁମାର ଦେବତା, ପଦ୍ମଜା ଶରଣ, ନିରଞ୍ଜନ ଜେନା, ପ୍ରହଲ୍ଲାଦ ପଣ୍ଡା ଓ ସାମ୍ବାଦିକ ଭକ୍ତଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ନିମନ୍ତେ ମନୋନୀତ ହୋଇଥିବା ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ଶିକ୍ଷାବିତ ହିରଣ୍ୟ କୁମାର ରାଉତ, ଡା. ରାଜକିଶୋର ପ୍ରିୟଦର୍ଶନ ଦାସ ଓ ଡା. ଅସିତ ବିଶ୍ୱାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସହ ସଂପାଦକ ପ୍ରାଣବନ୍ଧୁ ରାଉତ ପତ୍ରିକା ଓ ସଂସଦ ସଂପର୍କରେ ସୂଚନା ଦେଇଥିଲେ। କବି ସତ୍ୟାନନ୍ଦ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ, କବି ସୁବାସ ସାହୁ, ବିନୟ ମହାନ୍ତି, ସମ୍ବାଦିକ ବିବେକାନନ୍ଦ ରାୟ, ଅରୁଣ କୁମାର ଦାସ, ସୁବାସ ମହାରଣା, ପ୍ରକାଶ ଦାସ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡା. ସୁମନ କଲ୍ୟାଣ ବେହେରା ଧନ୍ୟବାଦ ଦେଇଥିଲେ।

# ପରିବା ଦର ଆକାଶଛୁଆଁ; ଖାଉଟି ହନ୍ତସନ୍ତ

ଧର୍ମଶାଳା,୬।୭(ସମିସ): କିଛି ଦିନ ହେବ ଧର୍ମଶାଳାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବା ଫଳରେ ପରିବା ଦର ଆକାଶଛୁଆଁ ହୋଇପଡିଛି। ବର୍ତ୍ତମାନ ହାଟ ବଜାରରେ ପରିବା ଦର ୧୦୦ ଟଙ୍କା ଟପିବାକୁ ବସିଲାଣି। ହାଟବଜାରରେ ଏବେ ବିଲାତି ବାଇଗଣ କେଜି ପ୍ରତି ୪୦ ଟଙ୍କା ଥିବାବେଳେ କାକୁଡି, ଗାଜର, କଲରା ୫୦ ରୁ ୬୦ଟଙ୍କା। ଏପରକି ବାଇଗଣ କେଜି ପ୍ରତି ୯୦ ଟଙ୍କା ଧରିଲାଣି। ଜହ୍ନି, ଭେଣ୍ଡି ଓ ଫୁଲକୋବି ୧୦୦ ଟଙ୍କା ଥିବାବେଳେ କାଙ୍କଡ଼ କେଜି ପ୍ରତି ୧୨୦ ଟଙ୍କାରେ ବିକ୍ରି ହେଉଛି। ବଜାରକୁ ୫୦୦ ଟଙ୍କା ନେଇ ପରିବା ଆଣିବାକୁ ଗଲେ ବ୍ୟାଗ ମଧ ପୂରୁନି। ଏ ସବୁ ଅଞ୍ଚଳରେ ଶୀତଳ ଭଣ୍ଡାରର ଅଭାବ ଯୋଗୁଁ ପରିବା ଅମଳ ସମୟରେ ଗଚ୍ଛିତ ରଖାଯାଇପାରୁନି। ଯାହା ଫଳରେ ପରିବା ନଷ୍ଟ ହୋଇଯାଉଛି। ଅନେକ ସମୟରେ ଉଚିତ ମୂଲ୍ୟରେ ବିକ୍ରି ନ କରି ପାରି କମ୍ ମୂଲ୍ୟରେ ବିକ୍ରିକରି ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଅହରହ ବର୍ଷା ଯୋଗୁଁ ବଜାରମାନଙ୍କୁ ଆବଶ୍ୟକ ଅନୁଯାୟୀ ପରିବା ଆସୁ ନ ଥିବା ଯୋଗୁଁ ପରିବା ଦର ଚଢ଼ା ଦାମରେ ବିକ୍ରି ହେଉଛି। ସେହିପରି ଚାଷୀମାନେ ପରିବ ଅମଳ କରିବାରେ ବାଧାପ୍ରାପ୍ତ ହେଉଛି। ବର୍ଷା ଯୋଗୁଁ ପରିବା ନ ତୋଳି ପାରିବାରୁ ଫସଲ ଜମିରେ ନଷ୍ଟ ହୋଇଯାଉଛି।



## ଜାରକା ଗୋପବନ୍ଧୁ ଛକ କଲୋନୀ

# ରାସ୍ତାରେ ଲହଡ଼ି ଭାଙ୍ଗୁଛି ପାଣି

ଧର୍ମଶାଳା, ୬।୭ (ସମିସ)



ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋପବନ୍ଧୁ ଛକ କଲୋନୀ ରାସ୍ତାରେ ବର୍ଷାପାଣି ଲହଡ଼ି ଭାଙ୍ଗିଥିବା ଦେଖିବାକୁ ମିଳିଛି। ଯାତାୟତ ବାଧାପ୍ରାପ୍ତ ହେଉଥିବାରୁ କଲୋନୀବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନରାତି ଲୋକେ ବର୍ଷା ପାଣିରେ ଯାତାୟାତ କରୁଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷା ହେତୁ ଜାରକା ବଜାରରେ ବର୍ଷା ପାଣି ଭାସୁଥିବା ବେଳେ ବଜାର ପାର୍ଶ୍ୱରେ ଥିବା କଲୋନୀ ରାସ୍ତା ଗୁଡିକରେ ପାଣିଠିଆ ହୋଇଥିବା ଦେଖିବାକୁ ମିଳିଛି। ପୁରୁଣା ତହସିଲ କାର୍ଯ୍ୟାଳୟର ବାମ ପାର୍ଶ୍ୱରେ ଥିବା ଗୋପବନ୍ଧୁ ଛକ କଲୋନୀରେ ବହୁ ପରିବାର ବସବାସ କରୁଛନ୍ତି। ସେମାନଙ୍କ ଗମନାଗମନ ନିମନ୍ତେ ପୂର୍ବ ସରକାର ସମୟରେ କଲୋନୀ ରାସ୍ତାକୁ କଂକ୍ରିଟ କରାଯାଇଥିଲା। ହେଲେ ରାସ୍ତାକାର୍ଯ୍ୟ ନିମ୍ନମାନର ହୋଇଥିବା ବେଳେ ରାସ୍ତାକୁ ଉଚ୍ଚା କରାନଯାଇ ନିର୍ମାଣ କରାଯାଇଥିଲା। ସେ ସମୟରେ ପାଣି ନିଷ୍କାସନ ପାଇଁ ଠିକାଦାର ଡ୍ରେନେଜକୁ ଗୁରୁତ୍ୱ ନଦେଇ କେବଳ ରାସ୍ତା ଉପରେ କଂକ୍ରିଟ ବିଛାଇ ଥିଲା। ଫଳରେ ଅସରାଏ ବର୍ଷାରେ ରାସ୍ତାରେ ପାଣିଠିଆ ହେଉଛି। ଏହି ରାସ୍ତାରେ ବର୍ଷାଦିନେ ମାସାଧିକକାଳ ପାଣି ଜମି ରହିଥାଏ। ରାସ୍ତାର ଦୁଇ ପାର୍ଶ୍ୱରେ ଖାଲୁଆ ଜାଗା ରହିଥିବାରୁ ବର୍ଷାପାଣି ନିଷ୍କାସନ ହୋଇପାରେ ନାହିଁ। ନିକଟରେ ଯାଇଥିବା ପୂର୍ତ୍ତ ବିଭାଗ ଡ୍ରେନେଜକୁ ଯଦି ଜମୁଥିବା ବର୍ଷାପାଣି ସବୁ ଛଡା ଯାଆନ୍ତା ତେବେ ରାସ୍ତା ଉପରେ ବୁନ୍ଦେ ପାଣିଜମି ରୁହନ୍ତା ନାହିଁ ବୋଲି କଲୋନୀବାସୀ କହିଛନ୍ତି। ବାରମ୍ବାର ଅଭିଯୋଗ କଲା ପରେ ମଧ ବ୍ଲକ ପ୍ରଶାସନ ପକ୍ଷରୁ ରାସ୍ତାରୁ ବର୍ଷାପାଣି ନିଷ୍କାସନ କରାଯାଉନାହିଁ। ଯାହାଦ୍ୱାରା ପିଲାମାନେ ପାଣି ଭିତରେ ପଶି ସ୍କୁଲ ଓ କଲେଜ ଯାଉଛନ୍ତି। ରାତି ସମୟରେ କଲୋନୀର ଲୋକମାନେ ପାଣି ଭିତରେ ପଶି ଯିବାଆସିବା କରିବାକୁ ଅସୁରକ୍ଷିତ ମଣୁଛନ୍ତି। ଏବେ ସବୁ ରାସ୍ତା ଗୁଡିକ ଖାଲଖମାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ସବୁଠି ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ଚଳିତ ଆର୍ଥିକବର୍ଷରେ ଗୋପବନ୍ଧୁ ଛକ କଲୋନୀ ରାସ୍ତାକୁ ପୁନଶ୍ଚ ବ୍ଲକ ପ୍ରଶାସନ ଉଚ୍ଚା କରି ନିର୍ମାଣ କରିବାକୁ କଲୋନୀବାସୀ ଦାବି କରିଛନ୍ତି। ଜାରକା କଲୋନୀର ଏହି ରାସ୍ତାଟି ସମୟ କ୍ରମେ ବହୁଳ ହୋଇଥିବାରୁ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ଦାବି ହୋଇଛି।

# ଦଧିବାମନଜିୟୁଙ୍କ ସୁନାବେଶ

**ବରୀ, ୬।୭ (ସମିସ):** ବରୀ ବ୍ଲକ ଅନ୍ତର୍ଗତ ଜମ୍‌ପଡ଼ା ଗ୍ରାମର ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ୧୦୫ତମ ବାହୁଡ଼ାଯାତ୍ରା ଓ ତ୍ରୟୋଦଶତମ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସୁନାବେଶରେ ମହାପ୍ରଭୁଙ୍କ ଦର୍ଶନ ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଯାଜପୁର ସ୍ଥିତ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମହାପ୍ରଭୁଙ୍କ ସ୍ୱର୍ଣ୍ଣ ଅଳଙ୍କାର ଦଧିବାମନଜିୟୁଙ୍କ ମନ୍ଦିରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇ ସୁନାବେଶ ଅନୁଷ୍ଠିତ ହୋଇଥଲା। କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଗୀତିକାର ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ, ସୌରଭ ଭରଦ୍ୱାଜ, ଦେବାଂଶୀ ଦାଶ, ଦିପ୍ତିମୟୀ ଦାସ, ଶରତ ନାୟକ ପ୍ରମୁଖଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହାପ୍ରଭୁଙ୍କ ସୁନାବେଶ ଉତ୍ସବରେ ଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିଥିଲେ। ସେହିପରି (ବରୀ ମାଉଣ୍ଡ) ଠାରେ ଆନନ୍ଦପୁର ଗ୍ରାମର ଚକାଡୋଳା ଯୁବ ପରିଷଦ ଆନୁକୂଲ୍ୟରେ ଦୀର୍ଘ ୩୮ ବର୍ଷ ଧରି ପୂଜା ପାଇ ଆସୁଥିବା ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ବାହୁଡା ଯାତ୍ରା ଏବଂ ତୃତୀୟ ବର୍ଷ ସୁନାବେଶ ମହା ସମାରୋହରେ ପାଳିତ ହୋଇଯାଇଅଛି। ଏହି ସୁନାବେଶରେ ବରୀ ଅଞ୍ଚଳର ବହୁ ଶ୍ରଦ୍ଧାଳୁମାନେ ରଥଉପରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଭ କରିପାରିଛନ୍ତି।



## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଡ୍ରାଇଭର ମୃତ

**ଯଖପୁରା, ୬।୭ (ସମିସ):** ଯଖପୁରା ଥାନା ମନୋହରପୁର ଛକରେ ଏକ ହାଇୱାର ଚକା ମରାମତି କରିବା ପାଇଁ ଡାଲା ଉଠାଇବା ବେଳେ ତାହା ବିଦ୍ୟୁତ ସଂସ୍ପର୍ଶରେ ଆସିଯିବାରୁ ଗାଡ଼ି ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ଥାନା ବସୁଲେଇ ଗ୍ରାମର ସରୋଜ ମଳିକ(୨୭)। ଏ ନେଇ ଯଖପୁରା ଥାନାରେ କାମାକ୍ଷାନଗର ଥାନା ଅଞ୍ଚଳର ବୁଦ୍ଧଦେବ ମଳିକ କରିଥିବା ଅଭିଯୋଗ ଅନୁସାରେ, ତାଙ୍କ ବଡବାପାଙ୍କ ପୁଅ ସରୋଜ ଜିନ୍ଦଲ ପ୍ଲାଣ୍ଟରୁ ଫ୍ଲାଏ ଆସ୍ ନେବା ପାଇଁ ହାଇୱା ନେଇ ଆସିଥିଲେ। ଗାଡ଼ିର ଟାୟାର ମରାମତି କରିବା ପାଇଁ ମନୋହରପୁର ଛକରେ ଗାଡ଼ି ଲଗାଇ ଡାଲା ଟେକିବା ବେଳେ ତାହା ୧୧କେଭି ଇଲେକ୍ଟ୍ରି ତାରରେ ଲାଗିଯାଇଥିଲା। ଫଳରେ ସେ ଝଟକା ଖାଇ ତଳେ ପଡ଼ିଯିବା ସହ ସଞ୍ଜ୍ଞାହୀନ ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଦାନଗଦି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଯଖପୁରା ଥାନା କେସ ନମ୍ବର ୭/୨୦୨୫ରେ ଏକ ମାମଲା ରୁଜୁ ହେଇଛି। ଶବ ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଯାଜପୁରରେ ଗୋରୁ ଚୋରି ର୍ୟାକେଟ୍ ସକ୍ରିୟ

**ଯାଜପୁର, ୬।୭ (ସମିସ):** ଗତ କିଛି ଦିନ ଧରି ଯାଜପୁର ସହର ଏବଂ ଏହାର ଆଖ ପାଖ ଅଞ୍ଚଳରେ ଗୋରୁ ଚୋରି ରାକେଟ ସକ୍ରିୟ ହୋଇ ଉଠିଛନ୍ତି। ଫଳରେ ବିଭିନ୍ନ ଅଞ୍ଚଳରୁ ଗୋରୁ ଚୋରିର ଅଭିଯୋଗ ଆସିବାରେ ଲାଗିଛି। ରାତ୍ରିରେ ଗୋରୁ ଗାଈମାନେ ଥିବା ବେଳେ ରାତାରାତି ସେହି ଗୋରୁ ଗାଈଙ୍କୁ ଚୋରି ହେଇ ଯାଉଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଯାଜପୁର ଥାନାରେ ମଧ ଲିଖିତ ଅଭିଯୋଗ କରାଯାଇଛି। କଲେଜ ଛକ ବାରବାଟି ଅଞ୍ଚଳର ଏକାଧିକ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁର ଥାନାରେ ସେମାନଙ୍କ ଅଞ୍ଚଳର ୨୦ଟି ଗୋରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହାକୁ କୌଣସି ବଡ ଧରଣର ଲକେଟ ଚୋରୀ କରିଥିବା ସନ୍ଦେହ କରିଛନ୍ତି। ସେଥି ପାଇଁ ବଉଳମୂଳ ଠାରୁ ଗୋଖନା ଛକ ଅଞ୍ଚଳରେ ଚଢ଼ଉ କରାଗଲେ ଚୋରୀ ଗୋରୁ ସମ୍ପର୍କରେ ସୂଚନା ମିଳିପାରିବ ବୋଲି କୁହାଯାଇଛି। ଗ୍ରାମବାସୀଙ୍କ ସହିତ ରାଷ୍ଟ୍ରିୟ ବଜରଙ୍ଗ ଦଳର କର୍ମକର୍ତ୍ତା ମୃତ୍ୟୁଞ୍ଜୟ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ସଦସ୍ୟ ଗଣ ଯାଜପୁର ଟାଉନ ଥାନାରେ ପହଞ୍ଚି ତୁରନ୍ତ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ତୁରନ୍ତ ଚୋରା ଗୋରୁ ବ୍ୟବସାୟୀଙ୍କୁ ଗିରଫ କରାନଗଲେ ଆଗକୁ ଏହି କାରବାର ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଇଛି।

## ଦୁର୍ଘଟଣାରେ ସ୍କୁଟି ଆରୋହୀ ଗୁରୁତର

**ପାଣିକୋଇଲି, ୬।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ନମଟିକିରି ଗ୍ରାମ ନିକଟରେ ପାଣିକୋଇଲି ଆଙ୍କୁଲା ରାସ୍ତାରେ ଭାରସମ୍ୟା ହରାଇ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛଇ। ପ୍ରକାଶ ଯେ ଯାଜପୁର ସଦର ଥାନା ଅନ୍ତର୍ଗତ ବରୁହାଁ ଜମଧରପୁର ଗ୍ରାମରା ପ୍ରଶାନ୍ତ କୁମାର ପାତ୍ର ନାମକ ଯୁବକ କଳିଙ୍ଗନଗର ଶିଳ୍ପାଞ୍ଚଳରେ କାମ କରନ୍ତି। କାମ ସାରି ଆଜି ଅପରାହ୍ନରେ ଆଙ୍କୁଲା ରାସ୍ତାରେ ଏକ ସ୍କୁଟି ଯୋଗେ ଘରକୁ ଫେରୁଥିବା ସମୟରେ ନମଟିକିରି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରେ ପିଟି ହୋଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ଘଟଣାସ୍ଥଳେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପାଣିକୋଇଲିସ୍ଥିତ ସବିତା ହେଲଥ କ୍ଲିନିକରେ ପ୍ରାଥମିକ ଚିକିତ୍ସା କରାଇ ଛାଡିଛନ୍ତି।

## ବସ୍ ଓଲଟି ୪୦ ଯାତ୍ରୀ ଆହତ



**କୁଆଖିଆ, ୬।୭ (ସମିସ):** ଯାଜପୁର ଜିଲ୍ଲା କୁଆଖିଆ ଥାନା ଜାତୀୟ ରାଜପଥ ମୁଳାପାଳ ଛକ ନିକଟରେ ଏକ ବସ୍ ଓଲଟି ପଡ଼ିବାରୁ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଆଜି ସନ୍ଧ୍ୟା ୮ଟା ସମୟରେ ସ୍ୱସ୍ତି ରଥ ନାମକ ଏକ ଘରୋଇ ବସ୍ (ନଂ- ଓଡି୦୫ ବିଏସ୍ ୪୭୩୫) କଟକରୁ ବରୀ ଅଭିମୁଖେ ଯାଉଥିବା ସମୟରେ କୁଆଖିଆ ବଜାର ନିକଟସ୍ଥ ମୁଳାପାଳ ଛକଠାରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଯାହାଫଳରେ ବସ୍‌ରେ ଥିବା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ବସ୍ ଭିତରେ ରହିଯାଇଥିଲେ। ଖବର ପାଇ କୁଆଖିଆ ପୁଲିସ୍ ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ଆହତମାନଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ବସ୍‌ର ଡ୍ରାଇଭର ଫେରାର ହୋଇ ଯାଇଥିବା ଜଣାପଡ଼ିଛି।

## ସୁକିନ୍ଦାରେ ବାସି ରଥଯାତ୍ରା: ବାହୁଡ଼ିଲେ ଚତୁର୍ଦ୍ଧା ମୂର୍ତ୍ତି

**ସୁକିନ୍ଦା, ୬।୭ (ସମିସ):** ଯାଜପୁର ଜିଲ୍ଲାର ସର୍ବପୁରାତନ ଓ ସରକାରୀ ରଥଯାତ୍ରା ଭିତରେ ସୁକିନ୍ଦା ରଥଯାତ୍ରା ପ୍ରଥମ। ସମସ୍ତ ସ୍ଥାନରେ ହେଉଥିବା ରଥଯାତ୍ରା ଠାରୁ ଏଠିକାର ରଥଯାତ୍ରା ସମ୍ପୂର୍ଣ୍ଣ ନିଆରା। ଉଭୟ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ଠାକୁରଙ୍କୁ ରଥାରୂଢ଼ କରିବା ପରେ ରାଜା ସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ଛେରାପହଁରା କରିଥାନ୍ତି। ପରେ ଗୋଟିଏ ଥର ରଥ ଟଣାଯାଇଥାଏ। ପରଦିନ ସମ୍ପୂର୍ଣ୍ଣ ରଥଟଣା ହୋଇଥାଏ। ଆବାହମାନ କାଳରୁ ଏହି ପ୍ରଥା ଚାଲି ଆସିଛି। ସେହି ପରମ୍ପରା ଅନୁଯାୟୀ ସୁକିନ୍ଦାରେ ଶନିବାର ଦିନ ଥରେ ଓ ରବିବାର ଦିନ ସମ୍ପୂର୍ଣ୍ଣ ରଥଟଣା ସମ୍ପର୍ଣ୍ଣ ହୋଇଛି। ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ପ୍ରଭୁଙ୍କ ସନ୍ଧ୍ୟା ଆଳତି ଓ ପୂଜା ଆରମ୍ଭ ହୋଇଥିଲା। ରଥ ଉପରେ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ବାହୁଡ଼ା ଯାତ୍ରାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପ୍ରମୁଖ ଭକ୍ତଙ୍କ ଭିଡ଼ ଭିତରେ ରଥ ଟାଣିଥିଲେ। ଆଜି ଯାତ୍ରାରେ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଆସନ୍ତା ମଙ୍ଗଳବାର ସନ୍ଧ୍ୟାରେ ପ୍ରଭୁ ରତ୍ନବେଦୀକୁ ଫେରିବେ।



## ରାସ୍ତାରେ ମାଟି ପଡ଼ିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ



**ଧର୍ମଶାଳା, ୬।୭ (ସମିସ):** ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଅନ୍ତର୍ଗତ ୧୪ ନଂ. ୱାର୍ଡକୁ ସଂଯୋଗ କରୁଥିବା ରାସ୍ତାରେ ମାଟି ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ସୂଚନା ମୁତାବକ ପଣୁଆ ଗ୍ରାମର ୧୪ ନଂ. ୱାର୍ଡକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା କିଛି ଅଂଶ ଦୀର୍ଘ ଦିନ ହେଲା ଭାଙ୍ଗିଯାଇଛି। ଫଳରେ ବର୍ଷା ଦିନରେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମିକି ରହୁଥିବାରୁ ଯାତାୟାତ ସୁବିଧା ପାଇଁ ସ୍ଥାନୀୟ ୱାର୍ଡର ଜନୈକ ବ୍ୟକ୍ତି ବେଆଇନ ଭାବେ ସେଠାରେ ମାଟି ଆଣି ପକାଇ ଦେବା ଫଳରେ ଉକ୍ତ ରାସ୍ତାରେ ଯିବା ଆସିବା କରିବା ଅସମ୍ଭବ ହୋଇପଡ଼ିଛି। ରାସ୍ତାରେ ମାଟିପଡ଼ିବା ଫଳରେ ରାସ୍ତାଟି କାଦୁଅ ପଚପଚ ହେବା ସହ ବର୍ଷା ଜଳ ନିଷ୍କାସିତ ନହୋଇ ରାସ୍ତା ଉପରେ ଜମିକି ରହୁଛି। ଫଳରେ ପୂର୍ବାପେକ୍ଷା ଏହି ରାସ୍ତାଦେଇ ଯାତାୟତ କରିବା ଅସମ୍ଭବ ହୋଇପଡ଼ିଛି। ଅନ୍ୟଉପାୟ ନଥିବାରୁ ଲୋକେ ଏହି ରାସ୍ତା ଦେଇ ଯିବାକୁ ବାଧ ହେଉଛନ୍ତି। ଫଳରେ ଅନେକ ସମୟରେ ଲୋକେ ରାସ୍ତାରେ ଖସିପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏନେଇ ୱାର୍ଡବାସୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ହେଁ କିଛି ସୁଫଳ ମିଳୁ ନଥିବା ଅଭିଯୋଗ କରିଛନ୍ତି। ତେବେ ରାସ୍ତାରେ ବେଆଇନ ଭବେ ପଡ଼ିଥିବା ମାଟିକୁ ହଟାଯାଇ ପୁନର୍ବାର ଏହି ରାସ୍ତାକୁ କଂକ୍ରିଟ ଦ୍ୱାରା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଓଚିନ୍ଦା ହରିହାଟ କମିଟି ପକ୍ଷରୁ ବୃକ୍ଷରୋପଣ

**ପାଣିକୋଇଲି, ୬।୭ (ସମିସ):** ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପଥରପଦା ପଞ୍ଚାୟତ ଓଚିନ୍ଦା ଗ୍ରାମବାସୀଙ୍କ ପକ୍ଷରୁ ବନ ମହୋତ୍ସବ ଦିବସ ପାଳିତ ହୋଇଛି। ୭୬ତମ ବନ ମହହୋତ୍ସବ ଅବସରରେ ଗୋପିନାଥ ମନ୍ଦିର ପରିସରରେ ମନ୍ଦିର ପରିସରରେ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ମୁଖ୍ୟ ରଘୁନାଥ ପାଢ଼ୀ, ସତିସ ଧଳ, ଆଲୋକ ବେହେରା, ଜିତେନ୍ଦ୍ର ଭାରତୀ, ଅକ୍ଷୟ ସାମଲ, ନାରାୟଣ ଗିରି, ଗୋଲକ ଭାରତୀ, ମଦନମୋହନ ଜେନା, ଜଗନ୍ନାଥ ଆରଣ, ଅମୂଲ୍ୟ ଦାସ, କୀର୍ତ୍ତନ ସାମଲ, କହ୍ନେଇ ଆରଣ, ରାଜେଶ ସତପଥି, ବାବୁଲା ଖଟୁଆଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ। ମନ୍ଦିର ପରିସରରେ ୫୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା।

## ଗୋଟିଏ ରାତିରେ ୫ଟି ଦୋକାନରୁ ଚୋରି

**କବାଟବନ୍ଧ, ୬।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନାରେ ଚୋରି ଏତଲାର ଫର୍ଦ୍ଦ ଲମ୍ବି ଲମ୍ବି ଚାଲିଛି। ଗୋଟିଏ ରାତିରେ ୫ଟି ଦୋକାନରୁ ସିରିଜ ଚୋରି ହୋଇଥିଲେ ମଧ ପୁଲିସ ଏ ଘଟଣାକୁ ହାଲକା ଭାବରେ ଗ୍ରହଣ କରୁଛି। ପରିସ୍ଥିତି ଏମିତି ହେଲାଣି ଯେ ଆଇନ କାନୁନ କିମ୍ବା ଥାନା ସ୍ଥାନୀୟ ଅଞ୍ଚଳରେ ନ ଥିବା ଭଳି ଅନୁଭବ ହେଉଛି। ପୂର୍ବ ଅପେକ୍ଷା ଗତ ୨ ମାସ ମଧ୍ୟରେ ଜେନାପୁର ଥାନା ଅଞ୍ଚଳରେ ଚୋରି ଅପେକ୍ଷାକୃତ ବୃଦ୍ଧି ପାଇଛି। ଗତ ୨୭ ତାରିଖ ରାତିରେ ମର୍ଜିତାପୁର ହିଙ୍ଗୁଳା ଛକ ନିକଟରେ ଥିବା ବଜାରରୁ ଗୋଟାଏ ରାତିରେ ୫ଟି ଦୋକାନରୁ ଚୋରି ଏହା ଦର୍ଶାଉଛି। ଜାରକା- କବାଟବନ୍ଧ ନଦୀ ବନ୍ଧ ମର୍ଜିତାପୁର ଠାରେ ଗୋଟିଏ ଭେରାଇଟ ଷ୍ଟୋର, ଗୋଟିଏ ଜୋତା ଦୋକାନ, ଗୋଟିଏ ପୂଜା ସାମଗ୍ରୀ ଦୋକାନ, ଟଙ୍କା ଓ ଅନ୍ୟାନ୍ୟ ଜିନିଷ ପତ୍ର ଚୋରି କରି ନେଇଥିବା ବେଳେ ଗୋଟିଏ ପେପର ପ୍ଲେଟ ଖଲି, ଠୋଲି ଦୋକାନ, ଗୋଟିଏ ମୋବାଇଲ ଦୋକାନରୁ ଚୋରି କରିବା ପାଇଁ ତାଲା ଭାଙ୍ଗି ଦେଇଥିଲେ। ଦୋକାନରେ ସିସିଟିଭି ଲାଗିଥିଲେ ମଧ ଚୋର ମାନେ ପ୍ରଥମେ ସିସିଟିଭିର ତାରକୁ କାଟି ଦେଇଥିଲେ। ଯାହାକି କ୍ୟାମେରାରେ କଏଦ ହୋଇଛି। ଦୁଇ ଜଣ ବ୍ୟକ୍ତି ଜଣେ ଏକ ରେନିକୋଟ୍ ପିନ୍ଧିଥିବା ବେଳେ ଅନ୍ୟ ଜଣେ ଏକ ବେଡ୍‌ସିଟ ଘୋଡ଼େଇ ହୋଇଥିଲା। ତେବେ ଏଘଟଣାରେ ଦୋକାନୀ ମାଲିକ ବିଚିତ୍ର ଭଦ୍ର, ସନ୍ତୋଷ କୁମାର ସାହୁ, ଦୀପକ କୁମାର ସାହୁ, ଶୁଭ୍ରକାନ୍ତ ସାହୁ, ଅଶୋକ ଦାସ ପ୍ରମୁଖ ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ କରି ଚୁପ ବସିଛି। ଏହି ଘଟଣା ପରେ ଏହି ଥାନା ଅଞ୍ଚଳରେ ଥିବା ଅନ୍ୟ ଦୋକାନୀ ମାନେ ଭୟଭୀତ ଥିବା ଜଣାପଡ଼ିଛି।

## ପାଣିକୋଇଲି ଥାନା ପକ୍ଷରୁ ବନୋତ୍ସବ



**ପାଣିକୋଇଲି, ୬।୭ (ସମିସ):** ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପାଣିକୋଇଲି ଥାନା ପକ୍ଷରୁ ବନ ମହୋତ୍ସବ ଦିବସ ପାଳିତ ହୋଇଛି। ୭୬ତମ ବନ ମହହୋତ୍ସବ ଅବସରରେ ଯାଜପୁରରୋଡ ବନାଞ୍ଚଳ, କଟକ ବନଖଣ୍ଡ ପକ୍ଷରୁ ପାଣିକୋଇଲି ଫରେଷ୍ଟ ବିଟ ଅଫିସର ସାଇସ୍ମୃତି ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମସୁଦପୁର ସ୍କୁଲ ଓ ନିମପାଟଣା ମନ୍ଦିର ପରିସରରେ ଚାରା ରୋପଣ କରାଯାଇଥିଲା। ଉକ୍ତ ବୃକ୍ଷରୋପଣ ଉତ୍ସବରେ ପାଣିକୋଇଲି ଥାନାଧିକାରୀ ରଞ୍ଜୀତ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିନାକ ରଞ୍ଜନ ଦାସ, କାର୍ତ୍ତିକ ସାହୁ, ଟିକନ ସାହୁ, ମାନସ ବେହେରା, ଗୟାଧର ଦାସ, ମକୁନ୍ଦ ବିଶ୍ୱାଳ, ପ୍ରଶାସନ୍ତ ମଲ୍ଲିକ, ରବୀନ୍ଦ୍ର ନାୟକ, ଭୀମସେନ ସାହୁ, ବିଳାସ ସାହୁ, ନୀଳବନ୍ଧୁ ପୃଷ୍ଟି, ବିକାଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ବିଦ୍ୟାଳୟ ଓ ମନ୍ଦିର ପରିସରରେ ୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା।

## ନିର୍ବାହୀ ଅଧିକାରୀଙ୍କ ଅଭିଯୋଗପତ୍ରକୁ ନେଇ ଚର୍ଚ୍ଚା

# କାହା ଚାପରେ ଛୁଟିର ଅଛନ୍ତି ନିର୍ବାହୀ ଅଧିକାରୀ

ବ୍ୟାସନଗର, ୬।୭ (ସମିସ)

ଦିନକୁ ଦିନ ଜଟିଳ ହେବାରେ ଲାଗିଛି ବ୍ୟାସନଗର ପୌର ରାଜନୀତି। ସହରର ବିକାଶରେ ବାଧକ ସାଜୁଥିବା ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କୁ ଅନାସ୍ଥାରେ ଗାଦିଚ୍ୟୁତ କରିବା ପରେ ୨୬ ୱାର୍ଡ ବିଶିଷ୍ଟ ବ୍ୟାସନଗର ପୌରପରିଷଦର ୨୦ଜଣ ପାରିଷଦ ଏକମନ ନେଇ ସହରର ବିକାଶ ପାଇଁ ପ୍ରତିଜ୍ଞା କରିଥିଲେ। ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କୁ ଗାଦିଚ୍ୟୁତ କରିବା ପରେ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଅଧ୍ୟକ୍ଷ ଦାୟିତ୍ୱ ନେଇଛନ୍ତି। ତେବେ ଏତେ ସବୁ ପରେ ମଧ ସହରର ବିକାଶ ପାଇଁ ଦୀର୍ଘ ୧୩ ମାସ ହେବ କୋରେଇ ବିଧାୟକ ଟଙ୍କାଟିଏ ପାଣ୍ଠି ଦେଇନଥିବା କହିଛନ୍ତି ପୌରାଧ୍ୟକ୍ଷ ସୁବାସ ବଳ। ତେବେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ପରେ ପୂର୍ବ ବିଜୁ ଜନତା ଦଳ ସରକାର ସମୟରେ ଖର୍ଚ୍ଚ ନହୋଇ ପଡ଼ିରହିଥିବା ଅର୍ଥରୁ ୫ କୋଟି ଅର୍ଥରେ ଟେଣ୍ଡର କରିବାକୁ ସେ ସମସ୍ତ ପାରିଷଦଙ୍କ ମତ ଲୋଡ଼ିଥିଲେ। ତେବେ ଏହାକୁ ସମସ୍ତେ ସ୍ୱାଗତ କରିବା ସହିତ ନିଜ ନିଜ ୱାର୍ଡର ବିଭିନ୍ନ ପ୍ରକଳ୍ପ ନିମନ୍ତେ ଚିଠା ପ୍ରସ୍ତୁତ କରି ଦେବା ପରେ ଏନେଇ ଟେଣ୍ଡର କରିବାକୁ ସେ ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ବାହୀ ଅଧିକାରୀ ଟେଣ୍ଡର କରିବାରେ କାଳକ୍ଷେପଣ ନୀତି ଆପଣେଇବା ସହିତ ଟେଣ୍ଡର ନ କରିବାକୁ ତାଙ୍କୁ ଚାପ ପଡୁଥିବା କହିଥିଲେ। ଏପରିକି କୋରେଇ ବିଧାୟକଙ୍କ ଚାପ ରହିଥିବା ପ୍ରକାରନ୍ତରେ କହିବା ସହିତ ଯାଜପୁର ଜିଲ୍ଲାପାଳ ଏବଂ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ତାଙ୍କୁ ଟେଣ୍ଡର ନ କରିବାକୁ କହିଥିବା ମଧ କହିଥିଲେ। ଯାହାକୁ ନେଇ ସହରବାସୀଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଥିଲା। ତେବେ ଏନେଇ ଅଧ୍ୟକ୍ଷ ଶ୍ରୀଯୁକ୍ତ ବଳ ପୌର ଆଇନ ଅନୁସାରେ ଟେଣ୍ଡର କରିବାକୁ ତାଗିଦ କରିବାରୁ ସେ ଖୁବ୍‌ଶୀଘ୍ର ଏନେଇ ପକ୍ରିୟା କରିବେ ବୋଲି ଅଧ୍ୟକ୍ଷଙ୍କୁ ପ୍ରତିଶ୍ରୁତି ଦେଇ ତା' ପରଦିନଠାରୁ ଅସୁସ୍ଥ ଥିବା ଦର୍ଶାଇ ହଠାତ୍ ଛୁଟିରେ ପଳାଇଥିଲେ। ତେବେ ବର୍ତ୍ତମାନ ବର୍ଷାଦିନ ଚାଲୁଥିବାରୁ ସହରରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ବିଶେଷକରି ଅନେକ ରାସ୍ତାର ମରାମତି ଆବଶ୍ୟକ ରହିଥିବା ବେଳେ ବିନା ଟେଣ୍ଡରରେ ଏହା କିପରି କରାଯିବ ତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ଏପରି ସ୍ଥିତିରେ ପୌର ପରିଷଦର ନିର୍ବାହୀ ଅଧିକାରୀ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ଛୁଟିରେ ରହିବା ଫଳରେ ସହରବାସୀ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ବଳଙ୍କ ସମେତ ୨୦ ଜଣ ପାରିଷଦ ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଟେଣ୍ଡର ନ ହେବା ଯୋଗୁଁ ଉପୁଜୁଥିବା ସମସ୍ୟା ନେଇ ଅଭିଯୋଗପତ୍ର ଦେବା ପରେ ଜିଲ୍ଲାପାଳ ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଛୁଟିରେ ଯିବା ପରେ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ପାଢ଼ୀ ହଠାତ୍ ତାଙ୍କୁ ପୌର ପରିଷଦ ଟେଣ୍ଡର କରିବାକୁ କିଛି ପାରିଷଦ ଅଟକ ରଖିଥିବା ନେଇ ଏପରିକି ଉକ୍ତଦିନ ମେଡିସିନ ଖାଇବାକୁ ଦେଇନଥିବା ନେଇ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ନେଇ କିଛି ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଏପରିସ୍ଥିତିରେ ଶ୍ରୀଯୁକ୍ତ ପାଢ଼ୀ ଗଣମାଧ୍ୟମକୁ କୌଣସି ବିବୃତ୍ତି ଦେଇନଥିବା ବେଳେ କାହା ଚାପରେ ବଶବର୍ତ୍ତୀ ହୋଇ ସେ ଏଭଳି କରିଛନ୍ତି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ କିଏ ସେ ନାୟକ ଯାହାଙ୍କ ଇଙ୍ଗିତରେ ନିର୍ବାହୀ ଅଧିକାରୀ ନାଚୁଥିବା ଏବଂ ସର୍ବୋପରି ବ୍ୟାସନଗରର ବିକାଶ ବାଟବଣା ହେଉଛି ତାକୁ ସହରବାସୀ ଜାଣିବାକୁ ଉତ୍ସୁକତାର ସହିତ ଅପେକ୍ଷା କରିଛନ୍ତି। ତେବେ ଏଭଳି ଅଭିଯୋଗ ନେଇ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇନଥିଲେ।

**ସହରର ବିକାଶ କାର୍ଯ୍ୟରେ ବାଧକ**

**ଟେଣ୍ଡର କରିବାରେ ଟାଳଟୂଳ**



ଶିକ୍ଷାର ଲକ୍ଷ୍ୟ କେବଳ ତଥ୍ୟଭିତ୍ତିକ ଜ୍ଞାନ ଆହରଣ ନୁହେଁ, ଏହା ମୂଲ୍ୟବୋଧ ମଧ୍ୟ ଶିଖାଏ।

--ୱିଲିୟମ ଏସ୍ ବରୋସ

ସକାଳ THE SAKALA

# ଅଦିନିଆ ମୂଲ୍ୟସ୍ଫୀତି

ଏବେ ରାଜ୍ୟରେ, ବିଶେଷକରି ସହରାଞ୍ଚଳରେ, ପନିପରିବା ଦରରେ ଆକସ୍ମିକ ବୃଦ୍ଧି ଘଟିଛି। ସାଧାରଣତଃ ବର୍ଷାଋତୁରେ ବାଡ଼ି ପନିପରିବା ସହିତ ଚାଷକ୍ଷେତରୁ ବିଭିନ୍ନ ପରିବା ଉତ୍ପାଦନ ଅଧିକ ହେଉଥିବାରୁ ଖାଉଟି ସୁଲଭ ମୂଲ୍ୟରେ ପରିବା ପାଇବା କଥା। କିନ୍ତୁ ଚଳିତବର୍ଷ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ବିଶେଷକରି ଗତ ଦୁଇ ସପ୍ତାହ ଧରି ପରିବା ଦର ଦ୍ୱିଗୁଣା ହୋଇଛି। ଏହାର ତତ୍କାଳ ପ୍ରଭାବ ଋତୁକାଳୀନ ଫଳ ଆମ୍ବ ଉପରେ ପଡ଼ିଛି। କିଲୋ ପିଛା ୨୦ରୁ ୩୦ ଟଙ୍କାରେ ମିଳୁଥିବା ବିଭିନ୍ନ କିସମର ଆମ୍ବର ଦର ଏବେ ପ୍ରାୟ ଚାରିଗୁଣା ବଢ଼ିଯାଇଛି। ବିକ୍ରେତାଙ୍କ କହିବା କଥା ଲଘୁଚାପ ବର୍ଷା ଯୋଗୁଁ ବାହାର ଅଞ୍ଚଳରୁ ପରିବା ଯୋଗାଣ ବ୍ୟାହତ ହୋଇଛି। ତେଣୁ ବଜାରରେ ଦାମ ଉଚ୍ଚା ରହିଛି। କିନ୍ତୁ ବର୍ଷା ଜନିତ ଗମନାଗମନ ବାଧାପ୍ରାପ୍ତ ହେବା ଭଳି ସ୍ଥିତି ଏ ପର୍ଯ୍ୟନ୍ତ ଓଡ଼ିଶାରେ ଉପୁଜିନାହିଁ। ତଥାପି ପରିବା ଦର ଉଚ୍ଚା ରହିବା ପଛରେ କିଛି ଭିନ୍ନ କାରଣ ରହିଛି।

କେତେକ ବଜାର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ପରିବା ଦର ବୃଦ୍ଧିରେ ଲଗାଣ ବର୍ଷାର ଭୂମିକା ଯେତିକି ନାହିଁ, ତା'ଠାରୁ ଅଧିକ ରହିଛି ରଥଯାତ୍ରାରେ ବିଭିନ୍ନ ସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିବା ଦାତବ୍ୟ ଭୋଜନ ଓ ଅନ୍ନଛତ୍ର ବ୍ୟବସ୍ଥା। ସମ୍ପ୍ରତି ଗଣଉତ୍ସବଗୁଡ଼ିକରେ ଦାତବ୍ୟ ଭୋଜନ ବା ମାଗଣା ଅନ୍ନଛତ୍ର ଏକ ଧାରା ପାଲଟି ଯାଇଛି। ଧନାଢ଼୍ୟ ବ୍ୟକ୍ତିମାନେ ପୁଣ୍ୟ ଅର୍ଜନ ଲକ୍ଷ୍ୟରେ ଏଭଳି ପନ୍ଥା ଆପଣେଇଥିବା ବେଳେ ଦେଖାଦେଖି ଏଭଳି ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ସଂଖ୍ୟା ବଢ଼ିଚାଲିଛି। ଚଳିତ ବର୍ଷ ରଥଯାତ୍ରାରେ ଦେଶର ବହୁ ବିଶିଷ୍ଟ ଶିଳ୍ପପତିଙ୍କ ଟ୍ରଷ୍ଟମାନ ବିଗତ ପ୍ରାୟ ୧୦ ଦିନ ଧରି ପୁରୀ ଶ୍ରୀକ୍ଷେତ୍ରରେ ଭକ୍ତଙ୍କୁ ମାଗଣା ଭୋଜନ ଦେଇଆସୁଛନ୍ତି। ପୁରୀ ଶ୍ରୀକ୍ଷେତ୍ରରେ ଦୈନିକ ପ୍ରାୟ ୧୦ ଲକ୍ଷ ଲୋକଙ୍କ ପାଇଁ ଏହି ଭୋଜନ ବ୍ୟବସ୍ଥା ହେଉଥିବା ବେଳେ ଆଖପାଖ ଅଞ୍ଚଳ ଓ ଅନ୍ୟାନ୍ୟ ସହରାଞ୍ଚଳଗୁଡ଼ିକରେ ମଧ୍ୟ ଏଭଳି ଦାତବ୍ୟ ଅନ୍ନଛତ୍ର ଖୋଲିଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶିଳ୍ପ ସଂସ୍ଥାମାନେ କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ଅଧୀନରେ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଆଉ କେତେକ ନିଜର ଧାର୍ମିକ ପରିଚୟ ଦେବା ଆଳରେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ବିଜ୍ଞାପିତ କରୁଥିବା ଦେଖାଯାଉଛି। ଦୈନିକ ଏଭଳି ବିଶାଳ ଆୟୋଜନର ପ୍ରତ୍ୟକ୍ଷ ପ୍ରଭାବ ପରିବା ବଜାର ଉପରେ ପଡ଼ିଛି। ଅର୍ଥନୈତିକ ତତ୍ତ୍ୱ ଅନୁଯାୟୀ ଯୋଗାଣ ସୀମିତ ରହି ଚାହିଦା ବଢ଼ିବାରୁ ସ୍ୱାଭାବିକ ଭାବେ ନିତିଦିନିଆ ପରିବା ଦାମ ବଢ଼ିଛି।

ଭିନ୍ନ ଏକ ଦୃଷ୍ଟିକୋଣରୁ ଆଲୋଚନା କଲେ ଏଭଳି ଋତୁକାଳୀନ ବା ଆକସ୍ମିକ ମୂଲ୍ୟସ୍ଫୀତି ଭଳି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆମ ରାଜ୍ୟ ଏ ପର୍ଯ୍ୟନ୍ତ ସ୍ୱାବଲମ୍ବୀ ହୋଇପାରିନାହିଁ। ଏବେ ମଧ୍ୟ ଓଡ଼ିଶାବାସୀଙ୍କ ପନିପରିବା ଚାହିଦାର ୮୦ ଭାଗ ବାହାର ରାଜ୍ୟରୁ ଆମଦାନୀ ହେଉଛି। ସେହିସବୁ ରାଜ୍ୟରେ ବର୍ଷା, ମରୁଡ଼ି ଆଦି ପ୍ରାକୃତିକ ଦୁର୍ବିପାକ କିମ୍ବା ଅନ୍ୟ କୌଣସି କାରଣରୁ ଉତ୍ପାଦନ ଓ ପରିବହନରେ ବାଧା ଉପୁଜିଲେ ତାହାର ତତ୍କାଳ ପ୍ରଭାବ ଓଡ଼ିଶା ବଜାର ଉପରେ ପଡୁଛି। ଆଳୁ, ପିଆଜ, ଟମାଟୋ ଉପରେ ପୂର୍ବରୁ ଆମେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଥିବା ବେଳେ ଏବେ ଲଙ୍କା, ଲେମ୍ବୁ, ପୋଟଳ, ବିନ୍, ଝୁଡ଼ଙ୍ଗ, ବାଇଗଣ, କୋବି ପାଇଁ ମଧ୍ୟ ବାହାର ରାଜ୍ୟର ହାତକୁ ଚାହିଁ ବସିବାକୁ ପଡୁଛି।

ଆମେ ଯେଉଁସବୁ ରାଜ୍ୟରୁ ଆମଦାନୀ ଉପରେ ନିର୍ଭର କରୁଛୁ ସେହିସବୁ ରାଜ୍ୟ କେବଳ କୃଷିପ୍ରଧାନ ନୁହନ୍ତି। କିନ୍ତୁ ଶିଳ୍ପ ସହିତ କୃଷିକୁ ସମନ୍ୱିତ ଭାବେ ପରିଚାଳନା କରିପାରୁଥିବାରୁ ଏବଂ ଉତ୍ପାଦନ ଓ ବଜାର ଦର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିପାରୁଥିବାରୁ ସେହି ରାଜ୍ୟମାନେ କୃଷିଜାତ ଦ୍ରବ୍ୟରେ ବଳକା ରାଜ୍ୟ ଭାବେ ପରିଗଣିତ ହେଉଛନ୍ତି। ଏକଦା ଆମ ରାଜ୍ୟ ମଧ୍ୟ ଦେଶରେ ଦ୍ୱିତୀୟ ବୃହତ୍ ପନିପରିବା ଉତ୍ପାଦନକାରୀ ରାଜ୍ୟ ଭାବେ ପରିଗଣିତ ହେଉଥିଲା। କିନ୍ତୁ କୃଷି ପ୍ରତି ନିରନ୍ତର ଅବହେଳା, ସରକାରୀ ପ୍ରୋତ୍ସାହନ ଓ କୃଷି ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଆଜି ଆମେ ପରହାତକୁ ଚାହିଁ ବସିବାକୁ ପଡୁଛି।

ଓଡ଼ିଶାରେ ପନିପରିବା ଉତ୍ପାଦନ କମିବା ପଛର ଆଉ ଏକ କାରଣ ହେଲା ଚାଷ ପ୍ରତି ବଢ଼ିଚାଲିଥିବା ବୀତସ୍ପୃହ ମନୋଭାବ। ବିଲମୁଣ୍ଡର ଦର ଓ ବଜାର ଦର ମଧ୍ୟରେ ଆକାଶପାତାଳ ତାରତମ୍ୟ ଚାଷୀକୁ ପରିବା ଚାଷ ପ୍ରତି ବିମୁଖ କରୁଛି। ଉଦାହରଣ ସ୍ୱରୂପ ଭେଣ୍ଡିଚାଷ କରୁଥିବା କୃଷକଟିଏ ଯେତେବେଳେ ପୋଟଳ କିମ୍ବା ଜହ୍ନି କିଣିବା ପାଇଁ ବଜାରକୁ ଯାଉଛି ସେତେବେଳେ ସେ ବିଲମୁଣ୍ଡରେ କେଜି ପିଛା ୫ଟଙ୍କାରେ ବିକ୍ରି କରିଥିବା ତା'ର ଉତ୍ପାଦକୁ ବଜାରରେ ୬୦ ଟଙ୍କାରେ ବିକ୍ରି ହେଉଥିବା ଦେଖୁଛି। ଖାଉଟି ବଜାର ଓ ବିଲ ହୁଡ଼ା ମଧ୍ୟରେ ରହିଯାଉଥିବା ଦାମର ଏହି ତାରତମ୍ୟର ସର୍ବାଧିକ ହିତାଧିକାର ହେଉଛନ୍ତି ଦଲାଲ୍। ଏ ବିଷୟରେ ସରକାର ଜାଣି ମଧ୍ୟ ଉଦାସୀନତା ରହିବାର ପ୍ରଭାବ ଚାଷୀକୁ ପରିବା ଚାଷ ପ୍ରତି ବିମୁଖ କରୁଛି ଏବଂ ବଜାରରେ ପନିପରିବା ଦରଦାମରେ ପ୍ରତିଫଳିତ ହେଉଛି।

ଓଡ଼ିଶାରେ ପରିବା ଚାଷୀର ସବୁଠାରୁ ବଡ଼ ଆହ୍ୱାନ ହେଉଛି ସଂରକ୍ଷଣ। ପ୍ରତିବର୍ଷ ବଜେଟ୍‌ରେ ବ୍ୟୟବରାଦ ହେଉଥିଲେ ମଧ୍ୟ ତୃଣମୂଳସ୍ତରରେ ଶୀତଳଭଣ୍ଡାର ନିର୍ମାଣ ଆବଶ୍ୟକ ମୁତାବକ ହୋଇପାରୁନାହିଁ। ତେଣୁ ବାଧ୍ୟ ହୋଇ ଚାଷୀ କମ୍ ମୂଲ୍ୟରେ ଉତ୍ପାଦ ବିକି ପ୍ରଭୂତ କ୍ଷତି ସହୁଛି କିମ୍ବା ବିଲରେ ଗୋରୁଙ୍କ ପାଇଁ ଛାଡ଼ି ଦେଉଛି। ଏଭଳି ପରିସ୍ଥିତିରେ ରାଜ୍ୟ ପନିପରିବା ଉତ୍ପାଦନରେ ସ୍ୱାବଲମ୍ବୀ ହେବ କେମିତି? ଆମ ରାଜ୍ୟର ବିଡ଼ମ୍ବନା ହେଲା ଶିଳ୍ପାୟନ ନାଁରେ ଯେଉଁ ସବୁ ଜମିର କିସମ ପରିବର୍ତ୍ତନ ହେଉଛି ସେଠାରେ ଶିଳ୍ପ ତ ଆଶାନୁରୂପ ପ୍ରତିଷ୍ଠା ହୋଇପାରୁନାହିଁ, ଅଧିକନ୍ତୁ ଚାଷ ଜମି ସଂକୁଚିତ ହୋଇଚାଲିଛି। ଏ ଦିଗରେ ନୀତି ନିର୍ଦ୍ଧାରକମାନେ ଯତ୍ନଶୀଳ ହେବା ଆବଶ୍ୟକ। ଏହାବାଦ୍ ବର୍ତ୍ତମାନର କୃଷି ବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ବଦଳରେ ବାତାନୁକୂଳିତ କୋଠରିରେ ବସି ନିଷ୍ପତ୍ତି ନେଉଥିବାରୁ ଚାଷ ଓ ଚାଷୀର ବାସ୍ତବ ସମସ୍ୟା ସମାଧାନ ହୋଇପାରୁନାହିଁ। ଏ ଦିଗରେ ମଧ୍ୟ ସରକାର ଦୃଷ୍ଟି ଦେବା ବିଧେୟ। ●

# ଅସ୍ତ୍ରବିରତି ଅନ୍ତରାଳେ...

**ଗୌରୀପ୍ରସାଦ ମହାପାତ୍ର**

ଆମେରିକା ମଧ୍ୟସ୍ଥତାରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧବିରତି ଘୋଷଣା ହେବା ପରେ ପ୍ରଶ୍ନ ଉଠିଛି - ଏହି ୧୨ଦିନିଆ ଯୁଦ୍ଧରେ କାହାକୁ କ'ଣ ମିଳିଲା? ଏହାର ଉତ୍ତର ଖୋଜିବା ବେଳେ କାଚମିସ୍ତ୍ରୀ ଭୂମିକାରେ ଅବତୀର୍ଣ୍ଣ ଖ୍ୟାତନାମା ବ୍ୟଙ୍ଗ କଳାକାର ଚାର୍ଲି ଚାପ୍‌ଲିନ୍‌ଙ୍କ ସେହି କ୍ଷୁଦ୍ର ଚଳଚ୍ଚିତ୍ରଟିକୁ ଥରେ ମନେ ପକାନ୍ତୁ, ଯେଉଁଥିରେ କିଛି ମୁଦ୍ରା ବିନିମୟରେ ଚାର୍ଲିଙ୍କ ଦ୍ୱାରା ପ୍ରଲୋଭିତ ଜଣେ ଚପଳମତି ଶିଶୁ ଲୁଚିଛପି କୌଣସି ଏକ ଘରର ଝରକାକୁ ଟେକା ମାରି ଭାଙ୍ଗିଦିଏ। କିଛିସମୟ ପରେ ଚାର୍ଲି ଝରକାକାଚର ପସରା ପିଠିରେ ଝୁଲାଇ ସେହି ବାଟ ଦେଇ କିଛି ନ ଜାଣିବା ପରି ଯା'ନ୍ତି। ଅଗତ୍ୟା ସେହି ଘର ମାଲିକ ଦୁଆର ପାଖରେ କାଚମିସ୍ତ୍ରୀଟିଏ ମିଳିଯାଇଥିବାରୁ ଆଶ୍ୱସ୍ତି ହୋଇ ମରାମତି କରିବାକୁ ଚାର୍ଲିଙ୍କୁ ପଚାରନ୍ତି ଏବଂ ଚାର୍ଲି ବିନା ଦ୍ୱିଧାରେ ତାଙ୍କ ପ୍ରଚ୍ଛଦ ପ୍ରାୟୋଜିତ କାମଟି ସାରି ପାଉଣା ନେଇଆସନ୍ତି। ଇରାନ୍-ଇସ୍ରାଏଲ୍ ଯୁଦ୍ଧ ପୃଷ୍ଠଭୂମିକୁ ଅନୁଶୀଳନ କଲେ ଚାର୍ଲି ଭୂମିକାରେ ଟ୍ରମ୍ପ ଏବଂ ସେହି ଚପଳମତି ଶିଶୁ ଭୂମିକାରେ ଇସ୍ରାଏଲ୍‌ର ଜୀବନ୍ତ ଅଭିନୟ ସ୍ପଷ୍ଟ ହେବ ଏବଂ ଉପରୋକ୍ତ ପ୍ରଶ୍ନର ଉତ୍ତର ମିଳିଯିବ।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଆଜିର ନୁହେଁ କିମ୍ବା ଲୁଚାଛପାରେ ଆଣବିକ ଅସ୍ତ୍ର ପରୀକ୍ଷଣ କରୁଥିବା ଏକମାତ୍ର ରାଷ୍ଟ୍ର ନୁହେଁ। କିନ୍ତୁ ହଠାତ୍ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ବୈଠକ ଆହୂତ ହୋଇ ଇରାନ୍ ବିରୋଧରେ କଟକଣା ସଂକଳ୍ପ ପାରିତ ହେବା, ତତ୍କାଳ ଇସ୍ରାଏଲ୍ ଆଗତକୁହା ଭାବେ ଇରାନ୍ ଉପରେ ଆକ୍ରମଣ କରିବା, ଇସ୍ରାଏଲ୍‌ର ସହାୟତା ପାଇଁ ଆମେରିକା ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇବା, ପୁଣି ଯୁଦ୍ଧବିରତି ପାଇଁ ଉଭୟ ରାଷ୍ଟ୍ରକୁ ରାଜି କରାଇବା ଏବଂ ଆଶ୍ଚର୍ଯ୍ୟଜନକ ଭାବେ ଇରାନ୍ ଉପରେ ଆକ୍ରମଣ ପାଇଁ ଇସ୍ରାଏଲ୍ ଉପରେ ଆମେରିକା ଅସନ୍ତୋଷ ପ୍ରକାଶ କରିବା ଆଦି ଘଟଣାକ୍ରମ ଆଦୌ କାକତାଳିକ ହୋଇ ନ ପାରେ। ତେଣୁ ସେହି ୧୨ଦିନିଆ ଯୁଦ୍ଧର ପ୍ରାୟୋଜକ, ନିର୍ଦ୍ଦେଶକ, ଚିତ୍ରନାଟ୍ୟ ଲେଖକ କିଏ ତାହା ପରଦାରେ ଉଲ୍ଲେଖ ନଥିଲେ ମଧ୍ୟ ଦର୍ଶକମାନେ ବୁଝିବାରେ ଦ୍ୱିଧାଗ୍ରସ୍ତ ହୋଇନାହାନ୍ତି।

ବସ୍ତୁତଃ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଭିଏତ୍‌ନାମରୁ ଆରମ୍ଭ କରି ଇରାକ୍ ଓ ଆଫଗାନିସ୍ତାନ ବିରୋଧରେ ପ୍ରତ୍ୟକ୍ଷ ଯୁଦ୍ଧ ହେଉ କିମ୍ବା ଦକ୍ଷିଣକୋରିଆ-ଉତ୍ତରକୋରିଆ, ଚୀନ୍-ଜାପାନ, ଇରାନ୍-ଇରାକ୍, ଇରାକ୍-କୁଏତ, ଚୀନ୍-ତାଇୱାନ୍, ଇସ୍ରାଏଲ୍-ପାଲେଷ୍ଟାଇନ୍ ଓ ସମ୍ପ୍ରତି ଇସ୍ରାଏଲ୍-ଇରାନ୍ ବିବାଦ ଓ ଉତ୍ତେଜନାର ପୃଷ୍ଠଭୂମିରେ ଆମେରିକାର ଭୂମିକାକୁ ତର୍ଜମା କଲେ ସେହି ସମରବିଳାସୀ ରାଷ୍ଟ୍ରର ଚାର୍ଲି ଅଭିନୀତ ଉପରୋକ୍ତ କାଚମିସ୍ତ୍ରୀ ସୁଲଭ ଚରିତ୍ରଟି ସାମ୍ନାକୁ ଆସିବ ଏବଂ ପାଉଣା ସ୍ୱରୂପ ଆମେରିକାର ସର୍ବାଧିକ ଚାରିଜଣ ରାଷ୍ଟ୍ରମୁଖ୍ୟ ନୋବେଲ୍ ଶାନ୍ତି ପୁରସ୍କାରରେ ସମ୍ମାନିତ ହୋଇଥିବା ମଧ୍ୟ ମନେ ପଡ଼ିବ। ଆମେରିକାର ଚାର୍ଲି ଅଭିନୀତ ଚଳଚ୍ଚିତ୍ରରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଆଉ ଏକ ଦୃଶ୍ୟପଟ ମାତ୍ର। ଏବେ ଇସ୍ରାଏଲ୍ ଯେଉଁ ଚପଳମତି ଶିଶୁ ସୁଲଭ ଭୂମିକାରେ ଅବତୀର୍ଣ୍ଣ ହୋଇଛି ସେହି ଭୂମିକାରେ ପୂର୍ବରୁ ଇରାକ୍ ବିରୋଧରେ କୁଏତ୍ ଏବଂ ଭାରତ ବିରୋଧରେ ପାକିସ୍ତାନ, ରୁଷ୍ ବିରୋଧରେ ୟୁକ୍ରେନ୍ ଅଭିନୟ କରିସାରିଛନ୍ତି। ସେହି ଧାରାବାହିକରେ ଡୋନାଲ୍ଡ ଟ୍ରମ୍ପ ନାମରେ ଏବେ ଜଣେ ନୂଆ କଳାକାରଙ୍କର କେବଳ ଯାହା ଆବିର୍ଭାବ ଘଟିଛି।

ଲକ୍ଷ୍ୟ କରିବାର କଥା ଶୀତଳଯୁଦ୍ଧ ପରବର୍ତ୍ତୀ ସମୟରୁ ଆମେରିକାର ପ୍ରତ୍ୟକ୍ଷ ଓ ପରୋକ୍ଷ ନେତୃତ୍ୱରେ ବିଶ୍ୱରେ ଯେତେସବୁ ଯୁଦ୍ଧ ସଂଗଠିତ ହୋଇଛି ତାହାର ମୁଖ୍ୟ କ୍ଷେତ୍ର ବା ମଞ୍ଚ ରହିଛି ପଶ୍ଚିମ-ଏସିଆ। ପଶ୍ଚିମ-ଏସିଆ ଓ ଉପସାଗରୀୟ ଅଞ୍ଚଳର ପ୍ରଚୁର ତୈଳ ଓ ପ୍ରାକୃତିକ ବାଷ୍ପର ଉତ୍ସ ଉପରେ ଆଧିପତ୍ୟ ବିସ୍ତାର କରିବା ଆମେରିକାର ଅନ୍ୟତମ ଆଭିମୁଖ୍ୟ ହୋଇପାରେ; କିନ୍ତୁ ତାହା ହିଁ ଏକମାତ୍ର ଓ ମୂଳଲକ୍ଷ୍ୟ ନୁହେଁ। ଏହାପଛରେ ଲୁକ୍କାୟିତ କିଛି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି, ଯାହା ଆମେରିକାର ସେହି ଚାର୍ଲି ଅଭିନୀତ କାଚମିସ୍ତ୍ରୀ ଚରିତ୍ରକୁ ଅଧିକ ଜୀବନ୍ତ କରିଛି।

କଂଗ୍ରେସନାଲ୍ ରିସର୍ଚ୍ଚ ସର୍ଭିସ୍(ସିଆରଏସ୍) ନାମକ ଏକ ସଂସ୍ଥାର ରିପୋର୍ଟ ଅନୁଯାୟୀ ଶୀତଳ ଯୁଦ୍ଧ ସମୟରେ ଆମେରିକାର ପ୍ରତିରକ୍ଷା ବିଭାଗ ଗୁପ୍ତରେ ୫୧ଟି ଦେଶର ୧୨୮ ଟି ସ୍ଥାନରେ ସାମରିକ କେନ୍ଦ୍ରମାନ ସ୍ଥାପନା କରିଛି, ଯେଉଁଥିରୁ ସର୍ବାଧିକ ରହିଛି ମଧ୍ୟପ୍ରାଚ୍ୟ ଓ ପଶ୍ଚିମ ଏସିଆରେ। ସେଥିମଧ୍ୟରୁ ଏବେ କେତେକ କେବଳ ରକ୍ଷଣାବେକ୍ଷଣରେ ସୀମିତ ରହିଥିବା ବେଳେ ଆଉ କେତେକ ସକ୍ରିୟ ରହିଛି। ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ ଦ୍ୱାରା ପରିଚାଳିତ ସେହିସବୁ ଆମେରିକୀୟ ସାମରିକ ଘାଟିର ରକ୍ଷଣାବେକ୍ଷଣ ବାବଦରେ ସମ୍ପୃକ୍ତ ରାଷ୍ଟ୍ର ଆମେରିକାଠାରୁ ମୋଟା ଅଙ୍କର ଆର୍ଥିକ ସହାୟତା ମଧ୍ୟ ପାଉଛନ୍ତି। କାଜାକସ୍ତାନରୁ ଇଜିପ୍ଟ ମଧ୍ୟରେ ୧୧ଟି ସେହିପରି ଆମେରିକୀୟ ସାମରିକ ଘାଟି ପ୍ରତ୍ୟକ୍ଷ ଓ ସକ୍ରିୟ ଭାବେ କୃତ୍ରିମ ବୁଦ୍ଧିମତ୍ତା ଜ୍ଞାନକୌଶଳରେ ପରିଚାଳିତ ହେଉଛି। ସବୁଠାରୁ ବଡ଼ ଘାଟି ରହିଛି କାତାରାରେ। ତେଣୁ ଇରାନ୍‌ର କାତାର ଆକ୍ରମଣ ପରେ ଆମେରିକା ବାଧ୍ୟ ହୋଇ ଇସ୍ରାଏଲ୍-ଇରାନ୍ ଯୁଦ୍ଧବିରତିରେ ମଧ୍ୟସ୍ଥତା କରିବାକୁ ବିବଶ ହୋଇପଡ଼ିଲା ଏବଂ ଇରାନ୍ ରାଷ୍ଟ୍ର ମୁଖ୍ୟ ଆୟାତୋଲ୍ଲା ଖେମିନି ଯୁଦ୍ଧର ବିଜୟୋତ୍ସବ ପାଳିଲେ।

ସିଆରଏସ୍‌ର ରିପୋର୍ଟ ଅନୁଯାୟୀ କାତାର ସ୍ଥିତ ଆଣବିକ ପରୀକ୍ଷଣ କେନ୍ଦ୍ରରେ ଆମେରିକା ପ୍ରାୟ ୧୦ ହଜାର ଆମେରିକୀୟ ସୈନିକ ଓ ଅଧିକାରୀଙ୍କୁ ମୁତୟନ କରିଛି ଏବଂ ରକ୍ଷଣାବେକ୍ଷଣ ବାବଦରେ କାତାରକୁ ୨୦୦୩ ମସିହାରୁ ବାର୍ଷିକ ୮୦୦ କୋଟି ଡଲାର ଲେଖାଏଁ ଆର୍ଥିକ ସହାୟତା ଦେଇ ଆସୁଛି। ସେହିପରି ଲୋହିତ ସାଗର, ଆରବ ସାଗର, ଭାରତ ମହାସାଗରର କେତେକ ଅଂଶ, ମଧ୍ୟପ୍ରାଚ୍ୟ-ପାରସ୍ୟ ଉପରେ ଦୃଷ୍ଟି ରଖିବା ପାଇଁ ଆମେରିକା ୧୯୪୮ ମସିହାରୁ ବାହାରିନ୍‌ରେ ସାମରିକ ଘାଟି ପ୍ରତିଷ୍ଠା କରି ୯ ହଜାରରୁ ଊର୍ଦ୍ଧ୍ୱ ଆମେରିକୀୟ ସୈନିକ ଓ ସେନାଧିକାରୀଙ୍କୁ ସେଠାରେ ନିଯୁକ୍ତ କରିଛି। ଏହାଛଡ଼ା ଏବେ କୁଏତ୍, ସଂଯୁକ୍ତ ଆରବ ଏମିରଟସ, ଇରାକ୍, ସାଉଦୀ ଆରବ, ଇଜିପ୍ଟ, ସିରିଆ, ଜୋର୍ଡାନ୍, ଇସ୍ରାଏଲ୍, ୟେମେନ୍ ଆଦି ରାଷ୍ଟ୍ରର ଆମେରିକାର ଗୁପ୍ତ ସାମରିକ ଘାଟିମାନ ସକ୍ରିୟ ଅଛି। ତେଣୁ ଇରାନ୍ ପରମାଣୁ ଅସ୍ତ୍ରସମ୍ପନ୍ନ ହୋଇଗଲେ ପଶ୍ଚିମ ଏସିଆରେ କାର୍ଯ୍ୟକ୍ଷମ ଆମେରିକୀୟ ପରମାଣୁ କାର୍ଯ୍ୟକ୍ରମ ପ୍ରତି ଅଧିକ ବିପଦ ରହିଥିବା ଆମେରିକା ଆଶଙ୍କା କରୁଛି। ବୋଧହୁଏ ଏହି କାରଣରୁ ୩୫ ସଦସ୍ୟ ବିଶିଷ୍ଟ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ମଣ୍ଡଳିର ସଦ୍ୟତମ ଅନୁଷ୍ଠିତ ବୈଠକରେ ଇରାନ୍ ବିରୋଧରେ ଆସିଥିବା କଟକଣା ସଂକଳ୍ପକୁ ରୁଷିଆ, ଚୀନ୍ ଓ ବୁର୍କିନା ଫାସୋକୁ ବାଦ୍ ଦେଇ ବାକି ସମସ୍ତେ ସମର୍ଥନ କରିଥିଲେ। ଇସ୍‌ଲାମିକ୍ ବହୁଳ ଅଞ୍ଚଳରେ ଇରାନ୍‌କୁ ସମର୍ଥନ ନ ମିଳିବା ମଧ୍ୟପ୍ରାଚ୍ୟରେ ଯେଉଁ ନୂଆ ଭୂରାଜନୈତିକ ସମୀକରଣର ସଂକେତ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ତା'ପଛରେ ଯେ ଆମେରିକାର ଆଣବିକ କାର୍ଯ୍ୟକ୍ରମର ସୁରକ୍ଷା ଲକ୍ଷ୍ୟ ରହିଛି ତାହା ସିଆରଏସ୍‌ର ରିପୋର୍ଟରୁ କେତେକାଂଶରେ ପ୍ରମାଣିତ ହେଉଛି।

ନିକଟରେ ଚୀନ୍ ସାଟେଲାଇଟ୍ 'ମିଜାଜ୍ ଭିଜନ୍'ର ଫଟୋଚିତ୍ରକୁ ଉଦ୍ଧାର କରି ଆଉ ଏକ ଚମକ୍‌ପ୍ରଦ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ ଆମେରିକାର କାଚମିସ୍ତ୍ରୀ ଧାରାବାହିକରେ ପାକିସ୍ତାନର ଚପଳମତି ଶିଶୁଚରିତ୍ର ଆହୁରି ସ୍ପଷ୍ଟ ହେବା ସହିତ ଭାରତ-ପାକିସ୍ତାନ ସଦ୍ୟତମ ଅସ୍ତ୍ରବିରତି ଅନ୍ତରାଳର କିଛି ସାଂଘାତିକ ତଥ୍ୟ ପ୍ରଘଟ ହୋଇଛି। ଉକ୍ତ ତଥ୍ୟ ଆଧାରରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଆଲେଖ୍ୟର ନିଷ୍କର୍ଷକୁ ଯଦି ବିଶ୍ୱାସକୁ ନିଆଯାଏ ତେବେ 'ଅପରେସନ୍ ସିନ୍ଦୂର'ରେ ଭାରତର ବ୍ରହ୍ମୋସ୍ କ୍ଷେପଣାସ୍ତ୍ରଗୁଡ଼ିକ ପାକିସ୍ତାନର ନୁରଖାନ୍, ମୁସାଫ୍ ଏୟାରବେସ୍ ଓ କିରାନା ହିଲ୍‌ସ୍‌କୁ କ୍ଷତବିକ୍ଷତ କରିବା ପରେ ଯୁଦ୍ଧବିରତି ପାଇଁ ଡୋନାଲ୍ଡ ଟ୍ରମ୍ପ ଅତିଶୟ ଆଗ୍ରହ ପ୍ରକାଶ କରିଥିଲେ। ବାସ୍ତବରେ ସେହି ଆଣବିକ ଘାଟିଗୁଡ଼ିକରେ ଆମେରିକା ପ୍ରାୟୋଜିତ କାର୍ଯ୍ୟକ୍ରମ ଜାରି ରହିଛି। ତେଣୁ ସେଠାରେ ତେଜସ୍କ୍ରିୟ ରଶ୍ମି ବିକିରଣର ସୂଚନା ମିଳିବା ପରେ ଆମେରିକାର ଆଣବିକ ବିଶେଷଜ୍ଞ ଦଳ ତତ୍କାଳ ସ୍ଥିତି ପରୀକ୍ଷା କରିବାକୁ ପହଞ୍ଚିଥିଲେ ଏବଂ ଇଜିପ୍ଟରୁ ବେରିୟମ ବୋଝେଇ ଟ୍ରକମାନ ପାକିସ୍ତାନକୁ ଆସୁଥିବାର ଦେଖାଯାଇଥିଲା। ତତ୍କାଳୀନ ସୋଭିଏତ୍ ରୁଷର ସାମରିକ ଘାଟିଗୁଡ଼ିକୁ ଲକ୍ଷ୍ୟଭେଦ କରିବା ପାଇଁ ପାକିସ୍ତାନରେ ଆମେରିକା ପ୍ରାୟୋଜିତ ଆଣବିକ କାର୍ଯ୍ୟକ୍ରମ ଏକ ଦୀର୍ଘମିଆଦୀ ଯୋଜନା। ଏହିକାରଣରୁ ପାକିସ୍ତାନ ଆମେରିକାର ଗେହ୍ଲା ପୁଅ ହୋଇ ଏଫ୍-୧୬ ଯୁଦ୍ଧବିମାନ ହାସଲ କରିଛି ଏବଂ ଆତଙ୍କବାଦୀ ରପ୍ତାନିକାରୀ ରାଷ୍ଟ୍ର ଭାବେ କୁଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ଆତଙ୍କବାଦୀ ଦମନ ନାମରେ ଆମେରିକା ସମେତ ଆଇଏମ୍ଏଫ୍ ଓ ବିଶ୍ୱବ୍ୟାଙ୍କରୁ ଅକୁଣ୍ଠ ଆର୍ଥିକ ସହାୟତା ହାତେଇ ଆସୁଛି।

ପୁଣି ଥରେ ଚାର୍ଲିଙ୍କ ଉପରୋକ୍ତ ଚଳଚ୍ଚିତ୍ରର କାହାଣୀକୁ ଫେରିବା। ଦିନେ ଶିଶୁଟି ଚାର୍ଲିଙ୍କ ଆୟରେ ତା'ର ଭୂମିକା ବୁଝିପାରି ଅଧିକ ପାଉଣା ଦାବି କରେ ଏବଂ ଚାର୍ଲିଙ୍କଠାରୁ ନାସ୍ତିବାଣୀ ଶୁଣି ପୁଲିସ୍ ଆଗରେ ଫେରାଦ ହୁଏ। ଏହାପରେ ଚାର୍ଲିଙ୍କ ସ୍ଥିତି କ'ଣ ହୋଇଥିବ ତାହା ଉଲ୍ଲେଖ ଅନାବଶ୍ୟକ। ଏଠାରେ କିନ୍ତୁ ବିଡ଼ମ୍ବନା ହେଲା ଚାର୍ଲି ଭୂମିକାରେ ଅଭିନୟ କରୁଥିବା ଆମେରିକା ହିଁ ବିଶ୍ୱରେ ପୁଲିସ୍ ଓ ଅଦାଲତ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ତେଣୁ ଆଗକୁ ମଧ୍ୟ ଏଭଳି ଅନେକ ଭଦ୍ରଲୋକଙ୍କ ଘରର କାଚଝରକା ଭାଙ୍ଗିବାର ଧାରା ଜାରି ରହିଥିବ ଏବଂ ଆମେରିକା ସେଗୁଡ଼ିକୁ ମରାମତି କରିବାର ଶ୍ରେୟ ସହିତ ପାଉଣା ଅସୁଲ କରିଚାଲିଥିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଲୋକସଂସ୍କୃତିର ବାର୍ତ୍ତାବହ

**ଡ ଚନ୍ଦ୍ରକଳା ନାୟକ**

ସଂସ୍କୃତି ଏକ ପ୍ରବହମାନ ଧାରା। ସଂସ୍କୃତି ହିଁ ବ୍ୟକ୍ତି ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ଏହା ତ୍ୟାଗ ଓ ସଂଯମର ବିଭୂତି। ଲୋକସଂସ୍କୃତିର ପରିସର ଅତ୍ୟନ୍ତ ବ୍ୟାପକ। ଏହାରି ଭିତରେ ରହିଛି ଲୋକନୃତ୍ୟ, ଲୋକନାଟକ, ଲୋକକଳା, ଲୋକଗୀତ, ଲୋକକଥା, ଲୋକସାହିତ୍ୟ ପରି ଅନେକ ବିଭାଗ। ତନ୍ମଧ୍ୟରୁ 'ଦାସକାଠି' ଅନ୍ୟତମ।

ଦାସକାଠିରେ କଳାକାର ମାତ୍ର ଦୁଇଜଣ। ଜଣେ ପାଳିଆ ଓ ଅନ୍ୟଜଣେ ଗାହାଣ। ଶ୍ରୋତା ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂକେତିକ ଚରିତ୍ରଗତ ଭୂମିକାରେ ସାମୟିକ ଭାବେ ଏହି ଦୁଇ ଜଣ ଅବତୀର୍ଣ୍ଣ ହୁଅନ୍ତି। ଏମାନଙ୍କ ବାଦ୍ୟ ଉପକରଣ ମଧ୍ୟ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରେ। ଗାୟକ ସାଧାରଣତଃ ସଭ୍ୟ, ଶିକ୍ଷିତ ଓ ସାହିତ୍ୟ ବିଶାରଦ ହୋଇଥା'ନ୍ତି। ବିଶେଷତଃ ଏଥିରେ ଧାର୍ମିକ ଆବେଦନ ରହିଥିବାରୁ ସମାଜର ସମସ୍ତ ବର୍ଗର ବ୍ୟକ୍ତି ଏହାକୁ ଉତ୍ସାହର ସହ ଆୟୋଜନ କରିଥା'ନ୍ତି। ଲୋକନୃତ୍ୟ ପରମ୍ପରାରେ ଏକମାତ୍ର ଦାସକାଠି ନୃତ୍ୟ ବିଦଗ୍ଧ ଶିକ୍ଷିତ ଓ ଅଶିକ୍ଷିତ ବର୍ଗଙ୍କୁ ବହୁ ଭାବରେ ପ୍ରଭାବିତ କରିଥାଏ।

ଦାସକାଠି ଲୋକଚିତ୍ତରେ ପୌରାଣିକ ଭାବଧାରା ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଛାନ୍ଦ, ଚୌତିଶା ଆଦି ପାଇଁ ଆଗ୍ରହ ସୃଷ୍ଟି କରାଇ ଥାଏ। ଏହାର ପରିବେଷଣ କୌଶଳ ଏବଂ ଶୈଳୀ ମନୋମୁଗ୍ଧକର, ସରସ, ସୁନ୍ଦର ଓ ଲାଳିତ୍ୟପୂର୍ଣ୍ଣ। ଦାସକାଠିରେ ପାଳିଆ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ତା'ର ଉପସ୍ଥିତ ବୁଦ୍ଧିବଳରେ ନାନା ପ୍ରକାର ହାସ୍ୟରସ ସୃଷ୍ଟି ହୁଏ। ଧରାବନ୍ଧା କୌତୁକପୂର୍ଣ୍ଣ କାହାଣୀ ସ୍ୱତନ୍ତ୍ର ରୀତିରେ ପରିବେଷଣ କରୁଥିବା କାରଣରୁ ଅନ୍ୟାନ୍ୟ ଲୋକନୃତ୍ୟ ଅପେକ୍ଷା ସମାଜରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଦାସକାଠି ମୁଖ୍ୟତଃ ଗଞ୍ଜାମ ଜିଲ୍ଲାରୁ ଜନ୍ମ ହୋଇ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛି। ଲୋକମୁଖରେ ଶୁଣାଯାଏ, ବୈଷ୍ଣବ ଧର୍ମର ସମୃଦ୍ଧି କାଳରେ ହିଁ ଏହା ଆତ୍ମପ୍ରକାଶିତ। କୃଷ୍ଣ ଭକ୍ତି ପରମ୍ପରା ଅପେକ୍ଷା ରାମ ଉପାସନା ହେଉଛି ପ୍ରାଚୀନ। ସେଥିପାଇଁ କୁହାଯାଏ- ଏହା ରାମଲୀଳାର ପ୍ରଚାର ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିଲା। ସର୍ବୋପରି ରାମାୟଣର କାର୍ଯ୍ୟାବଳୀ ଓ ପୃଷ୍ଠଭୂମି ଦାସକାଠିରେ ପ୍ରତିଫଳିତ। ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଅଭିନ୍ନ ଯୋଡ଼ି ଏମାନଙ୍କ ଆଦର୍ଶ। ରାମଲୀଳାର ଗାୟକଙ୍କ ଦ୍ୱାରା ଏମାନେ ପ୍ରଭାବିତ।

ଦକ୍ଷିଣ ଓଡ଼ିଶାର 'ବାସିରି' ସଂପ୍ରଦାୟ ଦ୍ୱାରା ଏହା ସୃଷ୍ଟ। ଗାୟକମାନଙ୍କ ଦେହରେ ଜରିଲଗା ପୋଷାକ, ମୁଣ୍ଡରେ ପଗଡ଼ି, ହାତରେ ବଳାଖଡୁ, କାନରେ ଗୋଖରା ଶୋଭା ପାଇଥାଏ। କଳାକାରମାନେ ଧୋତୀକୁ କୁଞ୍ଚ ପକାଇ କଳାକୋର୍ଟ ପରିଧାନ କରନ୍ତି ଏବଂ ବେକରୁ ପାଦ ପର୍ଯ୍ୟନ୍ତ ସରୁ ଓଢ଼ଣୀ, ଅଣ୍ଟା ପାଟିଆ, କପାଳରେ ବୈଷ୍ଣବ ଧର୍ମୀ ତିଳକ, କାନରେ ନୋଳି, ମସ୍ତକରେ ପଗଡ଼ି ଧାରଣ କରନ୍ତି। ଗାୟକ ଓ ପାଳିଆ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିଥା'ନ୍ତି।

କାଠି ସଙ୍ଗୀତ ଏକ ସଂପୂର୍ଣ୍ଣ ନୂଆ ରୂପ ନେଇ ଦାସକାଠି ହୋଇଛି। ଗାୟକ ଓ ପାଳିଆ ସାଧାରଣତଃ ରାମ ଉପାସକ। ଏଥିରେ ପାଳିଆ ମଝିରେ ମଝିରେ 'ରାମ ଯେ, ହରିରାମ ଯେ, ନବୀନ ସୁନ୍ଦର ଘନଶ୍ୟାମ ଯେ' ଘୋଷା ପଦଟିଏ ବାରମ୍ବାର ଉଚ୍ଚାରଣ କରିଥା'ନ୍ତି। ଭାରତୀୟ ସଙ୍ଗୀତ ଶାସ୍ତ୍ର ଅନୁଯାୟୀ 'ଆନନ୍ଧ' ବାଦ୍ୟଯନ୍ତ୍ର ମଧ୍ୟରେ ଦାସକାଠି ଅନ୍ତର୍ଭୁକ୍ତ। ଏହି ବାଦ୍ୟଯନ୍ତ୍ର ଦୁଇପ୍ରକାରର ବ୍ୟବହୃତ ହୁଏ। ଯଥା ରାମତାଳ ଓ ଲକ୍ଷ୍ମଣ ତାଳ। ଗାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟ ରାମତାଳ ଏବଂ ଚାରିଫାଳିଆ କାଠ, ଯାହା ପାଳିଆ ବ୍ୟବହାର କରିଥାଏ, ତାହା ଲକ୍ଷ୍ମଣତାଳ। ସାଧାରଣତଃ ଏହା ଶିଶୁ କାଠରୁ ପ୍ରସ୍ତୁତ। ଏହି ବାଦ୍ୟ ବିଶ୍ୱକର୍ମାଙ୍କ ପ୍ରସ୍ତୁତ ପୌରାଣିକ ଯୁଗରୁ ପରମ୍ପରାକ୍ରମେ ଆସିଛି ବୋଲି କୁହାଯାଏ।

ଦାସକାଠିର କଳାକାର ଗ୍ରାମରୁ ଗ୍ରାମ ଓ ସହରାଦିରେ ପୁରାଣର ସଂଗୃହୀତ ଓ କାଳ୍ପନିକ ବିଷୟବସ୍ତୁ ପରିବେଷଣ କରିଥା'ନ୍ତି। ଯେପରି ଚନ୍ଦ୍ରାବତୀ ହରଣ, ନିଳାଦ୍ରୀ ହରଣ, କାମକଳା ହରଣ, ସୁଲୋଚନା ପରିଣୟ, ଚିତ୍ରସେନ ହରଣ, ସୁଭଦ୍ରା ହରଣ, କୀଚକ ବଧ, କର୍ଣ୍ଣ ବଧ, ଅଭିମନ୍ୟୁ ବଧ ପ୍ରଭୃତି ଏହାର ବହୁ ଜନାଦୃତ ଆଲୋଚିତ ବିଷୟ। ଦାସକାଠିର କେତେକ ବିଷୟ ପାଳିଆ ପରିବେଷଣ କରେ, ଯାହାର ସମ୍ପର୍କ ମୂଳ ବିଷୟ ସହ ନଥାଏ। କିନ୍ତୁ ଦର୍ଶକର ମନୋରଞ୍ଜନ ହୋଇଥାଏ ଏବଂ କେତେକ ସାମାଜିକ ଶିକ୍ଷା ମଧ୍ୟ ମିଳିଥାଏ। ଯେପରି ଗାୟକ ଆଗରେ ବୋଲେ - 'ସମ୍ମୁଖ ସମର ଅଟେ ଧର୍ମଯୁଦ୍ଧ ନୀତି, ପୃଷ୍ଠଦେଶୁ ଯୁଦ୍ଧ କେବେ ନକରଇ କ୍ଷତ୍ରୀ'। ପାଳିଆ ପଛରେ ବୋଲେ - 'ମଧୁପରିଡ଼ାଙ୍କ ଝିଅ ଚତୁର ସୁନ୍ଦରୀ, ଆସିଛି କଟକରୁ ଏମ.ଏ ପାସ କରି'। ଅଭିମନ୍ୟୁ ବଧ ବିଷୟ ପରିବେଷଣ କଲାବେଳେ ପାଳିଆ ଆଧୁନିକ ସମାଜର ଏକ ସାମାଜିକ ଚିତ୍ର ପରିବେଷଣ କରିଥାଏ।

ଦାସକାଠି ଅଭିନୟ ମୁକ୍ତମଞ୍ଚରେ ହୋଇଥାଏ। ଆବାହମାନ କାଳରୁ ଉତ୍ତର ରାମଚରିତର ଶେଷ ଅଙ୍କ ପାଠ କଲେ ମନେହୁଏ ଲବକୁଶ ଏହିପରି ମୁକ୍ତମଞ୍ଚରେ ରାମାୟଣର ନାଟ୍ୟ ରୂପ ପରିବେଷଣ କରିଥିଲେ। ଅଭିନୟ ସ୍ଥାନର ଚାରିପାର୍ଶ୍ୱରେ ଦର୍ଶକଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଏ। ଏହି ଅଭିନୟ କ୍ଷେତ୍ରକୁ ମଣ୍ଡଳ କୁହାଯାଏ। ସଙ୍ଗୀତ ନୃତ୍ୟ ଓ ଅଭିନୟର ଏକ ମିଶ୍ରିତ କଳା ହେଉଛି ଦାସକାଠି।

ଦାସକାଠି ଆମ ପରମ୍ପରାରେ ଏକ ଗୀତିମୟ ସାହିତ୍ୟିକ କହିଲେ ଭୁଲ ହେବ ନାହିଁ। ଦାସକାଠିର ଅନ୍ୟ ନାମ ହେଉଛି- ରାମତାଳି। କାହିଁ କେଉଁ ଶତାବ୍ଦୀରୁ ସୃଷ୍ଟି ହୋଇଥିବା ଏହି ବିଦଗ୍ଧ କଳାକୁ ଆମ ପରମ୍ପରାର ବାର୍ତ୍ତାବହ ଭାବରେ ଗ୍ରହଣ କରାଯାଇଛି। ଆମ ସାଂସ୍କୃତିକ ତଥା ସାହିତ୍ୟିକ ସ୍ରୋତସ୍ୱିନୀକୁ ମୁଖରିତ କରି ଗଢ଼ି ତୋଳିବାରେ ଦାସକାଠି ଗୁରୁତ୍ୱପୂର୍ଣ୍ଣ ଭୂମିକା ଉଲ୍ଲେଖଯୋଗ୍ୟ। ଆଜିର ଅତ୍ୟାଧୁନିକ ବସ୍ତୁବାଦୀ ଯୁଗରେ ଏହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ। ●

ଚଣ୍ଡିଖୋଲ, ମୋ: ୯୪୩୭୯୫୭୬୧୭

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ବୃଦ୍ଧଦାରକ

**ସୌଭାଗ୍ୟସୁନ୍ଦର**

ବୃଦ୍ଧଦାରକ ହେଉଛି ଭାରତୀୟ ଉପମହାଦେଶର ଏକ ବହୁବର୍ଷୀୟ ବଳିଷ୍ଠ ଲତା। ପରେ ଏହାକୁ ହାୱାଇ, ଆଫ୍ରିକା ଓ କାରିବିଆନ ସମେତ ବିଶ୍ୱବ୍ୟାପୀ ଅନେକ ଅଞ୍ଚଳରେ ପ୍ରଚଳିତ କରାଯାଇଥିଲା। ଆକ୍ରମଣାତ୍ମକ ହେଲେ ମଧ୍ୟ ସୌନ୍ଦର୍ଯ୍ୟ ଏବଂ ଔଷଧୀୟ ମୂଲ୍ୟ ପାଇଁ ବୃଦ୍ଧଦାରକ ପ୍ରାୟତଃ ବହୁଳ ଆଦୃତ। ଅଷ୍ଟ୍ରେଲିଆରେ ବୃଦ୍ଧଦାରକକୁ ଏକ ଅନାବନା ଉଦ୍ଭିଦ ଭାବରେ ବିବେଚନା କରାଯାଏ ଏବଂ ଏହା କେପ୍ ୟର୍କ ଉପଦ୍ୱୀପ ପାଇଁ ଏକ ପ୍ରାଥମିକ ଅନାବନା ଉଦ୍ଭିଦ ତାଲିକାରେ ଅନ୍ତର୍ଭୁକ୍ତ ଅଛି।

ଦୃଢ଼କାଣ୍ଡ ବିଶିଷ୍ଟ ଏହି ଉଦ୍ଭିଦର ଡାଳ ବା ଶାଖା ରେଶମୀ ଧଳା ଆବରଣ ଦ୍ୱାରା ଆଚ୍ଛାଦିତ ହୋଇଥାଏ। ଗଛଟି ପ୍ରଥମ ୧/୨ବର୍ଷ ମଧ୍ୟରେ ଏକ ବୁଦା ଭାବରେ ବଢ଼ିଥାଏ ଏବଂ ୧୦ ମିଟର ଲମ୍ବ ପର୍ଯ୍ୟନ୍ତ ଲତାରେ ପରିଣତ ହୋଇ ଆଶ୍ରୟ ପାଇଁ ନିକଟବର୍ତ୍ତୀ ଯେକୌଣସି ବୃକ୍ଷ ବା ପଥର କିମ୍ବା କାନ୍ଥରେ ଗୁଡ଼େଇ ହୁଏ। ୮ ରୁ ୨୦ ସେମି ଲମ୍ବା ଏବଂ ୫ ରୁ ୧୫ ସେମି ଚଉଡ଼ା ପତ୍ରଗୁଡ଼ିକ ହାତୀ କାନ ଭଳି କିମ୍ବା ହୃତପିଣ୍ଡ ଆକାରର। ନିମ୍ନପୃଷ୍ଠ ଲୋମଯୁକ୍ତ ଓ ଧୂସର ଧଳା ଏବଂ ଉପଭାଗ ମସୃଣ। ଫନେଲ ଆକାରର ଫୁଲ ୩ ରୁ ୪ ସେମି ଲମ୍ବା ଏବଂ ଗୋଲାପୀ ଧଳା। ଫଳ (ବେରି) ଗୋଲାକାର, ୨ ସେମି ବ୍ୟାସବିଶିଷ୍ଟ, ଯେଉଁଥିରେ ୨ ରୁ ୪ ଟି ବିହନ ଥାଏ। ଭାରତରେ ଜୁଲାଇ-ଡିସେମ୍ବର ଏବଂ ମାର୍ଚ୍ଚ-ଏପ୍ରିଲରେ ଫୁଲ ଫୁଟେ। ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ପରିସଂସ୍ଥାରେ ଖୋଲା ଜଙ୍ଗଲ, ଘନ ତୃଣଭୂମି, ରାସ୍ତା କଡ଼, ନଦୀ କୂଳ, ହ୍ରଦର ଧାର ଆଦି ସ୍ଥାନମାନଙ୍କରେ ଏହି ଉଦ୍ଭିଦ ଅଧିକ ଦେଖାଯାଏ।

ଆୟୁର୍ବେଦିକ ଗ୍ରନ୍ଥଗୁଡ଼ିକ ସୂଚାଇ ଦିଏ ଯେ ବୃଦ୍ଧଦାରକରେ ଏପରି ଗୁଣ ଅଛି, ଯାହା ସ୍ମୃତି, ଏକାଗ୍ରତା ଏବଂ ସାମଗ୍ରିକ ଜ୍ଞାନାତ୍ମକ କାର୍ଯ୍ୟକୁ ଉନ୍ନତ କରେ। ଏହାକୁ ପ୍ରାୟତଃ ମାନସିକ ସୁସ୍ଥତା ଓ ମସ୍ତିଷ୍କ ଟନିକ୍ ଏବଂ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ଏହାର ପ୍ରଦାହ-ବିରୋଧୀ ଗୁଣ ଯୋଗୁଁ ସନ୍ଧି ଯନ୍ତ୍ରଣା ଦୂର କରିବାରେ ଏହାକୁ ଉପଯୋଗ କରାଯାଏ। ଦାଗ, ଏକଜିମା, କୁଣ୍ଡିଆ ଓ ଅନ୍ୟାନ୍ୟ ଚର୍ମରୋଗ, ପାଚନ ପ୍ରଣାଳୀର ସନ୍ତୁଳନ, ଅନ୍ତନଳୀ ସୁସ୍ଥତା, ଗନୋରିଆ, କ୍ରନିକ୍ ଅଲସର, ମଧୁମେହ, ରକ୍ତହୀନତା, ଭୋକହୀନତା, ଗଳାଘାତ, ଶ୍ୱାସରୋଗ, ଦୀର୍ଘକାଳୀନ ଅଲସର, ବାତରୋଗ, ସ୍ନାୟୁତନ୍ତ୍ରର ରୋଗ, ସ୍ଥୂଳତା, ସିଫିଲିସ୍, ଦୀର୍ଘକାଳୀନ କାଶ, ଅଣ୍ଡା, ଜ୍ୱର, ବାତରୋଗ, ହେମିପ୍ଲେଜିଆ ଓ ପତଳାଝାଡ଼ା ଆଦି ଚିକିତ୍ସାରେ ଏହା ଉପଯୋଗୀ। ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ ସମୟରେ ଆୟୁର୍ବେଦିକ ଔଷଧ ଭାବରେ ଏହାକୁ ଏଡ଼ାଇବାକୁ ସାଧାରଣତଃ ପରାମର୍ଶ ଦିଆଯାଏ। କାରଣ ଏହା କିଛି ବିପରୀତ ପ୍ରତିକ୍ରିୟା ପ୍ରଦର୍ଶନ କରିପାରେ। କିଛି କ୍ଷେତ୍ରରେ, ଏହା ବାନ୍ତି କିମ୍ବା ପତଳାଝାଡ଼ା ସହିତ ପାକସ୍ଥଳୀ ଅସ୍ୱସ୍ତିକର କାରଣ ହୋଇପାରେ।

ପ୍ରାଚୀନ କାଳରେ ସେନା 'ବୈଦ୍ୟରାଜ' ସର୍ବଦା ଏହି ବୃକ୍ଷର ବିଭିନ୍ନ ଅଂଶକୁ ପ୍ରାଥମିକ ଚିକିତ୍ସା ଭାବରେ ଯୁଦ୍ଧକ୍ଷେତ୍ରକୁ ନେଇ ଯାଉଥିଲେ। ଆଲେକଜାଣ୍ଡାର ମଧ୍ୟ ଯୁଦ୍ଧକ୍ଷେତ୍ରକୁ ଯିବା ବେଳେ ଏହି ପତ୍ର ଓ ଚେରମୂଳି ନେଇ ଯାଉଥିବା କୁହାଯାଏ। ବୃଦ୍ଧଦାରକରେ ବିଭିନ୍ନ ପ୍ରକାରର ଇମ୍ୟୁନୋମୋଡୁଲେଟ୍ରି, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ଏବଂ ଆଣ୍ଟିଫଙ୍ଗାଲ, ଲାଇସର୍ଗାମାଇଡ୍ସ, ଏର୍ଗୋଲାଇନ୍ ଆଲକାଲଏଡ୍ସ ଯେପରିକି ଏର୍ଜିନ୍ ଗୁଣ ସମେତ ଲାଇସର୍ଜିକ୍ ଏସିଡ୍, ମିଥାଇଲର୍ଗୋମେଟ୍ରିନ୍, ମେଥାଇସର୍ଗାଇଡ୍, ଲାଇସର୍ଜିଲାଲାନାଇନ୍, ଆର୍ଜିରୋସାଇଡ୍ ରହିଛି।

ବୃଦ୍ଧଦାରକ ବାଣିଜ୍ୟିକ ଭିତ୍ତିରେ ବହୁଳ ଭାବରେ ଚାଷ କରାଯାଏ ଏବଂ ଏହା ଏକ ଲୋକପ୍ରିୟ ଭାରତୀୟ ଔଷଧୀୟ ଉଦ୍ଭିଦ, ଯାହା ଦୀର୍ଘ ସମୟ ଧରି ପାରମ୍ପରିକ ଆୟୁର୍ବେଦିକ ଔଷଧରେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୋଇଆସୁଛି। ଏହାର ବ୍ୟାପକ ଔଷଧୀୟ ସମ୍ଭାବନା ହେତୁ ଏହାକୁ ସ୍ଥାନୀୟ ଚାଷୀମାନଙ୍କୁ ଆୟ ପ୍ରଦାନ କରିବା ଏବଂ ଏହାର ଔଷଧୀୟ ଗୁଣର ଆହୁରି ଅନୁସନ୍ଧାନ କରିବା ପାଇଁ ଭାରତରେ ଏହାର ବ୍ୟାପକ ପରିମାଣରେ ଚାଷ କରାଯିବା ଉଚିତ। ●

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଉସ୍ତପଲ୍ଲୀରେ ବ୍ୟାପୁଛି ଝାଡ଼ାବାନ୍ତି

ଦିଗପହଣ୍ଡି,୬।୭(ସମିସ): ଦିଗପହଣ୍ଡି ବ୍ଲକ୍ ସହଦେବ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଉସ୍ତପଲ୍ଲୀରେ ବ୍ୟାପୁଛି ଝାଡ଼ାବାନ୍ତି। ରବିବାର ଏଥିରେ ଆକ୍ରାନ୍ତ ହୋଇ ୯ ଜଣ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେଥିମଧ୍ୟରୁ ୨ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାକୁ ସ୍ଥାନାନ୍ତର କରାଯାଇଛି।

- ୯ ଆକ୍ରାନ୍ତ; ୨ ଗୁରୁତର
- ସ୍ଥିତି ପରଖିଲା ସ୍ୱାସ୍ଥ୍ୟ ବିଭାଗ
- ୩ ଦିନ ତଳେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା





ଗତ କିଛି ଦିନ ଧରି ଦିଗପହଣ୍ଡି ସମେତ ଆଖପାଖ ଗ୍ରାମାଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଉସ୍ତପଲ୍ଲୀ ଗ୍ରାମର ଲୋକମାନେ ବର୍ଷାଜଳ ତଥା ଦୂଷିତ ପାଣି ବ୍ୟବହାର କରିବା ଫଳରେ ଝାଡ଼ାବାନ୍ତି ବ୍ୟାପୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଗ୍ରାମର କିଛି ପରିବାରର ସଦସ୍ୟମାନଙ୍କୁ ଝାଡ଼ାବାନ୍ତି ହୋଇଥିଲା। ସକାଳୁ ଆଶାକର୍ମୀ ଲିନୁ ସାହୁ ଗ୍ରାମରେ ପହଞ୍ଚି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଖବର ପାଇ ପ୍ରଥମେ ଗୋଟିଏ ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚି ୨ ଜଣଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଇଥିଲା। ପରେ ଆଉ ୨ଟି ଆମ୍ବୁଲାନ୍ସ ଗ୍ରାମକୁ ଯାଇଥିଲେ ମଧ୍ୟ ରାସ୍ତାରେ କାଦୁଅ ଯୋଗୁ ଗ୍ରାମଠାରୁ ପ୍ରାୟ ୨୦୦ ମିଟର ଦୂରରେ ରହିଯାଇଥିଲା। ତେବେ ଗ୍ରାମବାସୀ ଏବଂ ସମାଜସେବୀ ମନୋଜ କୁମାର ସାହୁଙ୍କ ସହାୟତାରେ ଅନ୍ୟ ଆକ୍ରାନ୍ତଙ୍କୁ ଦୋଳାରେ ବୋହି ଆମ୍ବୁଲାନ୍ସ ନିକଟକୁ ଅଣାଯାଇଥିଲା। ସେଠାରୁ ଦିଗପହଣ୍ଡି ମେଡିକାଲ ଅଣାଯିବା ପରେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ଗୌରୀ ଶବର, କାଳୁ ଶବର, ସୁମିତ୍ରା ଶବର, ସୁବାସ ଶବର, ରାଜେଶ ଶବର, ଶିବାନନ୍ଦ ଶବର, ଦମୟନ୍ତୀ ଶବର, ଅନୀତା ଶବର, ପ୍ରିୟଙ୍କା ଶବର, ଦମୟନ୍ତୀ ଶବର ରହିଛନ୍ତି। ଅନୀତା ଓ ଦମୟନ୍ତୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟମାନେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଗତ ୩ ତାରିଖ ଦିନ ତଳେ ଦାସ ଶବର ନାମକ ବୃଦ୍ଧଙ୍କୁ ପ୍ରଥମେ ଝାଡ଼ାବାନ୍ତି ହୋଇଥିଲା। ପରିବାରଲୋକ ଭୀଷ୍ମଗିରି ଗ୍ରାମ ମେଡିକାଲ ନେଇ ଚିକିତ୍ସା କରି ଆଣିଥିଲେ। କିନ୍ତୁ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ଗ୍ରାମରେ ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ସ୍ଥିତି ତଦାରଖ କରିବା ସହ ପରୀକ୍ଷା ନିମନ୍ତେ ପାନୀୟଜଳ ନମୁନା ସଂଗ୍ରହ କରି ଫେରିଛନ୍ତି। ବ୍ଲକ ପାନୀୟ ଜଳ ବିଭାଗ କର୍ମଚାରୀ, ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଏବଂ ସରପଞ୍ଚ ପ୍ରତିନିଧି ଶ୍ୟାମ ନାୟକ, ସମିତିସଭ୍ୟ ପ୍ରତିନିଧି ସମୀର ବେହେରା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରାଇବା ସହ ଚିକିତ୍ସା କ୍ଷେତ୍ରରେ ସହଯୋଗ କରୁଛନ୍ତି।

- ୧୦୮ ଆମ୍ବୁଲାନ୍ସ ଅଚଳ ଯୋଗୁ ଘାଟିରେ ଯୁବକଙ୍କ ମୃତ୍ୟୁ ଘଟଣା

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ଅପରାଧିକ ଅବହେଳା: ବିଜେଡି

ବ୍ରହ୍ମପୁର/ଖଲ୍ଲିକୋଟ,୬।୭(ସମିସ): ୧୦୮ ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ଚରମ ଅବ୍ୟବସ୍ଥା ଲାଗି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଇତପୁର ଗ୍ରାମର ଶଙ୍କର ମହାରଣାଙ୍କ ମୃତ୍ୟୁ ଘଟିଛି। ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ମୃତକଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେବା ସହ ଏହାକୁ ସରକାରଙ୍କ ଚରମ ଅପରାଧିକ ଅବହେଳା ବୋଲି କହିଛି।

ସୂଚନାଯୋଗ୍ୟ, ଗୁରୁବାର କ୍ରିକେଟ୍ ଖେଳିବା ବେଳେ ଛାତିରେ ବଲ୍ ବାଜିବାରୁ ଶଙ୍କର ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପରିବାରଲୋକେ ୧୦୮

- ମୃତକଙ୍କ ପରିବାରକୁ ଭେଟିଲେ ପ୍ରତିନିଧିମଣ୍ଡଳୀ
- ଆମ୍ବୁଲାନ୍ସ ପରିଚାଳନାରେ ସ୍ୱାସ୍ଥ୍ୟ ବିଭାଗର ଚରମ ଦାୟିତ୍ୱହୀନତା

ଆମ୍ବୁଲାନ୍ସକୁ କଲ୍ କରିଥିଲେ ମଧ୍ୟ ନ ଆସିବାରୁ ନିଜ ଉଦ୍ୟମରେ ବାଲୁଗାଁ ମେଡ଼ିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ନେବା ବେଳେ ବଡ଼ଘାଟିରେ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଅନ୍ୟ ଆମ୍ବୁଲାନ୍ସ ଓ ପୁଲିସକୁ ଫୋନ୍ କରି ସହାୟତା ମାଗିଥିଲେ ମଧ୍ୟ ମିଳିନଥିଲା। ଫଳରେ ମା' ଆଗରେ ଛଟପଟ ହୋଇ ପୁଅର ଜୀବନ ଚାଲିଯାଇଥିଲା। ୩ ଘଣ୍ଟା ପରେ ଆମ୍ବୁଲାନ୍ସ ପହଞ୍ଚିବା ପରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ନିଆଯାଇଥିଲା ସେଠାରେ ଡାକ୍ତର ମୃତ ଘୋଷଣା କରିବା ସହ ଯଦି ଶୀଘ୍ର ରୋଗୀଙ୍କୁ ମେଡ଼ିକାଲରେ ପହଞ୍ଚା ଯାଇଥାନ୍ତା, ତେବେ ଜୀବନ ବଞ୍ଚିଯାଇଥାନ୍ତା ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଏକ ଅମୂଲ୍ୟ ଜୀବନ ଚାଲିଗଲା ବୋଲି ରବିବାର ଆଇତପୁର ଗ୍ରାମରେ ମୃତ ଶଙ୍କରଙ୍କ ପରିବାର ଓ ଗ୍ରାମବାସୀ ବିଜେଡି ପ୍ରତିନିଧି ଦଳ ନିକଟରେ ଅଭିଯୋଗ କରିଥିଲେ।

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଖବର ପହଞ୍ଚିବାର ୨୦ ମିନିଟ୍ ମଧ୍ୟରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ରୋଗୀଙ୍କୁ ହସ୍ପିଟାଲ ନେଉଥିଲା। ହେଲେ ବିଜେପି ସରକାରରେ ଖବର ଦେବାର ୩ ଘଣ୍ଟା ପରେ ବି ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ। ଫଳରେ ଏକ ଅମୂଲ୍ୟ ଜୀବନ ହରାଇବାକୁ ପଡ଼ିଲା। ମୃତ ଶରୀରକୁ ଏମକେସିଜି ମେଡ଼ିକାଲରୁ ନିଜ ଗ୍ରାମକୁ ନେବା ପାଇଁ ପରିବାରବର୍ଗ ସହାୟତା ମାଗିଥିଲେ ମଧ୍ୟ କେହି ଶୁଣିନଥିଲେ ଏବଂ ନିଜ ହାତରୁ ୫ ହଜାର ଟଙ୍କା ଖର୍ଚ୍ଚ କରି ପରିବାରଲୋକେ ମୃତଦେହକୁ ଘରକୁ ନେଇଥିଲେ। ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଗତକାଲି ସୁଦ୍ଧା କୌଣସି ସରକାରୀ ଅଧିକାରୀ ପରିବାର ନିକଟରେ ପହଞ୍ଚିନଥିଲେ। ବିଜେଡି ପ୍ରତିନିଧିମଣ୍ଡଳୀ ଯିବାର ଖବର ପାଇ ଗତରାତି ୧୧ଟାରେ ସରକାର ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୃତ ଶଙ୍କରଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାର ତାଙ୍କ ଭାଇଙ୍କୁ ତୁରନ୍ତ ଏକ ସରକାରୀ ଚାକିରି ଦିଅନ୍ତୁ ବୋଲି ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀ ଦାବି କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଯାଇଥିବା ବିଜେଡି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିକ୍ରମ ପଣ୍ଡା, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣୀ ବୈଦ୍ୟ, ରଞ୍ଜିତା ସାହୁ, ବ୍ରହ୍ମପୁର ମେୟର୍ ସଂଘମିତ୍ରା ଦଳେଇ, ସୁବାସ ମହାରଣା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ପୂର୍ବତନ ଏନଏସି ଅଧ୍ୟକ୍ଷ ରାମମୋହନ ପଣ୍ଡା, ଭବାନୀକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ରତ୍ନାକର ସାହୁ, ଦୟାନିଧି ସାହୁ, ସ୍ଥାନୀୟ ସରପଞ୍ଚ ଟ୍ୱିଙ୍କିଲ୍ ତରାଇ ପ୍ରମୁଖ ସାମିଲ ଥିଲେ।

# ଆସନ୍ତା ବର୍ଷକୁ ସୁନାବେଶର ନୂଆ ସେଟ୍

ପୁରୀ, ୬।୭(ସମିସ): ଆସନ୍ତା ବର୍ଷକୁ ମହାପ୍ରଭୁଙ୍କର ହେବ ସୁନାବେଶର ନୂଆ ସେଟ୍। ପବିତ୍ର ସୁନାବେଶ ଅବସରରେ ଏ ସଂପର୍କରେ ଘୋଷଣା କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଏନେଇ ପ୍ରାଥମିକସ୍ତରରେ ଆଲୋଚନା ହୋଇଛି। କିନ୍ତୁ ଏହାର ଦାୟିତ୍ୱ ମହାପ୍ରଭୁଙ୍କର। ତାଙ୍କର ଇଚ୍ଛା ଥିଲେ, କିଛି ଅସମ୍ଭବ ନୁହେଁ। ଦୀର୍ଘ ଦିନ ହେବ ସେବାୟତମାନଙ୍କର ଏହି ଦାବି ଏବଂ ଅନୁରୋଧ ରହିଛି। ଗତ ପରିଚାଳନା କମିଟି ସଦସ୍ୟମାନେ ବୈଠକରେ ଏହି ପ୍ରସଙ୍ଗ ବାରମ୍ବାର ଉତ୍ଥାପନ କରିଛନ୍ତି। ଯଦି ମହାପ୍ରଭୁଙ୍କ ଇଚ୍ଛା ଏବଂ ଆଶୀର୍ବାଦ ରହିବ, ତେବେ ନୂଆ ଅଳଙ୍କାର ତିଆରି ହେବ। ଏନେଇ ସରକାରୀସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି। ଠାକୁରଙ୍କ ଆଶୀର୍ବାଦ ରହିଲେ ଏହି ପ୍ରକ୍ରିୟା ଖୁବ୍‌ଶୀଘ୍ର ସମ୍ଭବ ହେବ। ସବୁ କିଛି ଠିକଠାକ୍ ରହିଲେ ଆସନ୍ତା ବର୍ଷ ମହାପ୍ରଭୁଙ୍କର ନୂଆ ଅଳଙ୍କାର ଦେଖିବାକୁ ମିଳିବ।

- ରତ୍ନଭଣ୍ଡାର ୯୯ ପ୍ରତିଶତ କାମ ସରିଛି
- ନୀଳାଦ୍ରି ବିଜେ ପରେ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର ହେବ

ବର୍ତ୍ତମାନ ସୁନାବେଶରେ ବ୍ୟବହୃତ ଅଳଙ୍କାର ଦୀର୍ଘ ବର୍ଷର। ଏହା ମଧ୍ୟ ପତଳା ହୋଇଆସିଲାଣି। ନୂଆ ଅଳଙ୍କାର ହେଲେ ପୁରୁଣା ଅଳଙ୍କାରକୁ ଦର୍ଶନ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପରିସରରେ କୌଣସି ଏକ ଜାଗାରେ ରଖିବାର ବ୍ୟବସ୍ଥା ହେବ ବୋଲି କହିଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ। ରତ୍ନଭଣ୍ଡାର ମରାମତି ସମ୍ପର୍କରେ ଆଇନମନ୍ତ୍ରୀ କହିଛନ୍ତି, ୯୯ ପ୍ରତିଶତ କାମ ଶେଷ ହୋଇଛି। ସମ୍ଭବତଃ ସୋମବାର ଏଏସ୍‌ଆଇ ଶ୍ରୀମନ୍ଦିର ପ୍ରଶାସନକୁ ରତ୍ନଭଣ୍ଡାର ହସ୍ତାନ୍ତର କରିବାର ଯୋଜନା ରହିଛି। ନୀଳାଦ୍ରି ବିଜେ ପରେ ମହାପ୍ରଭୁଙ୍କର ରତ୍ନ ଅଳଙ୍କାରକୁ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ପରବର୍ତ୍ତୀ ସମୟରେ ଗଠନ କରାଯାଇଥିବା ଉଚ୍ଚସ୍ତରୀୟ କମିଟି ଏବଂ ରିଜର୍ଭ ବ୍ୟାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଗଣତିମଣତି କରାଯିବ ବୋଲି କହିଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଏକ ଦେଶ...

ପ୍ରୟୋଗ କରିପାରିବେ, ସେଥିଲାଗି ଯଥେଷ୍ଟ ସେଫଗାର୍ଡ ରହିବା ଜରୁରୀ। ବିନା ଗାଇଡଲାଇନ୍ସରେ ଏଭଳି ନିଷ୍ପତ୍ତି ନେବାଲାଗି କମିସନଙ୍କୁ କ୍ଷମତା ମିଳିଲେ ସମଗ୍ର ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ସେ ଉଦବେଗ ଜଣାଇଛନ୍ତି। ଗତ ମାର୍ଚ୍ଚରେ ସଂସଦୀୟ କମିଟିରେ ହାଜର ହାଇ ଜଷ୍ଟିସ ଗୋଗଇ ମଧ୍ୟ ଏଭଳି ଉଦବେଜ ଜଣାଇଥିଲେ। ଅନ୍ୟତମ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ୟୁୟୁ ଲଳିତ ସଂସଦୀୟ କମିଟିକୁ କହିଥିଲେ 'ଏକ ଦେଶ, ଏକ ନିର୍ବାଚନ' ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯିବା ଉଚିତ।

ଜଷ୍ଟିସ ଚନ୍ଦ୍ରଚୁଡ଼ ଆହୁରି କହିଛନ୍ତି ଯେ ଏକ ସମୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହେଲେ ଆଞ୍ଚଳିକ ଓ କ୍ଷୁଦ୍ର ଦଳ କ୍ଷତିଗ୍ରସ୍ତ ହେବେ ବୋଲି ଯାହା କୁହାଯାଉଛି, ତାହା ସଂପୂର୍ଣ୍ଣ ରୂପେ ଭୁଲ ବୋଲି କୁହାଯାଇ ପାରିବ ନାହିଁ। ନିର୍ବାଚନ ପ୍ରଚାର ବେଳେ ଆର୍ଥିକ ସମ୍ବଳ ଦୃଷ୍ଟିରୁ ବଡ଼ ବଡ଼ ଜାତୀୟ ଦଳ ଅନ୍ୟମାନଙ୍କୁ ପଛରେ ପକାଇଦେବେ। ତେଣୁ ଆଞ୍ଚଳିକ ଦଳମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ବ୍ୟବସ୍ଥା ରହିବା ଜରୁରୀ। ସେ କହିଛନ୍ତି ଯେ ଲୋକପ୍ରତିନିଧି ଆଇନ ଓ ନିର୍ବାଚନ ଆଚରଣବିଧିରେ ନିର୍ବାଚନ ପ୍ରଚାର ବେଳେ ପ୍ରାର୍ଥୀମାନଙ୍କର ଖର୍ଚ୍ଚ ସୀମା ନିର୍ଦ୍ଧାରିତ କରାଯାଇଛି। କିନ୍ତୁ ରାଜନୈତିକ ଦଳଙ୍କ ପାଇଁ ଏଭଳି ସୀମା ଧାର୍ଯ୍ୟ କରାଯାଇନାହିଁ। 'ଏକ ଦେଶ, ଏକ ନିର୍ବାଚନ' କାର୍ଯ୍ୟକାରୀ କରିବା ପୂର୍ବରୁ ଏସବୁ ସମସ୍ୟାର ସମାଧାନ ବାହାର କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି।

### ରଥରେ ଝଟକିଲେ...

ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଅପରାହ୍ଣ ୧ଟା ପରଠାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଥିଲା।

ସୁନାବେଶ ଲାଗି ସକାଳୁ ବେଶ୍ ତତ୍ପର ହୋଇପଡ଼ିଥିଲେ ସେବାୟତ ଓ ଅଧିକାରୀ। ସକାଳ ୭ଟା ୧୫ରୁ ୭ଟା ୩୫ ମଧ୍ୟରେ ତିନିରଥରେ ମଙ୍ଗଳ ଆଳତି ନୀତି ବଢ଼ିଥିଲା। ପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ନ ୧୦ଟା ୩୦ରେ ଗୋପାଳବଲ୍ଲଭ ଭୋଗ ହୋଇଥିବା ବେଳେ ମଧ୍ୟାହ୍ନ ୧୨ଟାରେ ସକାଳ ଧୂପ ସରିଥିଲା। ଅପରାହ୍ଣ ୧ଟା ୪୫ରୁ ୨ଟା ୪୫ ମଧ୍ୟରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ୩ଟା ୫୫ରୁ ୪ଟା ୧୦ମଧ୍ୟରେ ମଇଲମ, ୪ଟା ୧୦ରୁ ୪ଟା ୧୫ ମଧ୍ୟରେ ଶାଢ଼ି ଖଣ୍ଡୁଆ ଲାଗି ହୋଇ ସନ୍ଧ୍ୟା ଆଳତି ହୋଇଥିଲା। ପରେ ଅପରାହ୍ଣ ୪ଟା ୪୫ରେ ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର ରଥ ନିକଟକୁ ବିଜେ କରାଯାଇଥିଲା। ଅପରାହ୍ଣ ୫ଟାରୁ ସୁନାବେଶ ଆରମ୍ଭ ହେବାକୁ ଥିବା ବେଳେ ଏହାର କିଛି ସମୟ ପୂର୍ବରୁ ଶ୍ରୀବିଗ୍ରହମାନଙ୍କୁ ସ୍ୱର୍ଣ୍ଣ, ରୁପା ଆଦି ମୂଲ୍ୟବାନ ଧାତୁଖଚିତ ଅଳଙ୍କାରରେ ବେଶ କରିଥିଲେ ପୁଷ୍ପାଳକ ସେବକ। ସେମାନଙ୍କୁ ଅନ୍ୟ ସେବକ ସହଯୋଗ କରିଥିଲେ। ସନ୍ଧ୍ୟା ୫ଟା ୫୫ସୁଦ୍ଧା ଠାକୁରମାନଙ୍କୁ ସୁନାବେଶରେ ସଜାଇବା ସମ୍ପୂର୍ଣ୍ଣ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ କିରୀଟ, ଗଳାରେ ମାଳା, ଓଡ଼ିଆଣୀ, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀହସ୍ତ, ଶ୍ରୀପୟର, ହଳମୂଷଳ, ଶଙ୍ଖ, ଚକ୍ର ଆଦି ଲାଗି କରାଯାଇଥିଲା। ସୁନାବେଶରେ ଥାଇ ରଥ ଉପରେ ହିଁ ଠାକୁରମାନଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢ଼ିଥିଲା। ରାତିରେ ସୁନାବେଶ ମଇଲମ ପରେ ରଥାରୂଢ଼ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ରତ୍ନସିଂହାସନରେ ସୁନାବେଶ ବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥା'ନ୍ତି। କିନ୍ତୁ ରଥାରୂଢ଼ ଠାକୁରଙ୍କ ସୁନାବେଶର ବିଶେଷତ୍ୱ ହେଉଛି ଏହି ବେଶରେ ମହାପ୍ରଭୁ ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିନଥା'ନ୍ତି। ରଥାରୂଢ଼ ଠାକୁର ସୁନାବେଶରେ ସୋଲର ଚିତା ଧାରଣ କରିଥା'ନ୍ତି। ତେବେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସିଂହଦ୍ୱାର ରଥ ପାଖରୁ ମାର୍କେଟ୍ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ଏକମୁହାଁ ହୋଇ ସିଂହଦ୍ୱାର ଅଭିମୁଖେ ଚାଲିଥିଲେ। ବାମପାର୍ଶ୍ୱରେ ଦଣ୍ଡାୟମାନ ନନ୍ଦିଘୋଷ କଡ଼ ଦେଇ ଡାହାଣକୁ ବୁଲି ସମ୍ମୁଖ ଭାଗରୁ ରଥାରୂଢ଼ ଠାକୁରଙ୍କୁ ସୁନାବେଶ ଦର୍ଶନ କରିଥିଲେ। ତାଳଧ୍ୱଜ ରଥ ପାର୍ଶ୍ୱ ଦେଇ ପୁନଶ୍ଚ ବଡ଼ଦାଣ୍ଡକୁ ଆସି ନିଜନିଜ ଗନ୍ତବ୍ୟ ସ୍ଥଳକୁ ଫେରିଯାଉଥିଲେ। ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ରାତି ୧୧ଟା ପର୍ଯ୍ୟନ୍ତ ରଥାରୂଢ଼ ଠାକୁରଙ୍କୁ ସୁନାବେଶରେ ଦର୍ଶନ କରିଥିଲେ ଭକ୍ତ। ଏହାପରେ ବେଶ ଓଲାଗି କରାଯାଇଥିଲା।

### ତିନି ରଥରେ...

ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ରଥରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଅଧରପଣା ନୀତି ଅନୁଷ୍ଠିତ ହେବ। ଏହି ନୀତିକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି।

### ଆଜି ଅଧା ଓଡ଼ିଶାରେ...

ଜଣାପଡ଼ିଛି। ୮ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବୁଲେଟିନରେ ସୂଚନା ପ୍ରଦାନ କରାଯାଇଛି। ଆସନ୍ତା ୧୨ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଏହାପରେ ପାଣିପାଗରେ ସାମାନ୍ୟ ପରିବର୍ତ୍ତନ ଘଟିବା ନେଇ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି।

### ଲଗାଣ ବର୍ଷାରେ...

ସପ୍ତାହେ ହେବ ଲଗାଣ ବର୍ଷା ଯୋଗୁଁ କାନ୍ଥ ଭିଜି ଦୁର୍ବଳ ହୋଇପଡ଼ିଥିଲା। ଦିବାକରଙ୍କ ଆଈ ରବିବାର ମଧ୍ୟାହ୍ନରେ ନାତୁଣୀବୋହୂ ବାଲମିତି ଏବଂ ଦିବାକରଙ୍କ ୬ ବର୍ଷର ଝିଅ ସିଦ୍ଧିଙ୍କୁ ନେଇ ଫାର୍ମ ଘର ନିକଟକୁ ଯାଇଥିଲେ। ଭିତରେ ବୁଲି ବୁଲି ସ୍ଥିତି ଦେଖିଲା ବେଳେ ଅଘଟଣ ଘଟିଥିଲା। ହଠାତ କାନ୍ଥଟି ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଆଈଶାଶୂ ଓ ନାତୁଣୀବୋହୂ ଚାପି ହୋଇଯାଇଥିଲେ। ସୌଭାଗ୍ୟବଶତଃ କୁନି ଝିଅ ସିଦ୍ଧି ଅଳ୍ପକେ ବର୍ତ୍ତିଯାଇଥିଲା। ତୁରନ୍ତ ସେ ସେଠାରୁ ଧାଇଁ ଯାଇ ଗାଁଲୋକଙ୍କୁ ଘଟଣା ବିଷୟରେ କହିଥିଲା। ଗ୍ରାମବାସୀ ସେଠାରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ତୁରନ୍ତ ପୁଲିସ ମଧ୍ୟ ପହଞ୍ଚିଥିଲା। ଆମ୍ବୁଲାନ୍ସ ଯୋଗେ ଦୁହିଁଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର କିନ୍ତୁ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଏହି ଖବର ପାଇ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଏକ ଟିମ୍ ମଧ୍ୟ ଗାଁରେ ପହଞ୍ଚି ଅନୁଧ୍ୟାନ କରିଛି।

### ହୀରାକୁଦ ଖୋଲିଲା...

କ୍ୟୁସେକ, ଖଇରମାଳଠାରେ ୭୮୦୦୦ କ୍ୟୁସେକ, ବାରମୁଲଠାରେ ୮୨୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୧୧୮୭୬୭ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ସେହିପରି ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୫୬.୯୮ ମିମି ଏବଂ ତଳମୁଣ୍ଡରେ ୧୮.୫୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍ ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଏଥିପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଜଳଭଣ୍ଡାରରୁ ଆଜି ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ମହାନଦୀ ଅବବାହିକାରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏହାସହ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ସର୍ବସାଧାରଣଙ୍କୁ ସଚେତନ କରାଯାଉଛି। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

### ଶିବରାଜ, ଧର୍ମେନ୍ଦ୍ର...

ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୨୦୨୬ରେ ପଶ୍ଚିମବଙ୍ଗ, ତେଲଙ୍ଗାନା, କେରଳ, ଆସାମ ଓ ୨୦୨୭ରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାମ, ଗୋଆ, ମଣିପୁର ବିଧାନସଭା ନିର୍ବାଚନ ହେବ ଏବଂ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ମଧ୍ୟ ଏହି ବର୍ଷ ଅନୁଷ୍ଠିତ ହେବ। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ଦଳ ସଭାପତି ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବ। ସମ୍ପ୍ରତି ତିନିଜଣ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ମନୋହରଲାଲ ଖଟ୍ଟର, ଧର୍ମେନ୍ଦ୍ର ପ୍ରଧାନଙ୍କ ନାମକୁ ନେଇ ଦଳର ଶୀର୍ଷ ମହଲରେ ଚର୍ଚ୍ଚା ଚାଲିଛି। ସେହିପରି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ପୁରନ୍ଦେଶ୍ୱରୀଙ୍କ ସହ ଦୁଇ ଟାଣୁଆ ସଙ୍ଗଠନ ବି.ଏଲ୍.ସନ୍ତୋଷ ଓ ସୁନୀଲ ବଂଶଲଙ୍କ ନାମ ମଧ୍ୟ ଆଲୋଚନା ପରିଧିରେ ରହିଛି। ଦଳର କିଛି ନେତା ସାଧାରଣ ସମ୍ପାଦକ ବିନୋଦ ତାୱଡ଼େଙ୍କ ନାମ ସମ୍ପର୍କରେ ମଧ୍ୟ ଚର୍ଚ୍ଚା ହେଉଛି।

କୁହାଯାଉଛି ଯେ ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ବିଜେପି ମୁଖ୍ୟତଃ ୩ଟି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛି। ସଂଗଠନାତ୍ମକ ଅଭିଜ୍ଞତା, ଆଞ୍ଚଳିକ ସନ୍ତୁଳନ, ଜାତିଗତ ସମୀକରଣ ଏ କ୍ଷେତ୍ରରେ ପ୍ରାଥମିକତା ଗ୍ରହଣ କରିଛି। ଖୁବ୍ ଶୀଘ୍ର ସଭାପତି ନିର୍ବାଚନ ନିମନ୍ତେ ଏକ କେନ୍ଦ୍ରୀୟ କମିଟି ଗଠନ କରାଯିବ। ଦଳର ସମ୍ବିଧାନ ଅନୁଯାୟୀ ୫୦ ପ୍ରତିଶତ ସାଂଗଠନିକ ରାଜ୍ୟ ଶାଖାଙ୍କ ଅଧ୍ୟକ୍ଷ ନିଯୁକ୍ତି ପରେ ଜାତୀୟ ଅଧ୍ୟକ୍ଷ ନିର୍ବାଚନ ହେବ। ସମ୍ପ୍ରତି ବିଜେପିର ୩୭ଟି ରାଜ୍ୟ ଶାଖା ରହିଛି। ଏଥିରୁ ୨୬ଟିର ଅଧ୍ୟକ୍ଷ ଚୟନ ସରିଛି। ଚଳିତ ମାସ ପ୍ରାରମ୍ଭର ଦୁଇ ଦିନ ମଧ୍ୟରେ ବିଜେପି ୯ ରାଜ୍ୟର ନୂଆ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯାଇଛି। ତେଣୁ ଜାତୀୟ ସଭାପତି ନିର୍ବାଚନ ନିମନ୍ତେ କୌଣସି ବାଧା ନାହିଁ।

### ବାହୁଡ଼ାରେ ବାହୁଡ଼ିଗଲେ...

ସଦର ଥାନା ଅନ୍ତର୍ଗତ ଆଇଆରବି ନିକଟରେ ଆଜି ଗାଡ଼ି ଧକ୍କାରେ ୨ଜଣଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କୋରାପୁଟ ବ୍ଲକ୍ ମସ୍ତିପୁଟ ପଞ୍ଚାୟତ ଅନ୍ତର୍ଗତ ଲେନ୍ଦ୍ରିମାଳିଗୁଡାର ଭଗବାନ ମାଳି(୨୫) ଓ ଗୋବିନ୍ଦ ମାଳି(୨୧)। ଭଗବାନ ଓ ଗୋବିନ୍ଦ ଏକ ବାଇକ୍‌ରେ ଜୟପୁର ବାହୁଡ଼ା ଯାତ୍ରା ଦେଖି ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। କୋରାପୁଟ ପଟୁ ଯାଉଥିବା ଏକ ଅଜଣା ଗାଡ଼ି ଉଭୟଙ୍କୁ ଧକ୍କା ଦେଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଦୁଇଜଣଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଭଗବାନଙ୍କ ମୃତ୍ୟୁ ହୋଇଯାଇଥିଲା। ସଦର ଥାନା ପୁଲିସ ନମ୍ବର ୧୧୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ପୁଲିସ୍ ବ୍ୟବଚ୍ଛେଦ ପରେ ଶବଦ୍ୱୟକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

# ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ, ୪ ଗୁରୁତର

ଭୋଗରାଇ, ୬।୭(ସମିସ): ରବିବାର ଉଦୟପୁର ବେଳାଭୂମି ନିକଟ ସମୁଦ୍ରରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ବିହାର ରାଜ୍ୟର ଭାଗଲପୁର ଅଞ୍ଚଳର କେତେଜଣ ଯୁବକ ଆଜି ଅପରାହ୍ଣ ପ୍ରାୟ ୩ଟାରେ ଉଦୟପୁର ବେଳାଭୂମିରେ ମଦ୍ୟ ପାନ କରି ସମୁଦ୍ରରେ ଗାଧୋଉଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଓ ଅପରାହ୍ଣ ୫ଟାରେ ପଶ୍ଚିମବଙ୍ଗର ୫ଜଣ ଯୁବକ/ଯୁବତୀ ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଭାସି ଯାଇଥିଲେ। ୪ ଜଣଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି ପଡ଼ୋଶୀ ପଶ୍ଚିମବଙ୍ଗର ଦୀଘା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ବିହାର ଭାଗଲପୁର ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।


**AFFIDAVIT**

By virtue of an affidavit sworn before Notary Public, Rourkela, dated 29.05.2025, I Basanti Mohapatra, W/o- Bipin Bihari Mohapatra Address - QR No C3M 33,R.D.A Colony, Chhend phase 2, PO- Rourkela 15, PS- Chhend, Dist- Sundargarh, Odisha, Pin- 769015 declare that I have changed my name from Basantibala Mohapatra to Basanti Mohapatra. Henceforth I shall be known as BASANTI MOHAPATRA for all purposes.

Basanti Mohapatra

**ODISHA MINING ADARSHA VIDYALAYA**

AT-Phulbad, PO-Umuri, Jeypore,Dist-Koraput (Odisha), Pin-764002
(An English Medium Secondary School Under Ministry of S & M E, Govt. of Odisha, Sponsored by Odisha Mining Corporation)
Phone : 7978897651 E-mail : principalomavjeypore@gmail.com

**SHORT TENDER CALL NOTICE No. 01/25**

Sealed Tenders are invited from Registered Firms having GST number and Tax Clearance for supply of Grocery items, Non-Veg items, Students' TLM , School Uniforms and Sports items latest by 22 July 2025 5.00 P.M. by Regd/Speed Post. The tender paper for each item with terms and conditions may be obtained from the Office of the Principal, ODISHA MINING ADARSHA VIDYALAYA, JEYPORE on cash payment of Rs. 200/- only per form during office hours. The tenders will be opened in presence of the Tenderers or their duly authorised representative at 11 A.M. on 23 July 2025. The Principal, ODISHA MINING ADARSHA VIDYALAYA, JEYPORE has the sole right to reject any one or all Tenders without assigning any reason thereof.

sd/-
Principal, OMAV, Jeypore

**NOTICE (for Minor)**

By virtue of an affidavit sworn before Notary Public, Udala, Mayurbhanj dated 28-05-2025 I, Debashree Lenka , Address of Kanhupur P.O.- B.C.Pur, Dist- Mayurbhanj, Odisha, Pin- 757085 declare that I have changed the name of my son from Kanha Lenka to Jyoti Prakash Lenka. Henceforth, he shall be known as Jyoti Prakash Lenka for all purposes.

(Debashree Lenka)

B-274

E-mail ID: cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

File No.- B-I- Tourism-05/2025/26152 / Bhubaneswar, the 4th July, 2025

Invitation for Bids
1st Corrigendum

Tender Reference No. C.E. (B) - 14 / 2025-26

Name of the Work : Periphery Development of Narayani Temple, Khalikote in Ganjam District.

The following changes have been made in Bid Identification No. C.E. (B) - 14 / 2025-26

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from dt.21.07.2025 to 17.00 hours of dt.05.08.2025 instead of dt.04.07.2025 to dt.19.07.2025 for ONLINE BIDDING respectively.
2. Online bids shall be received till 17.00 Hours of dt.05.08.2025 instead of dt.19.07.2025.
3. The technical bids will be opened at 11.30 A.M. of dt.06.08.2025 instead of dt.21.07.2025.

All other terms and conditions remain unchanged.

Chief Engineer (Buildings-I), Odisha, Bhubaneswar

OIPR-34117/11/0116/2526

**NOTICE**

By virtue of an affidavit sworn before Notary Public, Balasore , Sl. No.-75/3 , Date-26/06/2025 , I Raghunath Singh (New Name ) , Adress- At- San Maitapur, Po- Maitapur, Ps-Bhadrak, Dist- Bhadrak, Odisha, Pin-756111 declare that I have change my name from Kanha Singh (Old Name) to Raghunath Singh (New Name). Henceforth, I shall be known as Raghunath Singh (New Name) for all purposes.

Raghunath Singh

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଆସ୍କା ମୁଖ୍ୟ ଶାଖା
କଳିଙ୍ଗ ରୋଡ ଆସ୍କା, ଗଞ୍ଜାମ, ପିନ୍-୭୬୧୧୧୦

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଓ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୦୭.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ତନଖି କରିବାର ତାରିଖ ଓ ସମୟ: ୧୭.୦୭.୨୦୨୫ ରୁ ୨୧.୦୭.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା (ରବିବାର ଛୁଟିଦିନ)

| କ୍ର ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀମତୀ ମଞ୍ଜୁଳା ବେହେରା, ସ୍ୱାମୀ: ଶ୍ରୀ ଭୂପତି ଭୂଷଣ ବେହେରା, ସା: ଖମେଶ୍ୱରୀପାଟଣା, ଗୋପିନାଥ ମନ୍ଦିର ନିକଟ, ଆସ୍କା, ଗଞ୍ଜାମ, ଓଡିଶା, ପିନ୍-୭୬୧୧୧୦ / ଆକାଉଣ୍ଟ ନଂ.: ୪୧୪୬୭୭୩୨୦୩୦ | TATA ACE GOLD+ DIESEL BS VI Regd. No.: OD32H3494 Chassis No.: MAT559029NVN63147 Engine No.: 700CCDI02NXXSF1811 | ୦୪.୦୬.୨୦୨୫ ସୁଦ୍ଧା ଟ.୪,୦୬,୦୯୦.୧୩ + ୦୫.୦୬.୨୦୨୫ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୩,୦୦,୦୦୦/- / ଟ.୩୦,୦୦୦/- / ଟ.୫,୦୦୦/- |

ଇଚ୍ଛୁକ ନିଲାମଧାରୀ ଯେଉଁମାନେ ଲଗ୍‌ଇନ୍ ଆଇଡି ଏବଂ ପାସ୍‌ୱାର୍ଡ ତିଆରି କରିବା ପାଇଁ ସହାୟତା ଚାହୁଁଛନ୍ତି, ଡାଟା ଅପ୍‌ଲୋଡିଂ, ବିଡ୍ କାଗଜାତ ଦାଖଲ, ଟ୍ରେନିଂ/ଡେମୋନଷ୍ଟ୍ରେସନ, ଅନ୍‌ଲାଇନ ଇଣ୍ଟର-ସେ ବିଡିଂର ନିୟମ ଓ ସର୍ତ୍ତାବଳୀ ଇତ୍ୟାଦି ଏବଂ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରିବା ନିମନ୍ତେ ୱେବ୍‌ସାଇଟ୍: https://baanknet.com ପରିଦର୍ଶନ କରନ୍ତୁ। baanknet.com ବ୍ୟାଙ୍କ ଆକାଉଣ୍ଟରୁ ରସିଦ ପ୍ରାପ୍ତ କଲାପରେ ଏବଂ ଏହି ସୂଚନାକୁ ଇ-ନିଲାମ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ କରିବା ପରେ ପ୍ରାକ୍-ବିଡ୍ ଅମାନତ ବିଡରଙ୍କୁ କ୍ରେଡିଟ୍ କରାଯିବ। ବ୍ୟାଙ୍କିଙ୍ଗ୍ ପ୍ରକ୍ରିୟାରେ କିଛି ସମୟ ଲାଗିପାରେ, ତେଣୁ ନିଲାମଧାରୀମାନଙ୍କୁ ପରାମର୍ଶ କି, ସେମାନେ ନିଜସ୍ୱ ଇଚ୍ଛାରେ ଶେଷ ସମୟରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ନିମନ୍ତେ ଇ-ନିଲାମର ଯଥେଷ୍ଟ ପୂର୍ବରୁ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରନ୍ତୁ। ସରକାରୀ/ସ୍ଥାନୀୟ ସଂସ୍ଥାକୁ ପ୍ରଦାନ କରିବାକୁ ଥିବା କୌଣସି ବୈଧାନିକ ଦେୟ/ଦାୟିତ୍ୱ ଇତ୍ୟାଦି ବିଷୟରେ ଜଣା ନାହିଁ ଏବଂ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବାର ଅଧିକାର ସଂରକ୍ଷିତ ରଖୁଅଛି।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : https://sbi.co.in/web/sbi-in-the-news/auction-notices/sarfaesi-and-others, https://baanknet.com (e-Bkray Portal)

ଗାଡିର ପାର୍କିଂ ସ୍ଥାନ: ମେସର୍ସ ଦିଶା ଆସୋସିଏଟ୍ସ, ଏନ୍‌ଏଚ୍-୫, ଗୋପାଳପୁର ଜଙ୍କସନ୍, ହୁରା ବାଏପାସ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ମୋ.: ୬୩୭୦୫୨୧୮୩୭

ସ୍ଥାନ : ଆସ୍କା, ତାରିଖ : ୦୫.୦୭.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ଆଖଣ୍ଡଳମଣିଙ୍କ ଶ୍ରାବଣୀଯାତ୍ରା ପ୍ରସ୍ତୁତି ଏମିତି

# ହାତେ ରାସ୍ତା ମରାମତି ନୋହିଲା, ପୀଠ ଚାରିଆଡ଼େ କୁଢ଼କୁଢ଼ ଅଳିଆ

ଭଦ୍ରକ/ଆରଡି, ୬।୭(ସମିସ)





ଆଉ ମାତ୍ର ସପ୍ତାହକ ପରେ ଅର୍ଥାତ ଆସନ୍ତା ୧୪ରୁ ବାବା ଆଖଣ୍ଡଳମଣିଙ୍କ ପୀଠରେ ଆରମ୍ଭ ହେବ ଶ୍ରାବଣୀ ଯାତ୍ରା। ଏହି ଅବସରରେ ବାବା ଆଖଣ୍ଡଳମଣିଙ୍କୁ ଜଳାଭିଷେକ କରିବା ପାଇଁ ଲକ୍ଷାଧିକ ବୋଲବମ ଭକ୍ତ ଜଳଭାର ଧରି ଖାଲି ପାଦରେ ଚାଲିଚାଲି ଆସିବେ। ବୋଲବମ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଯାତାୟାତଠାରୁ ଆରମ୍ଭ କରି ପୀଠରେ ପରିମଳ, ପାନୀୟଜଳ, ସ୍ୱାସ୍ଥ୍ୟ ଆଦି ଯୋଗାଇ ଦେବାକୁ ଗତମାସ ୨୬ରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୀଠକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ମରାମତି ସହ ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଏକାକି ଭାବେ କଥା ହୋଇଥିଲେ। ଏପରିକି ଶ୍ରାବଣୀଯାତ୍ରା ୭ଦିନ ପୂର୍ବରୁ ମରାମତି ପାଇଁ ଆଲୋଚନା ହୋଇଥିଲା। ଭଦ୍ରକ ଆଖଣ୍ଡଳମଣି ମୁଖ୍ୟରାସ୍ତା ଧୂଷୁରୀଠାରୁ ଓଳଗମଠ ୧୫କିମି ରାସ୍ତା ଏବେବି ଖାଲଖମା ଅବସ୍ଥାରେ ପଡିରହିଥିଲେ ମଧ୍ୟ ହାତେ ରାସ୍ତାର ମରାମତି କରାଯାଇନାହିଁ। ସେହିପରି ଧାନଖଣିଆପ ଆରଡି ରାସ୍ତା, କୁଳେଇପଦାପ ଆରଡି ଭାୟା ନାନ୍ଦପୁର ରାସ୍ତା ସହ ସାହିରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇ ବର୍ଷାପାଣି ଜମି ରହୁଥିବାରୁ ଛୋଟବଡ ଦୁର୍ଘଟଣା ଘଟୁଛି।

### ୭ ଦିନ ପରେ ପୀଠକୁ ଆସିବେ ବୋଲବମ ଭକ୍ତ

ଏହି ରାସ୍ତାର ମରାମତି ପାଇଁ ବୈଠକରେ ଗୁରୁତ୍ୱର ଭାବେ ଆଲୋଚନା କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଗାଣ୍ଡୁଏ ମାଟି ପଡି ପାରିଲାନାହିଁ। ତାହାସହ ପୀଠର ପାନ୍ଥନିବାସ ଠାରୁ ଶିବପ୍ଲାଜା ଯାଏଁ ଦୀର୍ଘ ୫କିମି ଭଲ ରାସ୍ତାକୁ ମେଘା କମ୍ପାନୀ ପାଇପ ବିଛାଣ ଆଳରେ ଖୋଳି ଦେଇଥିବାରୁ ନାନା ହରକତ ହେଉଛନ୍ତି ଆଗନ୍ତୁକ ଭକ୍ତଙ୍କ ସହ ସ୍ଥାନୀୟ ଲୋକ। ଏପରିକି ପାଦଚଲା ଲୋକ ଯିବା ଆସିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ମରାମତି ହୋଇ ପାରିଲାନାହିଁ। ମୁଖ୍ୟ ପ୍ରବେଶପଥ ଠାରୁ ଆରମ୍ଭ କରି ଡିଅସାହି ରାସ୍ତା, ମୁଖ୍ୟ ବଜାର, ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱରେ କୁଢକୁଢ ଅଳିଆ ଆବର୍ଜନା ପଡିରହିଥିଲେ ମଧ୍ୟ ସଫା ହୋଇପାରିଲାନାହିଁ। ସେହିପରି ଶ୍ରାବଣୀଯାତ୍ରା ଆରମ୍ଭରୁ ଶେଷ ଯାଏଁ ପ୍ରତି ରବିବାର ଓ ସୋମବାର ୨୪ ଘଣ୍ଟିଆ ପାନୀୟଜଳ ଯୋଗାଣ ସହ ଭଦ୍ରକଠାରୁ ଆରଡି ପର୍ଯ୍ୟନ୍ତ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ରବିବାର ଓ ସୋମବାର ୨୪ଘଣ୍ଟିଆ ଖୋଲା ରଖାଯିବ। ହେଲେ ପୀଠରେ ଭୂତଳ ପାଇପ ଅନେକ ସ୍ଥାନରେ ଫାଟି ପାଣି ଭାସୁଥିବା ବେଳେ ଅନେକ ସ୍ଥାନରେ ପାଇପ ଡ୍ରେନ ଭିତରେ ଯାଇଥିବାରୁ ପାଣି ପିଇବା ଉପଯୋଗୀ ହେଉନି। ସେହିପରି ଆରଡି ମେଡିକାଲ ଆଗରେ ଏକ ବଡଖାଲ ରହିଥିବାରୁ ବର୍ଷାପାଣି ଜମି ରହି ଦୁର୍ଗନ୍ଧମୟ ସୃଷ୍ଟି ହେଉଛି। ଶ୍ରାବଣୀଯାତ୍ରାର ସମସ୍ତ ପ୍ରସ୍ତୁତି ଯେପରି କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି।

# ବସ୍ ଚାଳକଙ୍କ ଉପରେ ମରଣାନ୍ତକ ଆକ୍ରମଣ

ଭଣ୍ଡାରିପୋଖରୀ, ୬।୭(ସମିସ): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ନାଆମୀ ଛକରେ ଜଣେ ବସ ଚାଳକ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ସାରୋ ଗ୍ରାମର ଅଜୟ କୁମାର ଜେନା ବିଭାଘର ପାଇଁ ବସକୁ ଭଡ଼ାରେ ନେଇ ଏକାକୀ ଫେରୁଥିବା ସମୟରେ ଆକ୍ରମଣ ହୋଇଥିଲା। ନାଆମୀ ଛକରେ ସମ୍ମୁଖରୁ ଲାଇଟ ପଡ଼ିବାରୁ ଅଜୟ ଜେନା ବସ ଅଟକାଇ ତଳକୁ ଓହ୍ଲାଇଥିଲେ। ଏହି ସମୟରେ ଓଡି ୩୪ ଏଲ ୭୧୯୧ କାର୍‌ରୁ



୨ ଜଣ ଆରୋହୀ ଆସି ଅଜୟଙ୍କୁ ବାଡ଼ି ଓ ଚାବିକାଠି ସହାୟତାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଅଜୟ ସଂଜ୍ଞାହୀନ ହୋଇପଡ଼ିବାରୁ ଅଭିଯୁକ୍ତମାନେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଛାଡ଼ି ପଳାଇ ଯାଇଥିଲେ। ଆହତ ଅଜୟଙ୍କୁ ପ୍ରଥମେ ମଞ୍ଜୁରୀରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଯାଜପୁର ଭେଷଜ ମହାବିଦ୍ୟାଳୟ ଓ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଅଜୟଙ୍କ ଅଭିଯୋଗକ୍ରମେ, ଥାନାରେ ଶନିବାର ରାତ୍ରରେ ୩୧୨/୨୫ନଂ ମାମଲା ରୁଜୁ ହୋଇଛି। ନାଆମୀ ଗ୍ରାମର ସତ୍ୟପ୍ରକାଶ ଜେନା, ଅଭିମନ୍ୟୁ ଜେନା ଓ କାର ଚାଳକ(ଅଜଣା)ଙ୍କ ନାମରେ ରୁଜୁ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଛାଡ଼ି ଦେଇଥିବା ଅଭିଯୋଗ ହୋଇଥିଲା ବେଳେ ସେମାନଙ୍କୁ ଗିରଫ କରିବାକୁ ଶ୍ରୀ ଜେନା ଦାବି କରିଛନ୍ତି।

# କିଶୋର ନ୍ୟାୟ ଅଧିନିୟମ ସଚେତନତା

ଭଦ୍ରକ, ୬।୭(ସମିସ): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦୋବଲ କାଞ୍ଚିଆପାଳସ୍ଥିତ ମହାପୁରୁଷ ଆଶ୍ରମରେ କିଶୋର ନ୍ୟାୟ ଅଧିନିୟମ (ଯତ୍ନ ଏବଂ ସୁରକ୍ଷା) ଆଇନ ୨୦୨୫ ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବୟସର ପରିପକ୍ୱତା ନହୋଇଥିବାରୁ କୌଣସି ଅନୈତିକ, ଅସାମାଜିକ ଭଳି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରୁହ ନାହିଁ ବୋଲି ଉପସ୍ଥିତ ବିଭିନ୍ନ ବର୍ଗର ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହାସହ ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ବୃକ୍ଷରୋପଣ କରାଯାଇଥିଲା। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଶିଶୁ କଲ୍ୟାଣ ମୁଖ୍ୟ ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁଯତ୍ନ ବିଭାଗର ମୁଖ୍ୟ ଅବିନାଶ ମହାନ୍ତି, କିଶୋରନ୍ୟାୟ ପରିଷଦର ସଦସ୍ୟ ବନମାଳି ଯେନା, ଏଲ୍ଏଡିସ୍ଏସ୍‌ର ମୁଖ୍ୟ ତାପସ ମହାନ୍ତି ଏବଂ ମହାପୁରୁଷ ଆଶ୍ରମର ଅଧୀକ୍ଷକ ନକୁଳ ଚରଣ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଭଦ୍ରକ ଜିଲ୍ଲା ରାଜସ୍ୱ କ୍ଷେତ୍ରାଧିକାରୀ ସଂଘର ସଭା



ଭଦ୍ରକ, ୫।୭(ସମିସ): ରାଜ୍ୟ ରାଜସ୍ୱ କ୍ଷେତ୍ରାଧିକାରୀ ସଂଘର ଭଦ୍ରକ ଜିଲ୍ଲା ୟୁନିଟ ପକ୍ଷରୁ ରବିବାର କର୍ମଚାରୀ ଭବନଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଯାଇଛି। ରାଜ୍ୟ ଉପସଭାପତି ତଥା ଭଦ୍ରକ ତହସିଲ ସୁପରଭାଇଜର ଜ୍ୟୋତିରଂଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସଭାପତି ଧନେଶ୍ୱର ମାରାଣ୍ଡି ଓ ଜିଲ୍ଲା ସମ୍ପାଦକ ଶରତ ମହାନ୍ତିଙ୍କ ଆହ୍ୱାନକ୍ରମେ ନବରଙ୍ଗପୁର ଜିଲ୍ଲାର ୭ଟି ତହସିଲ-ଭଦ୍ରକ, ଭଣ୍ଡାରିପୋଖରୀ, ବନ୍ତ, ବାସୁଦେବପୁର, ତିହିଡି, ଚାନ୍ଦବାଲି ଓ ଧାମନଗରରୁ ସଦସ୍ୟମାନେ ଏହି ସଭାରେ ଯୋଗଦେଇଥିଲେ। ରାଜସ୍ୱ ବିଭାଗରେ ଭିତ୍ତିଭୂମିର ଅଭାବ, ବିଦ୍ୟୁତ ସଂଯୋଗ, ମୋବାଇଲ ଭତ୍ତା ଅନାଦେୟ, କାଗଜ, କାର୍ଟ୍ରିଜ ଭଳି ଜରୁରିକାଳୀନ ସାମଗ୍ରୀ ଏବଂ ନିର୍ଦ୍ଦିଷ୍ଟ ଯାତାୟାତ ଭତ୍ତା ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ଓ ରାଜ୍ୟସ୍ତରୀୟ ବିଭିନ୍ନ ଦାବି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ହୋଇଥିବା ନିର୍ମମ ଆକ୍ରମଣକୁ ଆସୋସିଏସନ ତୀବ୍ର ନିନ୍ଦା କରିଥିଲା ସଂଘ। ରାଜ୍ୟ ଓଏଏସ ଆସୋସିଏସନ ଦ୍ୱାରା ଗୃହୀତ ପଦକ୍ଷେପକୁ ଏହି ସଭା ସମର୍ଥନ କରିଥିଲା। ସଭ୍ୟ ସୌମ୍ୟରଂଜନ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଭଦ୍ରକ ଜିଲ୍ଲାର ୭ଟି ତହସିଲର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ



ଭଦ୍ରକ, ୬।୭(ସମିସ): ଭଦ୍ରକ ବ୍ଲକ ଓଲଙ୍ଗସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ୭୬ତମ ବନ ମହୋତ୍ସବ ସପ୍ତାହ-୨୦୨୫ ପାଳିତ ହୋଇଯାଇଛି। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଜିଲ୍ଲା ବନ୍ୟ ଅଧିକାରୀ(ବନ୍ୟ ପ୍ରାଣୀ) ପ୍ରମୁଖ ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ୧୦୦ଟି ଚାରା ରୋପଣ ସହ ସବୁଜ ପରିବେଶ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର କର୍ମଚାରୀ, ଛାତ୍ର ଏବଂ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିବିଶେଷ ଏହି ଅବସରରେ ଉପସ୍ଥିତ ଥିଲେ।



**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ କୁମ୍ଭାରିଆ ଛକଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ସ୍ଥାନୀୟ ସବୁଜ ବନାନୀ ପକ୍ଷରୁ ଏହି ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାଜସେବୀ ତଥା ଯୁବ ଉଦ୍ୟୋଗୀ ସଞ୍ଜୀବ କୁମାର ପରିଡ଼ା ଯୋଗ ଦେଇ ସାମ୍ପ୍ରତିକ ସମୟରେ ସମାଜ ପାଇଁ ବୃକ୍ଷ ରୋପଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସବୁଜ ବନାନୀ ସମ୍ପାଦକ ବିଙ୍ଚି ନାରାୟଣ ଲେଙ୍କାଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ଧୀରେନ୍ଦ୍ର ନାୟକ, କାଳନ୍ଦୀ ମହାଳିକ, ପ୍ରକାଶ ସାହୁ, ନିରଞ୍ଜନ ରାଉତ, ବିଜୟ ସାହୁ, ଦେବାଶିଷ ନନ୍ଦ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଜୁଲାଇ ୯ ଧର୍ମଘଟ ପାଇଁ ସଭା ଓ ଶୋଭାଯାତ୍ରା




ଭଦ୍ରକ,୬।୭(ସମିସ)

ସମ୍ବିଧାନର ସୁରକ୍ଷା, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବା, ସମସ୍ତ ଚାଷୀଙ୍କ କୃଷି ଋଣ ଛାଡ଼ କରିବା, ଆଦିବାସୀ-ଦଳିତ-ମହିଳା-ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବନ୍ଦ କରିବା, ଓଡିଶା ସମେତ ଭାରତ ବର୍ଷର ସମସ୍ତ ଡବଲ୍ ଇଞ୍ଜିନ୍ ସରକାରଙ୍କ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୁଧରେ ବିଭିନ୍ନ ଟ୍ରେଡ ୟୁନିୟନ, ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ସ୍ୱାଧୀନ ଫେଡେରେସନ ସମୂହ ପକ୍ଷରୁ ଆସନ୍ତା ଜୁଲାଇ ୯ ସର୍ବଭାରତୀୟ ସାଧାରଣ ଧର୍ମଘଟର ଡକରା ଦିଆଯାଇଛି। ଚାନ୍ଦବାଲି ବ୍ଲକରେ ଏହାକୁ ସଫଳ କରିବା ପାଇଁ ମିଳିତ ଭାବେ ଚାନ୍ଦବାଲି ବସଷ୍ଟାଣ୍ଡଠାରୁ ଏକ ଲାଲ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ବସଷ୍ଟାଣ୍ଡଠାରେ ଏକ ସାଧାରଣ ସଭା ସିପିଆଇ(ଏମ) ଯୁବନେତା ବିକାଶ ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିପିଆଇ ଭଦ୍ରକ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇଏମଏଲ ଜିଲ୍ଲା ସଂପାଦକ ସୁଶାନ୍ତ ଜେନା, ଏସ୍‌ୟୁସିଆଇ ଜିଲ୍ଲା ସଂପାଦକ ରାମଚନ୍ଦ୍ର ଶଙ୍ଖୁଆ, ସିଆଇଟିୟୁ ଚାନ୍ଦବାଲି ବ୍ଲକ ସଭାପତି ମଳୟ ଭୋଇ, ସିପିଆଇଏମର ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ସିପିଆଇ ଚାନ୍ଦବାଲି ଜୋନ ସଂପାଦକ ଅନନ୍ତ ମହାନ୍ତି, ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଓଡ଼ିଶା ଦଳିତ ମହାସଂଘ ଜିଲ୍ଲା ସଭାପତି ଅଞ୍ଜନ ଦାସ, ଯୁବନେତା ହାକିମ ଦାସ, ସିପିଆଇ ଯୁବନେତା ଗୌରହରି ମିଶ୍ର, ଚାଷୀନେତା ବ୍ରହ୍ମାନନ୍ଦ ପରିଡା, ଭାଗୀରଥି ରାଉତ, ରମାକାନ୍ତ ବେହେରା, ଗଙ୍ଗାଧର ମହାଳିକ, ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

**ତିହିଡ଼ି:** ତିହିଡି ବଜାରରେ ଏକ ଶୋଭାଯାତ୍ରା କରିବା ସହ ପଥପ୍ରାନ୍ତ ସଭା ସିଆଇଟିୟୁ ତିହିଡି ବ୍ଲକ ସଭାପତି ବିଷ୍ଣୁଚରଣ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଏଆଇଟିୟୁସି ଜିଲ୍ଲା ସଂପାଦକ ରମେଶ ଜେନା, ଏଆଇସିସିଟିୟୁ ଜିଲ୍ଲା ସଂପାଦକ ସମର ବଳ, ଏଆଇୟୁଟିସି ଜିଲ୍ଲା ସଂପାଦକ ରାମଚନ୍ଦ୍ର ଶଙ୍ଖୁଆ, ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଓଡିଶା କ୍ଷେତମଜଦୁର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ, ଓଡ଼ିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ସିପିଆଇ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଶ୍ରମିକ ନେତା ଦିଲୀପ ନାୟକ, ଜ୍ୟୋତିର୍ମୟ ମଳିକ, ମହିଳା ନେତ୍ରୀ ରଞ୍ଜିତା ପଣ୍ଡା, ଲମ୍ବୋଦର ପାଣିଗ୍ରାହୀ, ରବିନ୍ଦ୍ର ବାରିକ୍, ଗିରିଧାରୀ ପାଣିଗ୍ରାହୀ, ନାରାୟଣ ତ୍ରିପାଠୀ, ଭାଗବତ ସେନାପତି, ଶ୍ରୀଧର ଜେନା ପ୍ରମୁଖ ଯୋଗ ଦେଇଥିଲେ।




# ପୋଖରୀରେ ବୁଡ଼ି ଛାତ୍ର ମୃତ

ଦୋବଲ, ୬।୭(ସମିସ): ଦୋବଲ ଜୋନ ଦଳାଙ୍ଗ ପଞ୍ଚାୟତର ବିରୁହା ଗାଁର ସଂଜିତ କୁମାର ପଣ୍ଡାଙ୍କ ପୁଅ ଶୁଭମ (୧୮) ରବିବାର ଅପରାହ୍ଣ ୪ଟା ବେଳେ ସ୍ଥାନୀୟ ଏକ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସି ଯାଇଥିଲା। ସ୍ଥାନୀୟ ଲୋକମାନେ ଶୁଭମଙ୍କୁ ବହୁ କଷ୍ଟରେ ଉଦ୍ଧାର କରି ଧାମନଗର ଡ଼ାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁଭମ ଜଣେ ଭଲ ଛାତ୍ର ଓ ମେଳାପି ଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


# ଶିକ୍ଷାବିତ୍ ନିତ୍ୟାନନ୍ଦ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି




ଧାମନଗର, ୬।୭(ସମିସ): ଧାମନଗର ହାଇସ୍କୁଲରେ ଶିକ୍ଷାବିତ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳ ପାଠାଗାର କେନ୍ଦ୍ର କକ୍ଷରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରସାନନ୍ଦ ମହାପାତ୍ରଙ୍କ ସଂଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ସିଦ୍ଧେଶ୍ୱର ସାମଲ, ପ୍ରମୋଦ ମହାକୁଡ଼, ହୃଷୀକେଶ ବେହେରା, ଆଇନଜୀବୀ ରଣଜିତ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ମନୋଜ ଗୁପ୍ତା, ବରିଷ୍ଠ ସାମ୍ବାଦିକ ଅନିଲ କୁମାର ବାରିକ, ବିରେନ୍ଦ୍ର ଜେନା, ସୁଶାନ୍ତ ରାଉତ, ସେକ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର, ରଜତ ପଣ୍ଡା, ସରୋଜ ସେଠୀ, ଏବିଇଓ ହେମେନ୍ଦ୍ର ମହାନ୍ତି, ଅଧ୍ୟାପିକା ହରପ୍ରିୟା ସେଠୀ, ପ୍ରଧାନ ଶିକ୍ଷକ ମନୋଜ ସିଂହ, ଶିକ୍ଷୟିତ୍ରୀ ସୁମତୀ ନାୟକ, ରାଧାଶ୍ୟାମ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କିଶୋରୀମଣି ସେନାପତି, ଅପର୍ଣ୍ଣା ନାୟକ, ସୁଧୀର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ପ୍ରଦୀପ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ତେଜିବ ଜନଆନ୍ଦୋଳନ

# ଟେଣ୍ଡର ଚୂଡ଼ାନ୍ତ; ହେଉନି ରାସ୍ତା ମରାମତି





ବାରିକପୁର, ୬।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ୧୬ ନମ୍ବର ଜାତୀୟ ରାଜପଥର ପାଳଦା ବାଙ୍କଠାରୁ ମାଳଦା ମଣିନାଥପୁର ଦେଇ ଯାଜପୁର ସହରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାଟି ଦୀର୍ଘ ଦିନ ହେବ ସ୍ଥାୟୀ ମରାମତି ହେଉନାହିଁ। ଟେଣ୍ଡର ଚୂଡ଼ାନ୍ତ ସତ୍ତ୍ୱେ କାମ ଆରମ୍ଭ ହୋଇ ନଥିବା ଜଣାପଡ଼ିଛି। ଏପଟେ ରାସ୍ତାରେ ଦୈନିକ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି। ଯାହାକୁ ନେଇ ଜନଆନ୍ଦୋଳନ ପାଇଁ ସ୍ଥାନୀୟ ଲୋକ ସଜବାଜ ହେଉଥିବା ଜଣାପଡ଼ିଛି। ସୂଚନା ମୁତାବକ, ୨୦୧୨ରେ ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରୁ ପୂର୍ତ୍ତ ବିଭାଗ ହାତକୁ ଆସିବା ପରେ ଏହାର ସମ୍ପୂର୍ଣ୍ଣ କଂକ୍ରିଟ ନିର୍ମାଣ ହୋଇଥିଲା। ପ୍ରଥମ କରି ଜଣେ ଠିକାଦାର ସମ୍ପୂର୍ଣ୍ଣ ରାସ୍ତାକୁ କଂକ୍ରିଟ ନିର୍ମାଣ କରିଥିଲେ ସୁଦ୍ଧା ମାଟି କାମ ସହିତ ପାଖାପାଖି ୧୦ ପ୍ରତିଶତ କଂକ୍ରିଟ କାମ ଛାଡ଼ିଦେଇ ଛୁ ମାରିଥିଲେ। ପରବର୍ତ୍ତୀ ସମୟରେ ଯାଜପୁର ମଙ୍ଗଳପୁର ଅଞ୍ଚଳର ଜଣେ ଠିକାଦାର ନୂଆ ଟେଣ୍ଡର ଜରିଆରେ ରାସ୍ତାର କେତେକ ସ୍ଥାନରେ ଆବଶ୍ୟକ କରୁଥିବା ପୋଲ ନିର୍ମାଣ କରିଥିବା ବେଳେ ଅସମ୍ପୂର୍ଣ୍ଣ ରାସ୍ତା କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗ ସହିତ ଚୁକ୍ତି କରିଥିଲେ। ୨ୟ ଠିକାଦାର ଜଣକ ମଧ୍ୟ ଫେଲ ମାରିଥିବା ବେଳେ ଏବେ ସୁଦ୍ଧା ସରସଦା, ପଟାପୋଲ, ମଣିନାଥପୁର, ଖପୁରିଆପଦା ପ୍ରମୁଖ ସ୍ଥାନରେ ରାସ୍ତା ଅସମ୍ପୂର୍ଣ୍ଣ ଭାବେ ପଡ଼ି ରହିଛି। ଯଦିଓ ଚୁକ୍ତି ଅନୁଯାୟୀ ପ୍ରସ୍ତାବିତ ସ୍ଥାନରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି, ନୂତନ ରାସ୍ତା ନିର୍ମାଣକୁ ଇତିମଧ୍ୟରେ ଆଠ ବର୍ଷ ବିତିଯାଇଥିବା ବେଳେ ଏହା ଉପରେ ଏଯାଏଁ ରକ୍ଷଣାବେକ୍ଷଣ କାର୍ଯ୍ୟ ବିଲକୁଲ ହୋଇନାହିଁ। ରାସ୍ତାର ଏକବୋଲା, ବରୋଦାବଜାର, ଷୋଳମପୁର, ମାଳଦା, ଜଳହରି, ରାଢୋ, ପୁରୁଷୋତ୍ତମପୁର ପ୍ରମୁଖ ସ୍ଥାନରେ ରାସ୍ତା ଫାଟି ଆଁ କଲାଣି। ଏପରିକି କେତେକ ସ୍ଥାନରେ ନିର୍ମାଣାଧୀନ କଂକ୍ରିଟ ଭଗ୍ନ ଅବସ୍ଥାକୁ ଆସିଗଲାଣି। ରହଣିଆ ମାଇନର ନିକଟସ୍ଥ ରାସ୍ତାର କିଛି ଅଂଶ ବିପଦସଙ୍କୁଳ ସ୍ଥାନରେ ପରିଣତ ହୋଇଛି। ଦୈନିକ ସେଠାରେ ବାଇକ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ମୋଟାମୋଟି ଭାବେ ସମ୍ପୂର୍ଣ୍ଣ ରାସ୍ତାଟିରେ ଏବେ ମରାମତି କାର୍ଯ୍ୟ ଜରୁରୀ ହୋଇଛି। ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

### ସେମାନେ ଯାହା କହନ୍ତି..



ଟେଣ୍ଡର ସରିଛି ଯଦି ଯଥାଶୀଘ୍ର ରାସ୍ତା ମରାମତି ହେବା ଜରୁରୀ ଅଟେ। ଏହି ରାସ୍ତା ଅବସ୍ଥା ଏବେ ଦିନକୁ ଦିନ ଯାତାୟାତ ଅନୁପଯୋଗୀ ହୋଇଗଲାଣି। ଦୈନିକ ରାସ୍ତାରେ କିଛି ନା କିଛି ଦୁର୍ଘଟଣା ଘଟୁଛି। ତେଣୁ ଯଥାଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ ନହେଲେ ଆଗାମୀ ଦିନରେ ଏକ ଜନଆନ୍ଦୋଳନ ମୁଣ୍ଡ ଟେକିବ ଏଥିରେ ସନ୍ଦେହ ନାହିଁ।

- ବିରେନ୍ଦ୍ର କୁମାର ନାୟକ, ପ୍ରାକ୍ତନ ସରପଞ୍ଚ



ଏହି ରାସ୍ତାଟି ଅତି ଗୁରୁତ୍ୱପୂର୍ଣ୍ଣ ପଥ ଭାବେ ପରିଗଣିତ ହୋଇଛି। ଭଦ୍ରକରୁ ଯାଜପୁରକୁ ଦୈନିକ ହଜାର ହଜାର ଜନସାଧାରଣ ଏହି ବାଟ ଦେଇ ଯାତାୟାତ କରିଥାନ୍ତି। ଦୀର୍ଘ ଦିନ ହେବ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପ୍ରତ୍ୟେକ ଦିନ ରାସ୍ତାରେ ଦୁର୍ଘଟଣା ଘଟୁଛି। ତେଣୁ ତୁରନ୍ତ ଏହାକୁ ମରାମତି ପାଇଁ ପୂର୍ତ୍ତ ବିଭାଗ ଦୃଷ୍ଟି ଦେବା ଉଚିତ।

- ଅକ୍ଷୟ ସାହୁ, ପୂର୍ବତନ ଜିଲ୍ଲା ବିଜେପି ସଭାପତି



ଭଣ୍ଡାରିପୋଖରୀ ପାଳଦା ବାଙ୍କଠାରୁ ମଣିନାଥପୁର ଯାଜପୁରକୁ ସଂଯୋଗ କରୁଥିବା ରାସ୍ତାଟି ଅତି ପୁରାତନ ଅଟେ। ରାସ୍ତା ନବୀକରଣ ପରେ ଦୀର୍ଘ ୮ବର୍ଷ ହେବ ଏହାର ମରାମତି ହେଉନାହିଁ। ଫଳରେ ଦୈନିକ ଦୁର୍ଘଟଣା ଘଟି ଜନଜୀବନ କ୍ଷତି ହେଉଥିବା ବେଳେ ଅତୀତରେ କେତେକଙ୍କ ପ୍ରାଣହାନି ମଧ୍ୟ ଘଟିଛି। ତେଣୁ ଏହାର ମରାମତି ଜରୁରୀ ହୋଇଛି।

- କୀର୍ତ୍ତନ ଧଳ, ବରିଷ୍ଠ ନାଗରିକ

# ଧାମନଗରରେ ଆଖଡ଼ା ସହ ଜୁଲୁସ୍ ଶୋଭାଯାତ୍ରା





ଧାମନଗର, ୬।୭(ସମିସ): ପବିତ୍ର ମୋହରମ ମାସ ହେଉଛି ଇସଲାମିକ୍ ନବବର୍ଷ ଏବଂ ହଜରତ ଏମାମ ହୋସେନ ତଥା ଜସନେ-ଏ-ୟାଦେ-ହୋସେନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଧାମନଗର ବ୍ଲକ ଓ ଏନଏସିରେ ପବିତ୍ର ମହରମ ପର୍ବ ପାଳନ ଉପଲକ୍ଷେ ଜୁଲୁସ ଶୋଭାଯାତ୍ରା ଏବଂ ଆଖାଡା ଖେଳ ଅନୁଷ୍ଠିତ ହୋଇଯାଇଛି। ଫକିର ସାହି, ଭଣ୍ଡାରୀ ସାହି ଗାଁରୁ ଜୁଲୁସ, କାଫଲା ଶୋଭାଯାତ୍ରା ବାହାରି ଖାନକା ସରିଫରେ ପହଞ୍ଚିବା ପରେ ଚାଦର ଚଢାଇ ପୀରବାବାଙ୍କୁ ଦର୍ଶନ କରିଥିଲେ। ୧୭ରୁ ଊର୍ଦ୍ଧ୍ୱ ଆଖାଡା ଦଳ ଖଲିଫା ଓ ଗାଁର ମୁଖିଆଙ୍କ ନେତୃତ୍ୱରେ ପଠାଣମହଲା, କୋରେସିମହଲା, ବଜାରସାହି, ମୁଲଣାସାହି, ବାଉଁଶବାଡ଼ି, ବଜାରସାହି୨,କାଜିମହଲା, ଜଗତି, ମୁନସିପାଟଣା, ଚାରହାବେଲି, ବଜାର କ୍ଲବ, ହବିବ ନଗର, ଆଜାଦ ନଗର, ମିନୀଷ୍ଟାଡିୟମ ହବିବ୍ ନଗର୨, କାଜିସାହି, ମୁଜାହିଦ୍ ନଗର, ବଣିଆ ସାହି ପରିକ୍ରମା କରିଥିଲା। ଟ୍ରେକର ଷ୍ଟାଣ୍ଡ ଏବଂ ବିଜୁ ପଟ୍ଟନାୟକ ଛକରେ ସକାଳ ୯ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ବାଡ଼ି ଖେଳ,କୁସ୍ତି ଓ ବନୋଟି ଆଦି ବିଭିନ୍ନ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ୪ଟା ସମୟରେ ଧାମନଗରସ୍ଥିତ କରବଲା ମଇଦାନରେ ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ବାଡ଼ିଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୃଙ୍ଖଳା ବଜାୟ ରଖିବା ପାଇଁ ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ କୁମାର ମାଝି ସ୍ଥିତି ଅନୁଧ୍ୟାନ କରିଥିବାବେଳେ ଏସଡିପିଓ ତ୍ରିଲୋଚନ ସେଠୀ,ଧାମନଗର ଆଇଆଇସି ଗୋପାଳ କୃଷ୍ଣଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଏସଆଇ ରଶ୍ମିତା ମଲ୍ଲିକ, ରାଜେଶ କୁମାର ସେଠୀ, ପ୍ରଦୀପ କୁମାର ନାୟକ, କୈଳାସ ଚନ୍ଦ୍ର ପରିଡ଼ା, ଏଏସଆଇ ସୁଜିତ କୁମାର ରାଉତ, ନେପାଳ ସା, ଲାଏନସ କୁଜୁର, ପ୍ରତାପ ରାଉତ ଏବଂ ଧୂଷୁରୀ ଥାନାର ୪ଜଣ ପୁଲିସ ଅଫିସର ଓ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିଥିଲେ। ଧାମନଗର, ଦୋବଲ, ମୁସ୍ତଫାପୁର, ଚୁଡାକୁଟି, ଗୁଡିପୋଖରୀ, ପନ୍ଦରବାଟିଆ, ନଦୀଗାଁ, ପିତେଇପୁର ଆଦି ଅଞ୍ଚଳରେ ପର୍ବ ପାଳନ କରାଯାଇଛି। ଶାନ୍ତି କମିଟର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଅନୀଲ ବାରିକ, ବିରେନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ଜେନା, କୈଳାସଚନ୍ଦ୍ର ମହାପାତ୍ର, ସେକ ଅବଦୁଲ ହାକିମ, ସେକ ଜାଫର ଅଲ୍ଲୀ, ସେକ ରୋସ୍ତମ, ସେକ ଗୋଲାମ ଅଲ୍ଲୀ, ସେକ ତାରବାବୁ, ଏମଡି ହବିବୁର ରହେମାନ, ଶିକ୍ଷାବିତ ରସାନନ୍ଦ ମହାପାତ୍ର, ସେକ ତାଜୁଦ୍ଦିନ, ନଗର ବିଜେଡି ସଭାପତି ବିଜୟକେତନ ସାହୁ, କଂଗ୍ରେସ ନେତା ମାନସ ମହାପାତ୍ର, ବିଜେପି ନେତା ଶ୍ରୀଧର ବେହେରା ଓ ଅନ୍ୟ ନେତୃମଣ୍ଡଳୀ ସହଯୋଗ କରିଥିଲେ।

## ପବିତ୍ର ମହରମ୍ ପର୍ବ

# ସହର ପରିକ୍ରମା କଲା ୪୦ କାଫେଲା













ଭଦ୍ରକ, ୬।୭(ସମିସ)

ଭାଇଚାରା ସହର ଭଦ୍ରକରେ ରବିବାର ପବିତ୍ର ମହରମ ପର୍ବ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ଭଦ୍ରକରେ ୪୦ଟି ସୁସଜ୍ଜିତ "କାଫେଲା' ସହର ପରିକ୍ରମା କରିଥିଲା। ଗୋଟିଏ କାଫେଲା ଚରମ୍ପାରେ ରହିଥିଲା। ୭ଟି କାଫେଲା ନଂଘା ମହଲ୍ଲା ମସଜିଦ ସମ୍ମୁଖରେ ପହଞ୍ଚିଥିଲା। ଅବଶିଷ୍ଟ ୩୨ଟି କାଫେଲା ବାଙ୍କା ଛକ, ଅଲାଲପୁର ଛକ, ପୁରୁଣା ବଜାର, ହେଲାସାହି ଛକ ହୋଇ କଣ୍ଟାବଣିଆ, ମୁଲ୍ଲାସାହି, ଲାହାପଟ୍ଟୀ ହୋଇ ମଦିନା ମଇଦାନରେ ପହଞ୍ଚିଥିଲେ। ରାତି ୯ଟାଠାରୁ ଧର୍ମସଭାର ଆୟୋଜନ ହୋଇଥିଲା। ସଞ୍ଚାଳକ ଭାବେ ମାଷ୍ଟର ମୁସ୍ତାକ ଗୌହର ଦାୟିତ୍ୱ ତୁଲାଇଥିଲେ। ବିହାର ଓ କଲିକତାରୁ ମୌଲାନା (ପଣ୍ଡିତ) ଓ ସାଏର (କବି)ମାନେ ଆସି ଧର୍ମସଭାରେ ଯୋଗଦାନ କରିଥିଲେ। ଭଦ୍ରକ ମୁସଲିମ



ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜି ଶେଖ ଏନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁଜିତ ଖାନ, ମହରମ କମିଟିର ସଭାପତି ଜମିଲ ଅଖତର ଖାନ, ଉପସଭାପତି ଇଂ ରେଜାଏ ରସୁଲ, ପ୍ରାକ୍ତନ ପାରିଷଦ ଅସରଫ ଅଲୀ ଖାନ, ସାଧାରଣ ସମ୍ପାଦକ ଅଖତର ଅଲୀ ଖାନ, କୋଷାଧକ୍ଷ ଶେଖ ଇମତିୟାଜ, ମିର୍ଜା ଏକ୍ରାମ ବେଗ, ହାଜି ଅବୁ ହୋସେନ, ଇଂ ହବିବୁଲ୍ଲା ଖାନ, ହୈଦର ଖାନ, ଏସଏମ ଫାରୁକ, ହାଜି କାସିମ ଖାନ, ଶେଖ ହବିବୁଲ୍ଲା, ହାଜି ସବୀର ଅଲୀ, ହାଜି ତବାରକ ଅଲୀ, ହାଜି ମତଲୁବ ଅଲୀ, ହାଜି ଅବୁ ସୁଫିଆନ, ଶେଖ ଆବୁକାଲାମ, ଜାୱେଦ ଅଖତର, ଆଇନଜୀବୀ ତାହେର ମହମ୍ମଦ, ମିଡିଆ ସେଲ ସଂଯୋଜକ ଶେଖ ଅନୱର (ବାବୁ), ଶେଖ ନସିମ ଅଖତର, ହାଜି ହିଫଜୁର ରହେମାନ, ହାଜି ସଇଦ, ହାଜି କୈୟୁମ ଅଲୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ଅଧିକାର ଉପସ୍ଥିତ ଥିଲେ। ବିଭିନ୍ନ ବିଭିନ୍ନ ଜାଗାରେ ବ୍ୟାପକ ପୁଲିସ ବଳ ମୁତୟନ କରାଯାଇଥିଲା।

# ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ



ଭଦ୍ରକ, ୬।୭(ସମିସ): ଭଦ୍ରକ ବ୍ଲକ୍ ସାହାଡ଼ା ଉପେନ୍ଦ୍ରନାଥ ବିଦ୍ୟାପୀଠରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଭାରତ ସରକାରଙ୍କ ଶକ୍ତି ବିଭାଗ ଏବଂ ସିଇଏସ ଭୁବନେଶ୍ୱର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପ୍ରଭଞ୍ଜନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବିଦ୍ୟୁତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଇଂ ସ୍ମିତା ବେହେରା ମୁଖ୍ୟ ଅତିଥି ଓ ସହକାରୀ ଯନ୍ତ୍ରୀ ଇଂ ଗାୟତ୍ରୀ ବେହେରା, ସମ୍ମାନିତ ଅତିଥି ଇଂ ସ୍ମରଣିକା ସାହୁ ଓ ଇଂ କନକଲତା ମୁର୍ମୁ ଭାବେ ଯୋଗ ଦେଇଥିଲେ। ସୁରକ୍ଷିତ ବିଦ୍ୟୁତ ବ୍ୟବହାର ନିମନ୍ତେ ମୂଲ୍ୟବାନ ସୂଚନା ଦେବା ସହ ଭିଡ଼ିଓ ମାଧ୍ୟମରେ ଅନେକ କଥାଚିତ୍ର ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ପ୍ରଭାରୀ ଏବଂ ଇକୋ କ୍ଲବର ଦାୟିତ୍ୱରେ ଥିବା ପ୍ରକୃତିବନ୍ଧୁ ବିଜ୍ଞାନ ଶିକ୍ଷକ ନିରଞ୍ଜନ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ଶିକ୍ଷକ ଅବନୀ ଦାସ, ରଞ୍ଜନ ଦାସ, ଆଦିତ୍ୟ ପ୍ରତାପ ସାମଲ, ନାରାୟଣଚନ୍ଦ୍ର ପୁହାଣ, ଲଳିତ ନାୟକ, କୃଷ୍ଣଚନ୍ଦ୍ର ଦାସ, ଅଭିମନ୍ୟୁ ସେଠୀ, ଭଗବାନ ବେହେରା ସହଯୋଗ କରିଥିଲେ। ଇଂ ସ୍ମିତା ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଛାତ୍ରଛାତ୍ରୀ ବୃକ୍ଷରୋପଣ କରିଥିଲେ। ଡ୍ରଇଂ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ମା' ମଙ୍ଗଳାଙ୍କ ୫ମ ବାର୍ଷିକ ଉତ୍ସବ

ବାରିକପୁର, ୬।୭(ସମିସ): ଭଣ୍ଡାରିପୋଖରୀ ବ୍ଲକର ବନ୍ଦାଳମଢିଆଳି ପଞ୍ଚାୟତ ବିରିଡ଼ି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଗିରିଧାରୀ ଦିବେଦ୍ୱିଙ୍କ ଦ୍ୱାରା ବୈଦିକ ରୀତି ନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରା ଯାଇଥିଲା। ଏଥିରେ ସଂକଳ୍ପ କର୍ତା ଭାବେ ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ଶାନ୍ତିଲତା ସାହୁ କାର୍ଯ୍ୟ ନିର୍ବାହ କରିଥିଲେ।ଏଥିରେ ଗ୍ରାମବାସୀଙ୍କ ସମେତ ଶହଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆଶିଷ ପଣ୍ଡା, ସୌଭାଗ୍ୟ ରଞ୍ଜନ ସେନାପତି, ରାଜୀବ ସାହୁ, ଦେବାଶିଷ ସାହୁ, ଶ୍ରୀରାମ ପଣ୍ଡା, ସାଇ ଆୟୁଷ୍ମାନ ପଣ୍ଡା ପରିଚାଳନା କରିଥିଲେ।

# ଶିକ୍ଷକ ଗଙ୍ଗାଧରଙ୍କ ପରଲୋକ

ଅସୁରାଳି, ୬।୭(ସମିସ): ଗୋବିନ୍ଦପୁର ଅଞ୍ଚଳର ଛାତ୍ରବତ୍ସଳ ଶିକ୍ଷକ ଗଙ୍ଗାଧର ରାଉତଙ୍କ ୮୯ ବର୍ଷ ବୟସରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଯାଜପୁର ଜିଲ୍ଲାର କଟିକଟା ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ କରି ପରେ ଭଣ୍ଡାରିପୋଖରୀ ବ୍ଲକର କୋରିଗାଁ ଓ



ଶେଷରେ ମଙ୍ଗଳାପଦା ପ୍ରାଥମିକ ବିଦ୍ୟାଳୟରେ ଅବସର ପ୍ରାପ୍ତ କରିଥିଲେ। ମୃତ୍ୟୁ ସମୟରେ ବଡ଼ପୁଅ କେଦାର, ସାନପୁଅ ବଦ୍ରିନାରାୟଣ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ମାସେ ହେଲା ସେ ଅସୁସ୍ଥ ଥିଲେ। ଶନିବାର ଅପରାହ୍ନ ୧ରେ ପ୍ରାଣବାୟୁ ଉଡ଼ି ଯାଇଥିଲା। ଗାଁ ପରିକ୍ରମା କରି ଶେଷରେ ଗାଁ ମଶାଣିରେ ଶବଦାହ କରା ଯାଇଥିଲା। ସ୍ଥାନୀୟ ସରପଞ୍ଚ ସୁବାସ ମହାକୁଡ, ଧୂଷୁରି ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧକ୍ଷ ରତିକାନ୍ତ ନାୟକ, ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର ଶୋକ ପ୍ରକାଶ କରିଛନ୍ତି।

# ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ



ଯାଜପୁର, ୬।୭ (ସମିସ): ଆସନ୍ତା ୧୧ ତାରିଖ ଭୁବନେଶ୍ୱର ବରମୁଣ୍ଡା ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ ମହାସମାବେଶର ଯାଜପୁର ଜିଲ୍ଲା ସାମିଲ ହେବ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ କୁହାଯାଇଛି। ସମାବେଶକୁ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ ଯୋଗଦେବେ। ଏ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ପୂର୍ବ ପ୍ରସ୍ତୁତି ବୈଠକ କରାଯାଇଛି। ଜିଲ୍ଲା ସଭାପତି ମନୋଜ ରାଉତଙ୍କ ଅଧକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ଓଡିଶା ପ୍ରଭାରୀ ଅଜୟ ଲଲ୍ଲୁ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଯାଜପୁର ଜିଲ୍ଲା ପ୍ରଭାରୀ ମୋହନ ହେମ୍ବ୍ରମ୍, ପିସିସି ସଭାପତି ରାଜନୈତିକ ସଚିବ ସୁଧାଂଶୁ ଶେଖର ଦେଓ ପ୍ରମୁଖ ସାମିଲ ହୋଇଥିଲେ। ସମସ୍ତ ବିଧାନସଭା ମଣ୍ଡଳୀ ନେତା ଓ ବ୍ଲକସ୍ତରୀୟ ନେତୃମଣ୍ଡଳୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡଚଣାର ଅଜୟ ସାମଲ, ଧର୍ମଶାଳାର କିଷାନ ପଣ୍ଡା, ଯାଜପୁରର ସୁଦିପ କୁମାର କର, କୋରେଇର ବନ୍ଦିତା ପରିଡା, ବିଞ୍ଝାରପୁରର କନକ ମଲ୍ଲିକ, ସୁକିନ୍ଦାର ବିଭୁଭୂଷଣ ରାଉତ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତୀ ଦେଓ, ପିସିସି ସଭ୍ୟା ମଧୁସ୍ମିତା ଆଚାର୍ଯ୍ୟ, ପଦ୍ମାକର ଗୁରୁ, ସନ୍ତୋଷ ନନ୍ଦଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଓ ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତା ସାମିଲ ହୋଇଥିଲେ। ଏହା ପରେ ରାହୁଲ ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଯାଜପୁରରୁ ୫ ହଜାରରୁ ଅଧିକ କର୍ମୀ ଓ ନେତା ଯୋଗଦେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

# ସୁନାବେଶରେ ଚତୁର୍ଦ୍ଧାମୂର୍ତ୍ତି

ଅସୁରାଳି, ୬।୭(ସମିସ):



ଗୋବିନ୍ଦପୁର ପଞ୍ଚାୟତ କୋରୁଆ ଗ୍ରାମର ଠାକୁର ବାଡ଼ିଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଭିନ୍ନ ଭିନ୍ନ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସେବକ ସିଦ୍ଧାର୍ଥ ନାଥ, ଶ୍ରୀଧର ନାଥ ଓ ସନ୍ଧ୍ୟାରାଣୀ ନାଥ ପ୍ରମୁଖ ରୀତିନୀତି ସମ୍ପାଦନ କରିଥିଲେ। ଏହାପରେ ଭଜନ କୀର୍ତ୍ତନ ଦ୍ୱାରା ସମଗ୍ର ପରିବେଶ ବିଭୂମୟ ହୋଇଯାଇଥିଲା। ବହୁ ଶ୍ରଦ୍ଧାଳୁ ଭଗବାନଙ୍କର ଦୁର୍ଲଭ ରୂପ ଦର୍ଶନ କରିଥିଲେ। ଶେଷରେ ପ୍ରସାଦ ବଣ୍ଟନ କରାଯାଇଥିଲା।

# ଚୋରା ମଦ ଓ ୨ ଡିପଫ୍ରିଜ ଜବତ



ଭଦ୍ରକ, ୬।୭(ସମିସ): ଭଦ୍ରକରେ ପବିତ୍ର ମହରମ ପର୍ବ ଲାଗି ସହରାଞ୍ଚଳର ସମସ୍ତ ସରକାରୀ ବିଦେଶୀ ମଦ ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇ ବନ୍ଦ ରଖାଯାଇଥିଲା। ଏହାର ସୁଯୋଗ ନେଇ ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ଷ୍ଟେସନ ଅଞ୍ଚଳରେ ଚୋରାରେ ମଦ ମହଜୁଦ ରଖି ବିକ୍ରି କରାଯାଉଥିଲା। ଏହି ଖବର ପାଇବା ପରେ ଟାଉନ ପୁଲିସ ସେଠାରେ ପହଞ୍ଚି ୧୮୦ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରିବା ସହ ୨ଟି ଡିପ୍ ଫ୍ରିଜକୁ ଜବତ କରିଛି।

# ସ୍ମାର୍ଟଯୁଗରେ ନିଆରା ଅନୁଭୂତି ଦେଉଛି ସୁଭଦ୍ରା ମହତାବ ହାଟ



ବନ୍ତ/ଆଗରପଡ଼ା, ୬।୭(ସମିସ): ସ୍ମାର୍ଟଯୁଗରେ ଆଧୁନିକ ପରମ୍ପରାକୁ ଆପଣେଇବା ଇଚ୍ଛାରେ ମଣିଷ କ୍ରମଶଃ ଭୁଲିଯାଉଛି ହାଟ ପରମ୍ପରାକୁ; କିନ୍ତୁ ଭଦ୍ରକ ଜିଲ୍ଲା ଆଗରପଡ଼ାରେ ଅବସ୍ଥିତ ଦୁଇଶହ ବର୍ଷର ସୁଭଦ୍ରା ମହତାବ ହାଟ ପରମ୍ପରାକୁ ବଞ୍ଚାଇବାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି। ଚାଲ ଯିବା ଆଗରପଡ଼ା ହାଟ ହଳକରିବା ପାଇଁ ଶସ୍ତାରେ ମିଳିବ ବଳଦ। ଖାଇବାପାଇଁ ମିଳିବ ତଟକା ପରିବା। ଏହିପରି ଅନେକ କଥା ଶୁଣିବାକୁ ମିଳିଥାଏ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଆଦି ଜିଲ୍ଲା ଅଞ୍ଚଳର ଲୋକମାନଙ୍କଠାରୁ। ଆଗରପଡ଼ା ହାଟ ସହିତ ଏହିପରି ତିନି ଚାରିଟି ଜିଲ୍ଲାବାସୀଙ୍କ ଦୀର୍ଘ ବର୍ଷେ ଧରି ସଂପର୍କ ରହିଆସିଅଛି। ଏହି ହାଟଟି ପ୍ରାୟ ୨ଶହ ବର୍ଷର ପୁରୁଣାହାଟ ବୋଲି ପୁରୁଖା ଲୋକମାନେ କୁହନ୍ତି। ବର୍ତ୍ତମାନ ହେଉଥିବା ସ୍ଥାନରେ ହାଟଟି ପାଖାପାଖି ୮୦ବର୍ଷ ଧରି ଚାଲିଛି। ହାଟଟି ସୁଧାଂଶୁମାଳା-କାହ୍ନୁଚରଣ ମିଶନ ଚାଲୁଥିବା ସ୍ଥାନର ପଛପଟେ ଚାଲିଥିଲା। ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ପୂର୍ବଜମାନେ ଏହି ହାଟଟି ଆରମ୍ଭ କରିଥିଲେ। ପରେ ଡ. ମହତାବଙ୍କ ସହଧର୍ମିଣୀ ତଥା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ସୁଭଦ୍ରା ମହତାବଙ୍କ ନାମରେ ଏହି ହାଟଟି ନାମିତ ହୋଇଛି।

ପ୍ରାୟ ୩ଏକର ପରିମିତ ଅଞ୍ଚଳରେ ଏହା ଅବସ୍ଥିତ। ଗୋରୁହାଟ ରୂପେ ଖ୍ୟାତି ରହିଛି। ସବୁଧରଣର ଗୋରୁ ଏଠାରେ ବାରମାସ ମିଳିଥାନ୍ତି ପୁଣି ଶସ୍ତାଦରରେ। ଭଦ୍ରକ ବ୍ୟତୀତ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଜିଲ୍ଲାର ଅଧିକାଂଶ ଅଞ୍ଚଳବାସୀ ଗୋରୁଗାଇ କ୍ରୟ, ବିକ୍ରୟ କରିବାକୁ ନିର୍ଭର କରିଥାନ୍ତି ଏହି ହାଟ ଉପରେ। ପଶ୍ଚିମବଙ୍ଗରୁ ବ୍ୟବସାୟୀମାନେ ଏଠାକୁ ଆସି ବ୍ୟବସାୟ କରିଥାନ୍ତି। ସପ୍ତାହକୁ ୨ଥର ମଙ୍ଗଳବାର ଓ ଶନିବାରରେ ହାଟ ବସିଥାଏ। ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ହାଟ ଚାଲିଥାଏ। ଛେଳି ବ୍ୟବସାୟୀମାନେ ଦୂରଦୁରାନ୍ତରୁ ଆସି ବ୍ୟବସାୟ କରିଥାନ୍ତି। ରଙ୍ଗବେରଙ୍ଗର କୁକୁଡ଼ା ସାଙ୍ଗକୁ ଖାସି ମାଂସ, ମାଛ ଦୋକାନ ରହିଛି। ଏଠାରେ ଅସଲି ଖାସି ମାଂସ ମିଳେ ବୋଲି ସମସ୍ତେ ଜାଣିଛନ୍ତି। ବାଲେଶ୍ୱରର ବଳରାମଗଡ଼ି ଓ ବାଲିଆପାଳ, ଭଦ୍ରକର ଚୁଡ଼ାମଣି ଓ ଧାମରା ଆଦି ଅଞ୍ଚଳର ବିରଳ ଇଲିଶି ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ମିଳିଥାଏ ଏହି ହାଟରେ। ଝୋଟରୁ ପ୍ରସ୍ତୁତ ବିଭିନ୍ନ କିସମର ତୁଣ୍ଡି, ରଶି, ଶିକା ଆଦି ବିକ୍ରି ହୁଏ। ବୁଡ଼ିଯାଉଥିବା ବାଉଁଶ ତିଆରି ଦ୍ରବ୍ୟ କୁଲା, ନାଳିଆ, ଅନ୍ଧୁଲି, ପୋହଳ, ଜାଲ, ଖଇଁଚି ଅତି ସୁଲଭ ମୂଲ୍ୟରେ ମିଳେ। ପଖିଆ, ଡୁଲି, ଛାଞ୍ଚୁଣି, ପହଁରାଠାରୁ ଆରମ୍ଭ କରି ସମସ୍ତ ପନିପରିବା ମିଳିଥାଏ। ଡାଙ୍ଗମାଳ, ନଳିତାପାଟିଆ ସୋର-ଗୋପାଳପୁର ପ୍ରଭୃତି ସ୍ଥାନରୁ ଏଠାକୁ ବିକ୍ରିପାଇଁ ଆସିଥାଏ। ଶୁଖୁଆ, କରଞ୍ଜ ଓ ନିମତେଲଠାରୁ ଆରମ୍ଭ କରି ଗୁଡ଼କୁତ ସହ ସବୁ କିସମର ବସ୍ତ୍ରାଦି ବିକ୍ରି ହୋଇଥାଏଏଠାରେ। ଏହିପରି ଯାବତୀୟ ସାମଗ୍ରୀର ସମାହାର ଆଗରପଡ଼ା ସୁଭଦ୍ରା ମହତାବହାଟରେ ଦେଖିବାକୁ ମିଳିଥାଏ। ଏହି ଐତିହ୍ୟସଂପନ୍ନ ହାଟ କ୍ରମଶଃ ନାନାଦି ସମସ୍ୟାମାନ ଦେଇ ଗତିକରୁଛି। ହାଟ ପରିସରଟି ବର୍ତ୍ତମାନ ମାଟି ସ୍ଥାନରେ ଚାଲିଛି। ଯଦ୍ୱାରା ବର୍ଷା ଦିନେ କାଦୁଆ ପରିସ୍ଥିତି ସୃଷ୍ଟି ହେବା ଫଳରେ ଲୋକେ ଯାଆଆସ କରିବାରେ ଅସୁବିଧା ଭୋଗ କରୁଛନ୍ତି। ଏହା ଯଦି କଂକ୍ରିଟ ହୋଇପାରନ୍ତା ତାହାହେଲେ ଆହୁରି ଅଧିକ ଲୋକ ହାଟ ସାମଗ୍ରୀ କିଣା କିଣି କରିବା ପାଇଁ ଆଗ୍ରହ ପ୍ରକାଶ କରନ୍ତେ। ନଡ଼ା ଛାଉଣୀ ଦୋକାନ ପରିବର୍ତ୍ତେ ଆଜବେଷ୍ଟସ ଛାଉଣୀ ହେଲେ ଦୋକାନୀମାନେ ବ୍ୟବସାୟ କରିବାକୁ ଅଧିକ ଆଗ୍ରହ ପ୍ରକାଶ କରନ୍ତେ। ଗୋରୁ ଗାଇମାନେ ଠିଆ ହେବା ପାଇଁ ଆଜବେଷ୍ଟସ୍ ଛାଉଣୀ ଘର ନିର୍ମାଣର ଆବଶ୍ୟକତା ରହିଛି। ଏଥିପ୍ରତି ଦୃଷ୍ଟି ଦିଆଗଲେ ହାଟଟି ତାର ଐତିହ୍ୟ ପରମ୍ପରା ବଜାୟ ରଖିପାରନ୍ତା।

# ଶ୍ରମିକ ସଙ୍ଘ ସଭାପତିଙ୍କ ମାତୃ ବିୟୋଗ

କାଳିଆପାଣି, ୬।୭ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡ଼ିଆ ପଞ୍ଚାୟତ ବିଜୁ ଜନତା ଦଳର ଜଣେ ସକ୍ରୀୟ କର୍ମୀ ତଥା ଏସ୍ଆର୍ସିକେ ଏମ୍ଏସର ଇମ୍ପା ମାଇନିଂର ଶ୍ରମିକ ସଭାପତି ହରେକୃଷ୍ଣ ମହାନ୍ତଙ୍କ ମାତୃ ସାଗରୀ ମହାନ୍ତ (୭୦)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ପଞ୍ଚାୟତର ଦଳୀୟ କର୍ମୀ ତଥା ସମିତି ସଭ୍ୟା ପାଙ୍କଜିନି ମହାନ୍ତ, ସୁକାନ୍ତ ନାୟକ, ବଟକୃଷ୍ଣ ଦାସ, କୈଳାସ ନାୟକ, ସଞ୍ଜୟ ନାୟକ, ଅଜୟ କୁମାର ବେହେରା ପ୍ରମୁଖ ପହଞ୍ଚି ଶବଦାହ କ୍ରିୟା ସମାପନ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପୂର୍ବତନ ବ୍ଲକ୍ ଅଧକ୍ଷା ଭଗବତୀ ମହାନ୍ତ, ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ପ୍ରଭାତ ରଞ୍ଜନ ପ୍ରଧାନ, ଅଜୟ କୁମାର ନାୟକ,ଆଶିଷ କୁମାର ଜେନା, ବିଶ୍ୱଜିତ୍ ମହାନ୍ତି, କାଙ୍କଡ଼ପାଳ ସରପଞ୍ଚ ସଞ୍ଜୟ କୁମାର ପରିଡ଼ା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡାଇ, ବିଜୁ ଜନତା ଦଳର ବ୍ଲକ୍ ସଭାପତି ବିବେକାନନ୍ଦ ବୋଷ, ୯ ନମ୍ବର ୱାଡର୍ ମେମ୍ବର ପଞ୍ଚାନନ ପଲେଇ ଆମ୍ବପାଳ ଗ୍ରାମର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି।

# ସୁପ୍ରିମକୋର୍ଟରେ ବିହାର ଭୋଟର ତାଲିକା ବିବାଦ

ନୂଆଦିଲ୍ଲୀ,୬ ।୭(ଏଜେନ୍ସି): ବିହାରରେ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ନୂଆ ସଂଘର୍ଷ ଆରମ୍ଭ ହୋଇଛି । ଭୋଟର ତାଲିକାର ଯାଞ୍ଚକୁ ନେଇ ଆରମ୍ଭ ହୋଇଛି ଏହି ସଂଘର୍ଷ । ଭୋଟର ତାଲିକା ଯାଞ୍ଚ୍ ପ୍ରକ୍ରିୟାକୁ ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର ବିରୋଧକରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ଆଧାର କାର୍ଡକୁ ବୈଧ ପରିଚୟ ପତ୍ର ଭାବେ ମାନ୍ୟତା ମିଳିଥିବା ବେଳେ ନିର୍ବାଚନ କମିଶନ ଏହାକୁ ଭୋଟର ତାଲିକା ଯାଞ୍ଚ୍ ବେଳେ ପରିଚୟ ପତ୍ର ଭାବେ ଗ୍ରହଣ କରିନାହିଁ । ଏ ନେଇ ପ୍ରକାଶିତ ହୋଇଥିବା ତାଲିକାରେ ଆଧାର କାର୍ଡକୁ ସାମିଲ କରାଯାଇନାହିଁ । ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛି । ଏ ନେଇ ମହୁଆ ସୁପ୍ରିମକୋର୍ଟରେ ଅନୁଚ୍ଛେଦ ୩୨ ଅନୁସାରେ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି । ଜୁନ୍ ୨୪ରେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶକୁ ରଦ୍ଦ କରିବାକୁ ଏଥିରେ ଦାବି କରାଯାଇଛି । କମିଶନଙ୍କ ଆଦେଶ ସମ୍ବିଧାନ ଅନୁଚ୍ଛେଦର ଉଲ୍ଲଂଘନ ବୋଲି ମହୁଆ ଆବେଦନରେ ଉଲ୍ଲେଖ କରାଯାଇଛି । ପୂର୍ବରୁ ଏକାଧିକ ବାର ମତଦାନ କରିଥିବା ବ୍ୟକ୍ତିଙ୍କୁ ଏଥର ନାଗରିକତା ପ୍ରମାଣ କରିବାକୁ ପରୋକ୍ଷରେ କୁହାଯାଉଛି । ତେଣେ କମିଶନ ଏହି ପ୍ରକ୍ରିୟାକୁ ଅନ୍ୟ ରାଜ୍ୟରେ ଲାଗୁ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପଶ୍ଚିମବଙ୍ଗରେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି । ତେଣୁ ବିରୋଧୀ ଏହି ପ୍ରକ୍ରିୟାକୁ ବନ୍ଦ କରିବାକୁ ଅଣ୍ଟା ଭିଡିଛନ୍ତି । ସେପଟେ ଆସୋସିଏସନ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ମଧ୍ୟ ଏହି ପ୍ରକ୍ରିୟାକୁ ବିରୋଧ କରି ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦ୍ୱାରାସ୍ଥ ହୋଇଛି । ଏହାଦ୍ୱାରା ବିହାରରେ ଲକ୍ଷାଧିକ ଲୋକ ମତଦାନରୁ ବଞ୍ଚିତ ହେବେ ବୋଲି ଏଡିଆର ତାର ଆବେଦନରେ ଉଲ୍ଲେଖ କରିଛି । ଏହା ମଧ୍ୟରେ ଆରଜେଡି ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଆରଜେଡି ଏମ୍‌ପି ମନୋଜ ଝା କମିଶନଙ୍କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଛନ୍ତି । ପିପୁଲ୍ସ ୟୁନିଅନ ଫର ସିଭିଲ ଲିବରଟିଜ୍ (ପିୟୁସିଏଲ୍) ଭଳି ରାଜ୍ୟର ଏକାଧିକ ସିଭିଲ ସୋସାଇଟି ଗ୍ରୁପ୍ ଓ ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ମଧ୍ୟ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## ଯୁଦ୍ଧ ପରେ ପ୍ରଥମଥର ପାଇଁ ସାମ୍ନାକୁ ଆସିଲେ ଖାମ୍‌ନେଇ

ତେହେରାନ୍,୬ ।୭(ଏଜେନ୍ସି): ଇସ୍ରାଏଲ ବିପକ୍ଷ ଯୁଦ୍ଧର ପାଖାପାଖି ମାସେ ପରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମନେଇ ପ୍ରଥମଥର ପାଇଁ ସର୍ବସମ୍ମୁଖରେ ଦେଖା ଦେଇଛନ୍ତି । ରାଜଧାନୀ ତେହେରାନ୍‌ରେ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ସମସ୍ତଙ୍କ ସାମ୍ନାକୁ ଆସିଛନ୍ତି । ସେ ମୁସଲମାନଙ୍କ ସିୟା ସମ୍ପ୍ରଦାୟର ଧାର୍ମିକ କାର୍ଯ୍ୟରେ ଯୋଗ ଦେବା ସହ ସମର୍ଥକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ । ୮୬ ବର୍ଷୀୟ ଖାମନେଇଙ୍କୁ ନିଜ ଗହଣରେ ପାଇ ସମର୍ଥକମାନେ ବେଶ୍ ଉତ୍ସାହିତ ହେବା ସହ ତାଙ୍କ ସମର୍ଥନରେ ସ୍ଲୋଗାନମାନ ଦେଇଥିଲେ । ଆମ ଧମନୀ ତଥା ଶିରାପ୍ରସିରାରେ ଖାମନେଇଙ୍କ ପାଇଁ ରକ୍ତ ପ୍ରବାହିତ ହେଉଛି ବୋଲି ସମର୍ଥକମାନେ ସ୍ଲୋଗାନ ଦେଇ କହିଥିଲେ । ଇସ୍ରାଏଲ ଓ ଇରାନ ମଧ୍ୟରେ ୧୨ ଦିନର ଯୁଦ୍ଧ ଅବସରରେ ସେ ନିରାପଦ ସ୍ଥାନରେ ଲୁଚି ରହିଥିଲେ ।

## ବ୍ରିଟିଶ୍ ଜେଟ୍‌କୁ ସଜାଡ଼ିବା ପାଇଁ ଆସିଲେ ୪୦ ଇଞ୍ଜିନିୟର

ତିରୁଅନନ୍ତପୁରମ,୬ ।୭(ଏଜେନ୍ସି): ବ୍ରିଟିଶ ଫାଇଟର ଜେଟ୍ ଏଫ୍-୩୫ ଠିକ୍ କରିବା ପାଇଁ ବ୍ରିଟେନରୁ ୪୦ ଇଞ୍ଜିନିୟର ରବିବାର ଭାରତ ପହଞ୍ଚିଛନ୍ତି । ବିମାନକୁ ଏଠାରେ ସଜଡ଼ାଯିବ କି ବ୍ରିଟେନ ନିଆଯିବ ସେ ନେଇ ଇଞ୍ଜିନିୟରଙ୍କ ଏହି ଦଳ ନିଷ୍ପତ୍ତି ନେବ । ଜୁଲାଇ ୨ରେ ଏହି ଦଳ ଭାରତ ଆସିବାର କାର୍ଯ୍ୟକ୍ରମ ଥିଲା । ଜୁନ୍ ୧୪ରେ ଏହି ଫାଇଟର ଜେଟ୍ କେରଳର ତିରୁଅନନ୍ତପୁରମ ବିମାନ ବନ୍ଦରରେ ଜରୁରୀ ଅବତରଣ କରିଥିଲା । ଅବତରଣ ପରେ ବିମାନରେ ବୈଷୟିକ ତ୍ରୁଟି ଦେଖିବାକୁ ମିଳିଥିଲା । ଫଳରେ ଏହି ବିମାନ ଫେରିପାରି ନଥିଲା । ଗତ ୧୩ ଦିନ ହେବ ୯୧୮ କୋଟିର ଏହି ବିମାନ ଏୟାରପୋର୍ଟରେ ଛିଡା ହୋଇଛି ।

## ଦଲାଇଲାମା ଉତ୍ତରାଧିକାରୀ ଚୟନ କରିପାରିବେ ନାହିଁ: ଚୀନ୍

ନୂଆଦିଲ୍ଲୀ,୬ ।୭(ଏଜେନ୍ସି): ବୌଦ୍ଧ ଧର୍ମଗୁରୁ ଦଲାଇଲାମା ତାଙ୍କର ଉତ୍ତରାଧିକାରୀ ଚୟନ କରିପାରିବେ ନାହିଁ । ଏହି କଥା କହିଛନ୍ତି ଭାରତରେ ଅବସ୍ଥାପିତ ଚୀନ୍ ରାଜଦୂତ ସୁ ଫେଇହୋଙ୍ଗ୍ । ସେ କହିଛନ୍ତି ଯେ, ୧୪ତମ ଦଲାଇଲାମା ଐତିହାସିକ ଓ ଧାର୍ମିକ ପରମ୍ପରାର ଅଂଶବିଶେଷ । ‘ଦଲାଇଲାମାଙ୍କ ପୁନର୍ଜନ୍ମ ତାଙ୍କଠାରୁ ଆରମ୍ଭ ହୋଇ ନ ଥିଲା ବା ତାଙ୍କ ପାଇଁ ଶେଷ ମଧ୍ୟ ହୋଇପାରିବ ନାହିଁ । ପରମ୍ପରା ଜାରି ରଖିବା ବା ଶେଷ କରିବା କାର୍ଯ୍ୟ ଦଲାଇଲାମାଙ୍କ ହାତରେ ନାହିଁ । ପୁନର୍ଜନ୍ମ ପରମ୍ପରା ନେଇ ସେ ଏକା ନିଷ୍ପତ୍ତି ନେଇପାରିବେ ନାହିଁ’ ।

## ହତ୍ୟା ମାମଲାରେ ଆପ୍ ବିଧାୟକ ଗିରଫ

ଅହମଦାବାଦ୍,୬ ।୭(ଏଜେନ୍ସି): ହତ୍ୟା ଉଦ୍ୟମ ମାମଲାରେ ଗୁଜରାଟର ଆପ୍ ବିଧାୟକ ଚଇତାର ଭସଭା ଗିରଫ ହୋଇଛନ୍ତି । ନର୍ମଦା ଜିଲ୍ଲାର ଦେଡିଆପଡାର ତଲୁକା ପଞ୍ଚାୟତର ଜଣେ ଅଧିକାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ତାଙ୍କୁ ପୁଲିସ ଗିରଫ କରିଛି । ଶନିବାର ସନ୍ଧ୍ୟାରେ ଏକ ବୈଠକରେ ଯୁକ୍ତିତର୍କ ତଥା କଥା କଟାକଟି ହେବା ପରେ ସେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ସ୍ଥାନୀୟ କୋର୍ଡିନେସନ କମିଟିରେ ତାଙ୍କ ନୋମିନିଙ୍କୁ ସ୍ଥାନ ନ ମିଳିବାର ଭସଭା ଉତ୍‌କ୍ଷିପ୍ତ ହୋଇ ଆକ୍ରମଣ କରିଥିଲେ ବୋଲି ଏଫ୍‌ଆଇଆରରେ ଉଲ୍ଲେଖ କରାଯାଇଛି । ସେପଟେ ଏହି ଗିରଫଦାରୀକୁ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ନିନ୍ଦା କରିଛନ୍ତି ।

## କ୍ରାଇମ୍ କ୍ୟାପିଟାଲରେ ପରିଣତ ହେଲାଣି ପାଟନା: ରାହୁଲ

ନୂଆଦିଲ୍ଲୀ, ୬ ।୭(ଏଜେନ୍ସି): ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟା ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିହାରର ନୀତୀଶ କୁମାରଙ୍କ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି । ରାଜଧାନୀ ପାଟନା ଏବେ କ୍ରାଇମ୍ କ୍ୟାପିଟାଲରେ ପରିଣତ ହୋଇଛି ବୋଲି ସେ କହିଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଛି । ଏନଡିଏ ସରକାର ପାଟନାକୁ ଅପରାଧିଙ୍କ ଚରାଭୂଇଁରେ ପରିଣତ କରି ଦେଇଛନ୍ତି । ବିହାରରେ ବର୍ତ୍ତମାନ ଲୁଟ୍, ଗୁଳି ଚାଳନା, ହତ୍ୟା ସାଧାରଣ ଅପରାଧରେ ପରିଣତ ହୋଇଛି । ଅପରାଧକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ରାହୁଲ କହିଛନ୍ତି । ଉଲ୍ଲେଖଥାଉ କି, ମଗଧ ହସ୍ପିଟାଲର ମାଲିକ ଗୋପାଳ ଖେମ୍‌କାଙ୍କୁ ଶୁକ୍ରବାର ରାତି ୧୧.୪୦ରେ ନିଜ ଆପାର୍ଟମେଣ୍ଟର ଗେଟ୍ ସମ୍ମୁଖରେ ଗୁଳି କରି ହତ୍ୟା କରାଯାଇଥିଲା । ଏହାକୁ ନେଇ ବିହାରରେ ହଇଚଇ ସୃଷ୍ଟି ହୋଇଛି ।



# ଟ୍ରମ୍ପଙ୍କୁ ଖୋଲା ଚ୍ୟାଲେଞ୍ଜ ଦଳ ଗଢ଼ିଲେ ଏଲନ୍ ମସ୍କ

## ରିପବ୍ଲିକାନ୍ ଓ ଡେମୋକ୍ରାଟ୍ ଉଭୟ ଭ୍ରଷ୍ଟ
## ୨ ଦଳୀୟ ବ୍ୟବସ୍ଥାକୁ ଭାଙ୍ଗିବ ଆମେରିକା ପାର୍ଟି

ୱାସିଂଟନ, ୬।୭ (ଏଜେନ୍ସି): ବ୍ୟବସାୟ, ରାଜନୀତି, ନେତାଙ୍କୁ ସମର୍ଥନ, ମନ୍ତ୍ରୀପଦ, ସରକାରୀ ନିଷ୍ପତ୍ତିକୁ ବିରୋଧ, ବିବାଦ, ଇସ୍ତଫା ପରେ ପୁଣି ରାଜନୀତିରେ ସାମିଲ ହେବା ଘଟଣା ଆମେରିକାରେ ଚହଳ ପକାଇ ଦେଇଛି । ଶିଳ୍ପପତି ଏଲନ ମସ୍କଙ୍କ ସହ ଏଭଳି ଘଟଣା ଘଟିଛି । ବନ୍ଧୁତା ବଇରୀ ପାଲଟି ଯାଇଛି । ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ କରି ଆର୍ଥିକ ସହାୟତା ଦେଇଥିବା ମସ୍କ ବିବାଦ ପରେ ରାଷ୍ଟ୍ରପତିଙ୍କ ଠାରୁ ଦୂରେଇ ଯାଇଛନ୍ତି । ଶତ୍ରୁତା ଏତେ ବଢ଼ି ଯାଇଛି ଯେ ଖୋଲାଖୋଲି ଭାବେ ଟ୍ରମ୍ପଙ୍କୁ ବିରୋଧ କରି କ୍ଷମା ମାଗିବାକୁ ପଛାଇ ନାହାନ୍ତି । ଟ୍ରମ୍ପ ମଧ୍ୟ ତାଙ୍କୁ ଧମକ ଦେଇଛନ୍ତି । ଟେସ୍‌ଲା ମାଲିକଙ୍କୁ ଦକ୍ଷିଣ ଆଫ୍ରିକା ପଠାଇ ଦେବେ ବୋଲି ମଧ୍ୟ କହିଛନ୍ତି । ଏପରି ସମୟରେ ଆମେରିକା ରାଷ୍ଟ୍ରପତିଙ୍କୁ ଜବାବ ଦେବା ଲାଗି ଅରବପତି ଏଲନ ମସ୍କ ଶନିବାର ନୂଆ ରାଜନୈତିକ ଦଳ ଗଠନ କରିବାକୁ ଘୋଷଣା କରିଛନ୍ତି । ସେ ଏହାର ନାମ ‘ଆମେରିକା ପାର୍ଟି’ ରଖିଛନ୍ତି । ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏକ୍ସରେ ମସ୍କ ଏହି ସୂଚନା ଦେଇଛନ୍ତି ।

ମସ୍କ ଏହି ଘୋଷଣା କରି ଦେଶର ବର୍ତ୍ତମାନର ରାଜନୈତିକ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି । ସେ ଦେଶରେ ଏକ ଦଳୀୟ ବ୍ୟବସ୍ଥା ଚାଲିଥିବା ଉଲ୍ଲେଖ କରିଛନ୍ତି । ଆମେ ଗଣତନ୍ତ୍ରରେ ନୁହେଁ, ବରଂ ଏକ ଦଳୀୟ ବ୍ୟବସ୍ଥାରେ ରହୁଛେ । ଦେଶକୁ ବର୍‌ବାଦ କରି ଦେବାଳିଆ କରିଦିଆଯାଉଛି । ଏବେ ଆମେ ଏକଦଳୀୟ ବ୍ୟବସ୍ଥାକୁ ଭାଙ୍ଗିବାକୁ ଯାଉଛୁ । ମସ୍କ ଘୋଷଣା କରିଛନ୍ତି ଯେ ଆଜି ଆମେରିକା ପାର୍ଟି ଗଠନ କରାଯାଇଛି । ଲୋକଙ୍କୁ ପୁଣିଥରେ ସ୍ୱାଧୀନତା ଫେରାଇ ଦେବାକୁ ଏହି ନିଷ୍ପତ୍ତି ନିଆଯାଇଛି । ଏହାକୁ ନେଇ ସେ ଏକ୍ସରେ ସର୍ଭେ ମଧ୍ୟ କରିଥିଲେ । ଏଥିରୁ ୬୬% ଲୋକ ନୂଆ ରାଜନୈତିକ ଦଳ ଚାହୁଁଥିବା ଜଣାପଡ଼ିଛି । ଏବେ ଲୋକଙ୍କ ଇଚ୍ଛା ପୂରଣ ହେବ । ରପବ୍ଲିକାନ ଏବଂ ଡେମୋକ୍ରାଟ ପାର୍ଟି ଆମେରିକାକୁ ବର୍‌ବାଦ ଏବଂ ଦୁର୍ନୀତିର ଗନ୍ତାଘର କରିଦେଇଛନ୍ତି । ଏବେ ଦେଶକୁ ଦୁଇ ଦଳୀୟ ବ୍ୟବସ୍ଥାରୁ ସ୍ୱାଧୀନତା ମିଳିବ । ଟ୍ରମ୍ପଙ୍କ ସହ ବିବାଦ ମଧ୍ୟରେ ମସ୍କ ଏଭଳି ଘୋଷଣା କରିଛନ୍ତି ।

ଏହା ପୂର୍ବରୁ ଆମେରିକା ସ୍ୱାଧୀନତା ଦିବସ ଅବସରରେ ମସ୍କ ଏକ୍ସରେ ଏକ ସର୍ଭେ କରାଇ ଥିଲେ । ଏଥିରେ ଦୁଇ ଦଳୀୟ ବ୍ୟବସ୍ଥାରୁ ସ୍ୱାଧୀନତା ଚାହୁଁଛନ୍ତି କି ନାହିଁ ଏବଂ ଆମେରିକା ପାର୍ଟି ଗଠନ କରିବା ଉଚିତ କି ବୋଲି ପଚାରି ଥିଲେ । ସର୍ଭେରେ ୬୫.୪ ପ୍ରତିଶତ ଲୋକ ହଁ ଏବଂ ୩୪.୬ ପ୍ରତିଶତ ନା କହିଥିଲେ । ସୂଚନାଯୋଗ୍ୟ ଯେ ଗତ କିଛି ସପ୍ତାହ ହେଲା ଟ୍ରମ୍ପ ଏବଂ ମସ୍କଙ୍କ ମଧ୍ୟରେ ବିବାଦ ଉଗ୍ର ହୋଇଥିଲା । ଉଭୟ ଗୃହରେ ପାରିତ ଟ୍ରମ୍ପଙ୍କ ପ୍ରିୟ ‘ୱାନ ବିଗ୍ ବିୟୁଟିଫୁଲ ବିଲ୍’ ଏହି ନିଆଁରେ ଘିଅ ଢାଳି ଥିଲା । ଏହାକୁ ମସ୍କ ତୀବ୍ର ସମାଲୋଚନା କରିଥିଲେ । ପୂର୍ବରୁ ମସ୍କ ଟ୍ରମ୍ପଙ୍କ କ୍ୟାବିନେଟରେ ପ୍ରମୁଖ ପରାମର୍ଶଦାତା ଭାବେ କାମ କରୁଥିଲେ । ‘ଡିପାର୍ଟମେଣ୍ଟ ଅଫ୍ ଗମେଣ୍ଟ ଏଫିସିଏନ୍ସି’ର ନେତୃତ୍ୱ ନେଇ ସେ ସରକାରୀ ଖର୍ଚ୍ଚ କାଟ୍ କରୁଥିଲେ । ତେବେ ଟ୍ରମ୍ପଙ୍କ ଟିକସ ଏବଂ ବ୍ୟୟ ବିଲ୍‌କୁ ସେ ବିରୋଧ କରିଥିଲେ । ଏହା ଦ୍ୱାରା ଆଗାମୀ ୧୦ ବର୍ଷରେ ଆମେରିକା ୩.୩ ଟ୍ରିଲିୟନ ଡଲାରର ଋଣ ବୃଦ୍ଧି କରିବ ବୋଲି ସେ ଆଶା କରିଥିଲେ । ବିଭିନ୍ନ ପ୍ରସଙ୍ଗରେ ମତଭେଦ ତୀବ୍ର ହେବା ପରେ ସେ ଟ୍ରମ୍ପ ପ୍ରଶାସନରୁ ଇସ୍ତଫା ଦେଇଥିଲେ ।



## ମହାକାଶ ଷ୍ଟେସନ୍‌ର କପୋଲାରେ ଶୁଭାଂଶୁ

ଟେକ୍ସାସ୍, ୬।୭ (ଏଜେନ୍ସି): ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ନୂଆ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ଏଥିରେ ଶୁଭାଂଶୁ ଆଇଏସଏସର କପୋଲା ମଡ୍ୟୁଲୋର ଝରକାରୁ ପୃଥିବୀକୁ ଦେଖୁଥିବା ଜଣାପଡୁଛି । ଇସ୍ରୋ, କେନ୍ଦ୍ର ସରକାର ଏବଂ ଆମେରିକା ସ୍ପେସ୍ କମ୍ପାନୀ ଅକ୍ସିୟମ ପକ୍ଷରୁ ଏହି ଫଟୋ ସେୟାର କରାଯାଇଛି । କପୋଲା ମଡ୍ୟୁଲୋ ହେଉଛି ଏକ ଗୋଲାକାର ପର୍ଯ୍ୟବେକ୍ଷଣ କେନ୍ଦ୍ର । ଏଥିରେ ୭ଟି କାଚ ଝରକା ରହିଛି । ଏହା ମାଧ୍ୟମରେ ମହାକାଶ ଯାତ୍ରୀ ବାହାରର ମହାକାଶ, ପୃଥିବୀ ଏବଂ ଷ୍ଟେସନ କାର୍ଯ୍ୟକୁ ଦେଖିଥାନ୍ତି ଓ ନିୟନ୍ତ୍ରଣ କରିଥାନ୍ତି । ଏହା ପୃଥିବୀର ସବୁଠାରୁ ସୁନ୍ଦର ଚିତ୍ର ଉତ୍ତୋଳନ କରୁଥିବା ସ୍ଥାନ ପାଲଟି ଯାଇଛି । ଗତ ୨୫ ତାରିଖରେ ଶୁଭାଂଶୁଙ୍କ ସମେତ ୪ ମହାକାଶଚାରୀ ଆଇଏସଏସକୁ ଯାତ୍ରା ଆରମ୍ଭ କରି ୨୮ ଘଣ୍ଟା ପରେ ପହଞ୍ଚି ଥିଲେ । ଶୁଭାଂଶୁ ମହାକାଶରେ ଇଣ୍ଡିଆନ ଏଜୁକେଶନ ଇନଷ୍ଟିଚ୍ୟୁଟ୍‌ସର ୭ଟି ପରୀକ୍ଷଣ କରିବେ । ଏହି ଅଭିଯାନ ଭାରତର ଗଗନଯାନ ମିଶନକୁ ବଳ ଦେବ ।

## ୨୪ ବର୍ଷ ପରେ ଗିରଫ ହେଲା ସିରିଏଲ୍ କିଲର୍

### ଗାଡ଼ି ଭଡ଼ା ନେଇ ଡ୍ରାଇଭରକୁ ହତ୍ୟା କରି ଲୁଟୁଥିଲା

ନୂଆଦିଲ୍ଲୀ,୬ ।୭(ଏଜେନ୍ସି): ୨୪ ବର୍ଷର ତଲାଶି ପରେ ଜଣେ ସିରିଏଲ କିଲରକୁ ଗିରଫ କରାଯାଇଛି । ଅଜୟ ଲାମ୍ବା ନାମକ ଏହି ସିରିଏଲ କିଲରଙ୍କୁ ଦିଲ୍ଲୀ ପୁଲିସ କ୍ରାଇମ୍ ବ୍ରାଞ୍ଚ୍ ଗିରଫ କରିଛି । ସେ ୪ଟି ହତ୍ୟା ଓ ଡକାୟତି ମାମଲାରେ ଅଭିଯୁକ୍ତ ଥିଲେ ଓ ତାଙ୍କୁ ପୁଲିସ ଖୋଜୁଥିଲା । ପାଖାପାଖି ଅଢେଇ ଦଶନ୍ଧି ପରେ ଗିରଫ କରିବାରେ ପୁଲିସ ସଫଳ ହୋଇଛି । ଅଜୟ ଓ ତା'ର ସହଯୋଗୀଙ୍କ ଟ୍ୟାକ୍ସି ଭଡା କରି ଉତ୍ତରାଖଣ୍ଡ ଯାଉଥିଲେ । ସେଠାରେ ଚକ୍ରାନ୍ତ କରି ଟ୍ୟାକ୍ସି ଡ୍ରାଇଭରଙ୍କୁ ହତ୍ୟା କରି ଉତ୍ତରାଖଣ୍ଡର ପାହାଡୀ ଉପତ୍ୟାକାରେ ମୃତୁଦେହକୁ ଫୋପାଡି ଦେଉଥିଲେ । ଏହାପରେ ଟ୍ୟାକ୍ସି ତଥା କାରଗୁଡିକୁ ସୀମା ପାର କରି ପଡୋଶୀ ଦେଶ ନେପାଳରେ ବିକ୍ରି କରୁଥିଲେ । ୨୦୦୧ରେ ଦିଲ୍ଲୀ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡର କ୍ୟାବ ଡ୍ରାଇଭରମାନଙ୍କୁ ହତ୍ୟା କରିଥିଲେ ବୋଲି ଦିଲ୍ଲୀ ଡିସିପି ଆଦିତ୍ୟ ଗୌତମ କହିଛନ୍ତି । ଅଜୟ ଓ ତାର ସହଯୋଗୀ ଆହୁରି କେତୋଟି ହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି । ଏହି କ୍ରମରେ ତା'ର ଦୁଇଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରି ପଚରାଉଚରା କରୁଛି । ଦିଲ୍ଲୀ ନିବାସୀ ୪୮ ବର୍ଷୀୟ ଅଜୟ ଲାମ୍ବା ଷଷ୍ଠ ଶ୍ରେଣୀରୁ ପାଠ ପଢା ଛାଡିଥିଲେ । ଏହାପରେ ସେ ଉତ୍ତରପ୍ରଦେଶର ବରେଲି ଚାଲିଯାଇଥିଲେ । ସେଠାରେ ସେ ଧୀରେନ୍ଦ୍ର ଓ ଦିଲୀପ ନେଗୀଙ୍କ ସହ ସାଥି ହୋଇ ଅପରାଧ କରିବାକୁ ଷଡ଼ଯନ୍ତ୍ର କରୁଥିଲେ । ଅଜୟ ନାମରେ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ରଖିବାର ଅନ୍ୟ ଏକାଧିକ ମାମଲା ରହିଛି । ସେ ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ନେପାଳରେ ରହୁଥିଲା । ଏହାପରେ ସେ ପରିବାର ସହ ଡେରାଡୁନକୁ ଯାଇ ସେଠାରେ ବସବାସ କରୁଥିଲା । ସେଠାରେ ରହି ସେ ଓଡ଼ିଶାରୁ ଦେଶର ଅନ୍ୟ ରାଜ୍ୟଗୁଡିକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲା । ଗତବର୍ଷ ଓଡ଼ିଶାର ବ୍ରହ୍ମପୁରରେ ଏକ ଗହଣା ଦୋକାନ ଡକାୟତି ମାମଲାରେ ଗିରଫ ହୋଇଥିଲା ଓ ଜାମିନରେ ବାହାରିଥିଲା ବୋଲି ପୁଲିସ କହିଛି ।

## ଟେକ୍ସାସ୍‌ରେ ବନ୍ୟା; ମୃତ୍ୟୁସଂଖ୍ୟା ୫୧କୁ ବୃଦ୍ଧି

ୱାଶିଂଟନ,୬ ।୭(ଏଜେନ୍ସି): ଆମେରିକାର ଟେକ୍ସାସ ରାଜ୍ୟରେ କ୍ରମାଗତ ବର୍ଷା ହେବା ଫଳରେ ବନ୍ୟା ସ୍ଥିତି ଆହୁରି ଉତ୍କଟ ହୋଇଛି । ଅଚାନକ ଆସିଥିବା ଏହି ବନ୍ୟାରେ ଏପର୍ଯ୍ୟନ୍ତ ୫୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ବାଳିକାମାନଙ୍କର ଏକ ସମର କ୍ୟାମ୍ପ ମଧ୍ୟ ଏଥିରେ ବୁଡି ଯାଇଥିଲା । କ୍ୟାମ୍ପରୁ ୭୫୦ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଛି । କିନ୍ତୁ ୨୭ ଜଣ ବାଳିକା ନିଖୋଜ ଅଛନ୍ତି । ଟେକ୍ସାସର ସେନ ଆଣ୍ଟୋନିଓରେ ୧୫ ଇଞ୍ଚ୍ ବର୍ଷା ହେବା ପରେ ମାତ୍ର ୪୫ ମିନିଟ୍ ମଧ୍ୟରେ ଗୁଆଡାଲୁପ୍ ନଦୀରେ ୨୬ ଫିଟ୍ ଅର୍ଥାତ ୮ ମିଟର ଉଚ୍ଚର ବନ୍ୟା ଆସିଥିଲା । ଫଳରେ ଘର ଓ ଗାଡ଼ିଗୁଡିକ ଖେଳଣା ଭଳି ଭାସି ଯାଇଥିଲା । ଉଦ୍ଧାର କାର୍ଯ୍ୟରେ ୧୪ ହଲିକପ୍ଟର, ୧୨ଟି ଡ୍ରୋନକୁ ସାମିଲ କରାଯାଇଛି । ଏପର୍ଯ୍ୟନ୍ତ ମୋଟ୍ ୮୫୦ ଲୋକଙ୍କୁ ଉଦ୍ଧାର କରାଯାଇଛି ।

## ସରକାରୀ ଘର ଛାଡୁ ନାହାନ୍ତି ପୂର୍ବତନ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼

- କେନ୍ଦ୍ରକୁ ଚିଠି ଲେଖିଲା ସୁପ୍ରିମକୋର୍ଟ ପ୍ରଶାସନ
- ଏ ପର୍ଯ୍ୟନ୍ତ ୪ ବିଚାରପତିଙ୍କୁ ବଙ୍ଗଳା ମିଳି ପାରିନାହିଁ
- ବ୍ୟକ୍ତିଗତ କାରଣ ପାଇଁ ଖାଲି କରିନାହିଁ: ଜଷ୍ଟିସ ଚନ୍ଦ୍ରଚୂଡ଼

ନୂଆଦିଲ୍ଲୀ, ୬।୭ (ଏଜେନ୍ସି): ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏ ପର୍ଯ୍ୟନ୍ତ ନିଜ ସରକାରୀ ବଙ୍ଗଳା (କୃଷ୍ଣ ମେନନ ମାର୍ଗ, ୫) ଖାଲି କରିନାହାନ୍ତି । ଧାର୍ଯ୍ୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ ସେ ଏଠାରେ ରହିଲେଣି । ଏବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ସୁପ୍ରିମକୋର୍ଟ ପ୍ରଶାସନ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛି । ଖୁବ୍‌ଶୀଘ୍ର ପୂର୍ବତନ ସିଜେଆଇଙ୍କ ବଙ୍ଗଳା ଖାଲି କରି ହସ୍ତାନ୍ତର କରିବାକୁ କୁହାଯାଇଛି । ଏହା ପରେ ବଙ୍ଗଳାକୁ ‘ହାଉସିଂ ପୁଲ୍’ ରେ ସାମିଲ କରାଯିବ ।

ଏବେ ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ମିଶାଇ ୩୩ ବିଚାରପତି ଅଛନ୍ତି । ଏବେ ଜଣେ ବିଚାରପତିଙ୍କ ପଦ ଖାଲି ରହିଛି । କିନ୍ତୁ ଏ ପର୍ଯ୍ୟନ୍ତ ୪ ବିଚାରପତିଙ୍କୁ ସରକାରୀ ବଙ୍ଗଳା ମିଳିପାରି ନାହିଁ । ରିପୋର୍ଟ ଅନୁଯାୟୀ ତିନି ଜଣ ବିଚାରପତି ସୁପ୍ରିମକୋର୍ଟର ଟ୍ରାଞ୍ଜିଟ ଆପାର୍ଟମେଣ୍ଟରେ ଏବଂ ଜଣେ ବିଚାରପତି ରାଜ୍ୟ ଅତିଥି ଭବନରେ ରହୁଛନ୍ତି । ତେଣୁ ଯେତେ ଶୀଘ୍ର ସମ୍ଭବ କୋଠା ଫେରାଇବାକୁ ଦାବି କରାଯାଇଛି ।

ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ ଗତ ବର୍ଷ ନଭେମ୍ବର ୧୦ରେ ଅବସର ଗ୍ରହଣ କରିଥିଲେ । ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟରତ ପ୍ରଧାନ ବିଚାରପତିଙ୍କୁ ଅଷ୍ଟମ ଶ୍ରେଣୀର ବଙ୍ଗଳା ପ୍ରଦାନ କରାଯାଇଥାଏ । ସେ ଅବସର ନେଲା ପରେ ସପ୍ତମ ଶ୍ରେଣୀର ବଙ୍ଗଳାରେ ରହିପାରିବେ । ଏଥିପାଇଁ ୬ ମାସ ପର୍ଯ୍ୟନ୍ତ କୌଣସି ଭଡ଼ା ଦେବାକୁ ପଡ଼ିବ ନାହିଁ । କିନ୍ତୁ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ ଅବସରର ଆଠ ମାସ ପରେ ବି ବଙ୍ଗଳା ଖାଲି କରିନାହାନ୍ତି । ନିୟମ ଅନୁଯାୟୀ ସେ କେବଳ ୬ ମାସ ପର୍ଯ୍ୟନ୍ତ ଏହି ବଙ୍ଗଳାରେ ରହିପାରିବେ । ମାତ୍ର ଏହି ସମୟସୀମା ମେ' ୩୧ରୁ ଶେଷ ହେଲାଣି । ଏଥିଯୋଗୁଁ ତାଙ୍କର ଦୁଇ ଉତ୍ତରାଧିକାରୀ ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନା ଏବଂ ସିଜେଆଇ ବିଆର ଗଭାଇ କ୍ରିଷ୍ଣା ମେନନ ମାର୍ଗ ସ୍ଥିତ ବଙ୍ଗଳାକୁ ଯିବାକୁ ଉଚିତ ମଣିନାହାନ୍ତି । ସୁପ୍ରିମକୋର୍ଟ ପ୍ରଶାସନ ଗତ ୧ ତାରିଖରେ କେନ୍ଦ୍ର ଆବାସ ମନ୍ତ୍ରାଳୟକୁ ଏହି ଚିଠି ଲେଖିଥିଲା । ଏଥିରେ କୁହାଯାଇଥିଲା ଯେ ଏ ପର୍ଯ୍ୟନ୍ତ କୃଷ୍ଣ ମେନନ ସ୍ଥିତ ବଙ୍ଗଳା ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼ଙ୍କ କବ୍‌ଜାରେ ରହିଛି । ବିଳମ୍ବ ନ କରି ଏହାକୁ ଖାଲି କରାଯାଉ ।



ଘର ଖାଲି ନ କରିବାକୁ ନେଇ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି ଯେ ବ୍ୟକ୍ତିଗତ କାରଣ ପାଇଁ ଏପରି ହୋଇଛି । ସୁପ୍ରିମକୋର୍ଟ ପ୍ରଶାସନଙ୍କୁ ଏ ନେଇ ସୂଚନା ଦିଆଯାଇଥିଲା । ସରକାରୀ ବଙ୍ଗଳାରେ ଅଧିକ ସମୟ ପର୍ଯ୍ୟନ୍ତ ରହିବାକୁ ଚାହୁଁ ନ ଥିଲି । କିନ୍ତୁ ଝିଅଙ୍କ ଆବଶ୍ୟକତା ଲାଗି ସ୍ୱତନ୍ତ୍ର ସୁବିଧା ଥିବା ଘର ଜରୁରୀ । ଫେବୃଆରୀ ମାସଠାରୁ ଘର ଖୋଜୁଛି । ସର୍ଭିସ ଆପାର୍ଟମେଣ୍ଟ ଏବଂ ହୋଟେଲ ବି ଦେଖୁଛି, କିନ୍ତୁ ସେଠାକୁ ଯାଇପାରି ନାହିଁ । ଏପ୍ରିଲ ୨୮ରେ ଏ ନେଇ ପୂର୍ବତନ ସିଜେଆଇ ଖାନ୍ନାଙ୍କୁ ଚିଠି ଲେଖି ସୂଚନା ଦେଇଥିଲି । ଜୁନ୍ ୩୦ ପର୍ଯ୍ୟନ୍ତ ରହିବାକୁ ଅନୁମତି ମାଗିଥିଲି । ମାତ୍ର କୌଣସି ଜବାବ ମିଳି ନ ଥିଲା । ଏ ନେଇ ସିଜେଆଇ ଗଭାଇଙ୍କ ସହ ମଧ୍ୟ କଥା ହୋଇଛି । ଖୁବଶୀଘ୍ର ବଙ୍ଗଳା ଛାଡିଦେବି ବୋଲି କହିଛି ।

● ବ୍ରିକ୍ସରେ ମୋଦୀ

## ବିଶ୍ୱକୁ ନୂଆ ବ୍ୟବସ୍ଥା ଆବଶ୍ୟକ

ରିଓଡି ଜାନେରିଓ, ୬ ।୭(ଏଜେନ୍ସି): ବ୍ରାଜିଲର ରିଓ ଡି ଜାନେରିଓରେ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଯୋଗ ଦେଇ ବର୍ତ୍ତମାନ ବିଶ୍ୱକୁ ଏକ ନୂଆ ବ୍ୟବସ୍ଥାର ଆବଶ୍ୟକତା ରହିଛି କହିଛନ୍ତି । ବିଂଶ ଶତାବ୍ଦୀରେ ଗଠନ କରାଯାଇଥିବା ବିଭିନ୍ନ ସଂସ୍ଥା ଏକବିଂଶ ଶତାବ୍ଦୀର ସମସ୍ୟା ଓ ଚ୍ୟାଲେଞ୍ଜଗୁଡ଼ିକୁ ପ୍ରତିହତ କରିବାରେ ଅକ୍ଷମ । ଏଆଇ ଯୁଗରେ ପ୍ରତି ମୁହୂର୍ତ୍ତରେ ଜ୍ଞାନକୌଶଳରେ ପରିବର୍ତ୍ତନ ହେଉଛି । କିନ୍ତୁ ୮୦ ବର୍ଷ ତଳେ ଗଠନ ହୋଇଥିବା ସଂସ୍ଥା ଗୁଡିକରେ କୌଣସି ପରିବର୍ତ୍ତନ ହୋଇନାହିଁ । ଅନ୍ୟପକ୍ଷରେ ପ୍ରଥମଥର ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଏହି ସମ୍ମିଳନୀରେ ଯୋଗ ଦେଇନାହାନ୍ତି ।

## ଦାନା ପାଇଁ ଟଙ୍କା ନାହିଁ କାନ୍ଧରେ ଲଙ୍ଗଳ ଟାଣିଲେ ବୃଦ୍ଧ, କଣ୍ଟି ଧରିଲେ ପତ୍ନୀ



ମୁମ୍ବାଇ, ୬।୭ (ଏଜେନ୍ସି): ପାଖରେ ଟଙ୍କା ନାହିଁ । ଖାଇବାକୁ ଦାନା ନାହିଁ । ହାତ ଥରୁଛି । ଓଜନ ଆଗରେ ପାଦ ନଇଁ ଯାଉଛି । ଖଟି ଖଟି ବେକ ଥକି ଗଲାଣି । ତଥାପି ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡୁଛି । ଟଙ୍କା ଅଭାବରୁ ବଳଦ କିଣିପାରୁ ନାହାନ୍ତି । ଭଡ଼ାରେ ଟ୍ରାକ୍ଟର କିମ୍ବା ଶ୍ରମିକ ଆଣିବାକୁ ମଧ୍ୟ ଅର୍ଥ ନାହିଁ । ଦିନକୁ ଦି ଓଳା ଖାଇବା ପାଇଁ ବୃଦ୍ଧ ଦମ୍ପତି ବିଲରେ ଖଟୁଛନ୍ତି । ୭୫ ବର୍ଷୀୟ ସ୍ୱାମୀ କାନ୍ଧରେ ଲଙ୍ଗଳ ଭିଡୁଥିବାବେଳେ ସ୍ତ୍ରୀ କଣ୍ଟି ଧରୁଛନ୍ତି । ଜୀବନର ଅପରାହ୍ଣରେ ଗରିବ ଚାଷୀ ଅମ୍ବାଦାସ ପାୱାର ଏବଂ ତାଙ୍କ ପତ୍ନୀ ମୁକ୍ତାବାଇଙ୍କ ଏହି କଠୋର ପରିଶ୍ରମର କରୁଣ ଦୃଶ୍ୟ ଖୁବ୍ ଭାଇରାଲ ହେବାରେ ଲାଗିଛି । ମହାରାଷ୍ଟ୍ର ଲାତୁର ଅନ୍ତର୍ଗତ ହାଦୋଲତି ଗ୍ରାମର ଏହି ଦମ୍ପତିଙ୍କ ଭିଡିଓ ସରକାରୀ ଯୋଜନା ଉପରେ ପ୍ରଶ୍ନ ଉଠାଇଛି ।

ଜୀବନ ଆମ ପାଇଁ କୌଣସି ବିକଳ୍ପ ଦେଇ ନାହିଁ ବୋଲି ଅମ୍ବାଦାସ କ୍ଷୋଭର ସହ କହିଛନ୍ତି । ଏହି ଦମ୍ପତି କହିଛନ୍ତି ଯେ ପୁଅ ଶ୍ରମିକ ଭାବେ କାମ କରୁଛି । ତା ରୋଜଗାର ୬ ଜଣିଆ ପରିବାର ଚଳାଇବା ପାଇଁ ଯଥେଷ୍ଟ ହେଉନାହିଁ । ଗତ କିଛି ବର୍ଷ ହେଲା ବର୍ଷାରେ ମଧ୍ୟ ଫସଲ ନଷ୍ଟ ହୋଇଯାଉଛି । ଏଥିପାଇଁ କ୍ଷତି ହେଉଛି । ତଥାପି ପେଟ ପାଟଣା ଲାଗି ଫସଲ କରିବାକୁ ବାଧ୍ୟ ହେଉଛୁ । କରୋନା ସମୟରେ ସ୍ଥିତି ପୂରା ଦୋହଲି ଯାଇଥିଲା । ଏଥିପାଇଁ ଋଣ କରିବାକୁ ପଡ଼ିଥିଲା । ଫସଲ ଭଲ ନ ହେବାରୁ ଏହାକୁ ସେ ସୁଝି ପାରୁ ନାହାନ୍ତି । ପ୍ରତି ବର୍ଷ ଫସଲ ନଷ୍ଟ ହେବା ସତ୍ତ୍ୱେ ଆଶା ରଖି ନିଜର ୨.୫ ଏକର ଜମିରେ ଚାଷ କରୁଛନ୍ତି । ଏହି ଭିଡିଓ ଭାଇରାଲ ହେବା ପରେ ରାଷ୍ଟ୍ରମନ୍ତ୍ରୀ ବାଲାସାହେବ ପାଟିଲ ଶନିବାର ତାଙ୍କ ଋଣ (୪୨, ୫୦୦ ଟଙ୍କା) ଛାଡ଼ କରିଦେଇଛନ୍ତି । ସମବାୟ ସମିତିକୁ ଋଣ ପରିଶୋଧ ପ୍ରମାଣପତ୍ର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ସରକାରୀ ଯୋଜନାରେ ତାଙ୍କୁ ସାମିଲ କରିବାକୁ ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହୋଇପାରେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ।

**ବୃଷ:** କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିପାରନ୍ତି। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ବନ୍ଧୁ ଆର୍ଥିକ ସହାୟତା ଲୋଡ଼ିବେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ଚାକିରିଆଙ୍କୁ ଶୁଭ ଖବର ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇପାରନ୍ତି। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। କୋର୍ଟ କଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିପାରିବେ ନାହିଁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସଙ୍ଗୀତପ୍ରତି ରୁଚି ବଢ଼ିବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଇତିହାସ

- ୧୬୫୬- ଅଷ୍ଟମ ଶିଖ୍ ଗୁରୁ ହରକିଶନ୍‌ଙ୍କ ଜନ୍ମ।
- ୧୭୯୯- ମହାରାଜା ରଣଜିତ୍ ସିଂହ ଲାହୋର ଉପରେ କବ୍‌ଜା କଲେ।
- ୧୯୧୬- ନ୍ୟୁଜିଲ୍ୟାଣ୍ଡରେ ଲେବର ପାର୍ଟିର ଗଠନ।
- ୧୯୭୮- ସୋଲୋମୋନ ଦ୍ୱୀପ ସଂଯୁକ୍ତ ରାଷ୍ଟ୍ରରୁ ସ୍ୱାଧୀନ ହେଲା।
- ୧୯୮୦- ଇରାନ୍‌ରେ ସିରିଆ ଆଇନ ଲାଗୁ ହେଲା।
- ୨୦୧୨- ରୁଷ୍‌ରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ଯୋଗୁଁ ୧୪୦ ଲୋକ ମୃତ।

# ମଣିଷର ଭାଷା ବୁଝିପାରେ କି ଏଆଇ



ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ'ଣ ସତରେ ମଣିଷଙ୍କ ଭାଷା, ଭାବନା ଏବଂ ଶବ୍ଦ ପଛରେ ଥିବା ଅର୍ଥକୁ ବୁଝିପାରେ ? ଏ ସଂକ୍ରାନ୍ତରେ ସ୍ନାୟୁ ବିଜ୍ଞାନୀ ବୀଣା ଡି. ଦ୍ୱିବେଦୀ ମତ ରଖିଛନ୍ତି। ସେ କହିଛନ୍ତି, ଏଆଇ ଯେତେ ବିକଶିତ ହେଲେ ବି ମଣିଷ ଭଳି ଭାଷାକୁ ଗଭୀରରୁ ବୁଝିବାକୁ ସକ୍ଷମ ନୁହେଁ। ସେହିପରି ନୋବେଲ ବିଜେତା ତଥା ଏଆଇ ଗଡ୍‌ଫାଦର୍ ଜେଫ୍ରି ହିଣ୍ଟନଙ୍କ କହିବା କଥା, 'ନ୍ୟୁରଲ ନେଟୱର୍କ ଏତେ ପ୍ରଗତି କରିସାରିଲାଣି, ଏହା ଭାଷାର ପାଟର୍ଣ୍ଣକୁ ବୁଝିବା ଲାଗି ସକ୍ଷମ। ଏପରିକି ଏଆଇ ଏବେ କ'ଣ କହୁଛି, ସେକଥା ମଧ୍ୟ ଜାଣିପାରୁଛି। ତେବେ ଠିକ୍ ଉତ୍ତର ଦେବା ଏବଂ ଆକର୍ଷଣୀୟ ବାକ୍ୟ ଗଠନ କରିବାକୁ କ'ଣ ବୁଦ୍ଧିମତା କୁହାଯିବ। ମଣିଷ ଭାଷାକୁ କେବଳ ଶବ୍ଦରେ ନୁହେଁ, ବରଂ ଭାବନା, ଅଙ୍ଗଭଙ୍ଗୀ ଏବଂ ସନ୍ଦର୍ଭରୁ ବି ବୁଝିଥାଏ। ଏଆଇ ହେଉଛି ଏହାର ବିପରୀତ। ଏଆଇ କେବଳ ଡାଟା ପ୍ୟାଟର୍ଣ୍ଣ ଉପରେ କାମ କରେ। ଏଆଇର ନା ଭାବନା ଥାଏ ନା ବ୍ୟକ୍ତିଗତ ଅନୁଭବ।' ବୀଣା କହନ୍ତି, 'କେବଳ ଲିଖିତ ଶବ୍ଦକୁ ଭାଷା ବୋଲି ବିବେଚନା କରିବା ହେଉଛି ସବୁଠୁ ବଡ଼ ଭୁଲ। ଉଦାହରଣ ସ୍ୱରୂପ ହିନ୍ଦୀ ଓ ଉର୍ଦ୍ଦୁ କହିବାର ଶୈଳୀ ଏକାପରି ଲାଗିଲେ ବି ଏହାର ଲିପି ଅଲଗା। ଏଆଇ ପାଇଁ ଭାଷା କେବଳ ଏକ ଟେକ୍ସଟ୍ ଡାଟା ହୋଇଥିବାବେଳେ ମଣିଷ ଭାଷାକୁ ନେଇ ବଞ୍ଚେ।' ସେହିପରି ମହାନ ଭାଷାବିଦ୍ ନୋଆମ ଚମସ୍କି କହିଥିଲେ, 'ମଣିଷ ପାଖରେ ଭାଷା ଶିଖିବାର ଜନ୍ମଜାତ କ୍ଷମତା ଅଛି। ଏହା ହେଉଛି ଏମିତି ଏକ ମାନସିକ ଶକ୍ତି, ଯାହାକୁ ବିଜ୍ଞାନ ସମ୍ପୂର୍ଣ୍ଣ ବୁଝିପାରି ନାହିଁ। ଅନ୍ୟପକ୍ଷରେ ଏଆଇର ନ୍ୟୁରଲ ନେଟୱାର୍କ କେବଳ ଗଣନା ଏବଂ ଆଲଗରଦିମ୍‌ର ଏକ ମାୟାଜାଲ। ଏଥିରେ ବୁଝିବାର ଶକ୍ତି କିମ୍ବା ଅନୁଭବ କରିବାର କ୍ଷମତା ନାହିଁ।' ଏଥିରୁ ନିଷ୍କର୍ସ ଏୟା ବାହାରିଲା ଯେ, ଏଆଇ ଅନେକ କିଛି କହୁଥିଲେ ସୁଦ୍ଧା ମଣିଷର ଭାଷାକୁ ସମ୍ପୂର୍ଣ୍ଣ ଭାବେ ବୁଝିପାରେ ନାହିଁ। ଏଆଇ ମଣିଷର ଶବ୍ଦ ପଛର ଭାବ, ସନ୍ଦର୍ଭ, ଜଟିଳ ମାନବୀୟ ଅନୁଭବଠାରୁ ଏବେ ଅନେକ ଦୂରରେ ରହିଛି। ମଣିଷର ଭାଷା କେବଳ ଶବ୍ଦର ଖେଳ ନୁହେଁ, ଏହା ସମ୍ବେଦନା, ସଂସ୍କୃତି, ଅନୁଭବର ଏକ ଜଟିଳ ମିଶ୍ରଣ। ଯାହାକୁ ବୁଝିବା ପାଇଁ ଏଆଇକୁ ଆହୁରି ଦୀର୍ଘ ପଥ ଅତିକ୍ରମ କରିବାକୁ ହେବ।

# 'ଦ ରାଜା ସାବ୍'ରେ କରିନା



ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍ ଅନେକ ଦିନରୁ ସାଉଥ୍ ଇଣ୍ଡଷ୍ଟ୍ରୀରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଛି। ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍'ରେ କରିନା, ପ୍ରଭାସଙ୍କ ବିପକ୍ଷରେ ଦେଖାଯିବେ ବୋଲି ପୂର୍ବରୁ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଶେଷରେ ଏଥିରେ ତ୍ରିପ୍ତି ଦିମ୍‌ରିଙ୍କୁ ଫାଇନାଲ କରାଯାଇଥିଲା। ଏବେ 'ଦ ରାଜା ସାବ୍' ଫିଲ୍ମରେ କରିନା ନଜର ଆସିବେ ବୋଲି ଜଣାପଡ଼ିଛି। ତେବେ ସେ ଏଥିରେ ଲିଡ୍ ରୋଲରେ ନଜର ଆସିବେ ନାହିଁ। ଏଥିରେ କେବଳ ତାଙ୍କର ଏକ ଆଇଟମ୍ ନମ୍ବର ରହିଛି। ଏଥିପାଇଁ କରିନାଙ୍କୁ ବେଶ୍ ମୋଟା ଅଙ୍କର ଅର୍ଥ ମିଳିଥିବା ଚର୍ଚ୍ଚା ହେଉଛି। ମାରୁତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଭାସଙ୍କ ସହ ତିନି ଜଣ ଅଭିନେତ୍ରୀ( ମାଳବିକା ମୋହନନ୍, ନିଦ୍ଧି ଅଗ୍ରୱାଲ ଓ ରିଦ୍ଧି କୁମାର) ନଜର ଆସିବେ। ଏହା ୫ ଡିସେମ୍ବର, ୨୦୨୫ରେ ମୁକ୍ତିଲାଭ କରିବ। ତେବେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ାଇବା ପାଇଁ କରିନାଙ୍କର ଏହି ଡ୍ୟାନ୍ସ ନମ୍ବର ରଖାଯାଇଥିବା କୁହାଯାଉଛି। ଏଥିରେ ନୟନତାରାଙ୍କର ମଧ୍ୟ ଏକ ଡ୍ୟାନ୍ସ ନମ୍ବର ରହିଛି।

# କାଚ ବୋତଲରେ ମାଇକ୍ରୋପ୍ଲାଷ୍ଟିକ୍ ଅଧିକ

ପ୍ଲାଷ୍ଟିକ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ସମସ୍ତେ ଜାଣନ୍ତି। ତେଣୁ ଏବେ ସୁଦ୍ଧା କାଚ ବୋତଲକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ବୋଲି କୁହାଯାଉଥିଲା। ହେଲେ ଏଭଳି ଭାବିବା ଭୁଲ। କାଚ ବୋତଲରେ ବିକ୍ରି ହେଉଥିବା ଲେମ୍ବୁ ପାଣି, ସୋଡ଼ା ଆଦି ଅନ୍ୟ ପାନୀୟରେ ମାଇକ୍ରୋପ୍ଲାଷ୍ଟିକ୍‌ର ମାତ୍ରା ପ୍ଲାଷ୍ଟିକ୍ ବୋତଲ ତୁଳନାରେ ଅଧିକ ଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଫ୍ରାନ୍ସର ଖାଦ୍ୟ ସୁରକ୍ଷା ଏଜେନ୍ସି ଆନ୍ସେସ୍‌ର



ଅଧ୍ୟୟନକାରୀମାନେ କରିଥିବା ଅଧ୍ୟୟନରୁ ଏଭଳି କିଛି ଜାଣିବାକୁ ପାଇଛନ୍ତି। ତେବେ ସେମାନଙ୍କର ଆଶା ଥିଲା ଯେ, ପ୍ଲାଷ୍ଟିକ୍ ବୋତଲ ତୁଳନାରେ କାଚ ବୋତଲ ଅପେକ୍ଷାକୃତ ସୁରକ୍ଷିତ ରହିବ। ହେଲେ ସେମାନଙ୍କୁ ଏହାର ଓଲଟା ପରିଣାମ ଦେଖିବାକୁ ମିଳିଲା। ତେବେ କାଚ ବୋତଲ ଠିପିରେ ଲାଗିଥିବା ରଙ୍ଗ ଏହା ଲାଗି ଦାୟୀ ବୋଲି କୁହାଯାଉଛି। କାରଣ ବୋତଲ ଠିପିରେ ଲାଗିଥିବା ପ୍ଲାଷ୍ଟିକ୍‌ର ଏହି କଣିକା ପାନୀୟ ପଦାର୍ଥରେ ମିଶିଯାଏ। ଏହିପ୍ରକାରେ ପାନୀୟ ପଦାର୍ଥ ମାଧ୍ୟମରେ ଶରୀରକୁ ମାଇକ୍ରୋପ୍ଲାଷ୍ଟିକ୍ ଯାଏ। ଗବେଷଣାନୁସାରେ, କୋଲ୍ଡ୍‌ଡ୍ରିଙ୍କସ୍, ଲେମ୍ବୁ ପାଣି, ବିୟର କାଚ ବୋତଲରେ ପ୍ରତି ଲିଟରରେ ପ୍ରାୟ ୧୦୦ ମାଇକ୍ରୋପ୍ଲାଷ୍ଟିକ୍ କଣିକା ଅଛି। ଯାହାକି ପ୍ଲାଷ୍ଟିକ୍ କିମ୍ବା ଧାତୁ କଣ୍ଟେନର ତୁଳନାରେ ୫୦ ଗୁଣ ଅଧିକ। ସେହିପରି ସମସ୍ତ ବୋତଲ ତୁଳନାରେ ବିୟର ବୋତଲରେ ଅଧିକ ମାଇକ୍ରୋପ୍ଲାଷ୍ଟିକ୍ ଥିବା ଜଣାପଡ଼ିଛି। ଏଥିରେ ପ୍ରତି ଲିଟର ପିଛା ପ୍ରାୟ ୬୦ ପ୍ଲାଷ୍ଟିକ୍ କଣିକା ଥିଲା। ଏହାପରେ ଲେମ୍ବୁ ପାଣିରେ ପ୍ରାୟ ୪୦ ପ୍ରତିଶତ ପ୍ଲାଷ୍ଟିକ୍ କଣିକା ଥିଲା। ମଦକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପାନୀୟ ପାଇଁ ଅନ୍ୟ ପ୍ୟାକେଜିଂ ତୁଳନାରେ କାଚ କଣ୍ଟେନର୍ ଅଧିକ ଦୂଷିତ ଥିଲା। ଅନ୍ୟପକ୍ଷରେ ଏହି ଅଧ୍ୟୟନର ରିପୋର୍ଟ 'ଜର୍ଣ୍ଣାଲ ଅଫ୍ ଫୁଡ୍ କମ୍ପୋଜିସନ ଏବଂ ଆନାଲିସ୍'ରେ ପ୍ରକାଶିତ।



# ଅଧରପଣା

**ଆଜି ତିନି ରଥ ଉପରେ ଅଧରପଣା ନୀତି ସମ୍ପନ୍ନ ହେବ। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ରଥ ଉପରେ ଅନୁଷ୍ଠିତ ଅଧରପଣା ହେଉଛି ସର୍ବବୃହତ୍ ପଣାଭୋଗ। ରଥରେ ଥିବା ପାର୍ଶ୍ୱଦେବ ଦେବୀ, ଚଣ୍ଡିଚାମୁଣ୍ଡା, ଅଶରୀରୀମାନଙ୍କୁ ତୃପ୍ତ କରିବା ପାଇଁ ଏହି ନୀତି ପାଳନ କରାଯାଏ।**

ଅଧରପଣା ନୀତି ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏବଂ ସନ୍ଧ୍ୟା ଆଳତି ପୂର୍ବରୁ ଅନୁଷ୍ଠିତ ହୋଇଥାଏ। ଏହା ଲାଗି ସ୍ୱତନ୍ତ୍ର ଅଧରହାଣ୍ଡି ତିଆରି କରାଯାଏ। ଶ୍ରୀବିଗ୍ରହମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉ ତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ମାଟିହାଣ୍ଡିରେ ପଣାକୁ ରଥ ଉପରେ ରଖାଯାଏ। ପ୍ରତି ରଥରେ ତିନି ହାଣ୍ଡି ହିସାବରେ ମୋଟ ୯ଟି ହାଣ୍ଡି ଅଧରପଣା ଭୋଗ କରାଯାଇ ଥାଏ। ପୂଜାପଣ୍ଡା ସେବକମାନେ ପଞ୍ଚୋପଚାର ପଦ୍ଧତିରେ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରାଯାଏ। ଭୋଗ ହେବା ପରେ ପଣା ଥିବା ହାଣ୍ଡି ଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହାକୁ ରଥରେ ଥିବା ପାର୍ଶ୍ୱ ଦେବଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନଙ୍କୁ ତୃପ୍ତ କରିବା ଲାଗି ଏହି ହାଣ୍ଡି ରଥ ଉପରେ ଭଙ୍ଗା ଯିବାର ବିଧି ଅଛି। ପଣା ହାଣ୍ଡି ଭାଙ୍ଗିଲେ ଏହା ରଥ ତଳକୁ ବୋହିଯାଏ। ଏହି ପଣାକୁ କ୍ଷୀର, ସର, ଛେନା, କର୍ପୂର, ନବାତ, ଗୋଲମରିଚ, ଅଳେଇଚ ଏବଂ ପାଚିଲା କଦଳୀ ଆଦିରେ ପ୍ରସ୍ତୁତ କରାଯାଏ। ଦୁଇଟି ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ନୀତି ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଏ।

# ନୀଳାଦ୍ରି ବିଜେ

**ରଥଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରି ବିଜେ। ଏହିଦିନ ତିନି ଠାକୁର ରତ୍ନ ସିଂହାସନରେ ବିଜେ କରନ୍ତି। ତେବେ ଅଧରପଣା ପରଦିନ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ 'ନୀଳଦ୍ରି ବିଜେ' ବା 'ନୀଳାଦ୍ରି ବିଜୟ' କୁହାଯାଏ। ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ଶ୍ରୀବିଗ୍ରହମାନେ ନିଳାଦ୍ରି ବିଜେ କରନ୍ତି। ଏହିଦିନ ମହାପ୍ରଭୁଙ୍କ ପାଖରେ ରସଗୋଲା ଭୋଗ ଲାଗି କରାଯାଏ।**


ଗୋଟି ପହଣ୍ଡିରେ ବିଜେ କରନ୍ତି: ଏହିଦିନ ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହା ପରେ ବିଜେ କାହାଳୀ ବାଜେ। ତା'ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ତେବେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଏ। ଏହା ପରେ ଗୋଟି ପହଣ୍ଡିରେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରତ୍ନସିଂହାସନକୁ ବିଜେ କରନ୍ତି। ଏହି ସମୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟି, ଶଙ୍ଖ ନାଦରେ ସିଂହଦ୍ୱାର ପ୍ରକମ୍ପିତ ହୁଏ।

**ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ ବଚନିକା:** ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀଙ୍କ ଭେଟ ହୁଏ। ପରମ୍ପରା ଅନୁସାରେ, ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ହୋଇଥାଏ। ତା'ସହ ଏହା କିଛି କ୍ଷଣ ପରେ ଖୋଲି ଯାଏ। ପୁଣି ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଆଉ ଥରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଏ। ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଳି ହୋଇଥାଏ। ଶ୍ରୀଜଗନ୍ନାଥ ବଡ଼ ଭାଇ ଓ ସାନ ଭଉଣୀଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯାତ୍ରା କରିଥିଲେ। ସାଙ୍ଗରେ ଲକ୍ଷ୍ମୀ ମା' ଯାଇ ନ ଥିବାରୁ ସେ ଅଭିମାନ କରିଥିଲେ। ତେଣୁ ମହାପ୍ରଭୁ ଲକ୍ଷ୍ମୀ ମା'ଙ୍କ ମାନଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ସହଚର ଓ ମା' ଲକ୍ଷ୍ମୀଠାକୁରାଣୀଙ୍କ ସହଚରୀଙ୍କ ମଧ୍ୟରେ ଲୋକ ପାରମ୍ପରିକ ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲେ।



**ରସଗୋଲାରେ ମାନ ଭଞ୍ଜନ:** ନୀଳାଦ୍ରି ବିଜେର ଅନ୍ୟତମ ବିଶେଷତ୍ୱ ହେଲା ରସଗୋଲା ଭୋଗ। ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଦାମ୍ପତ୍ୟ ଭାବନାର ଏହା ଅନନ୍ୟ ନିଦର୍ଶନ। ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରି ବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଅନ୍ୟପଟେ ଏହିଦିନକୁ ରସଗୋଲା ଦିବସ ଭାବେ ମଧ୍ୟ ପାଳନ କରାଯାଏ।

## ସ୍ୱସ୍ତି



# ହରିଶୟନ ଏକାଦଶୀରୁ ମାଙ୍ଗଳିକ କାର୍ଯ୍ୟ ମନା



ଆଷାଢ଼ ଶୁକ୍ଳ ଏକାଦଶୀରୁ ଆରମ୍ଭ ହୋଇଛି 'ଦେବଶୟନ' ବା 'ହରିଶୟନ' ଏକାଦଶୀ। ଏହି ଦିନରୁ ଭଗବାନ ବିଷ୍ଣୁ ଚାରି ମାସ ପର୍ଯ୍ୟନ୍ତ ଯୋଗନିଦ୍ରାକୁ ଯାଆନ୍ତି। ତେଣୁ ଏହି ସମୟ ମଧ୍ୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ କରାଯାଇ ନ ଥାଏ। ସେହିପରି ଏହିଦିନରୁ ଚତୁର୍ମାସ ପ୍ରାରମ୍ଭ ହୋଇଥାଏ। ଏହା ଚାରିମାସ ଧରି ବଳବତ୍ତର ରହିବ।

ଏହି ସମୟ ମଧ୍ୟରେ ବିବାହ, ମୁଣ୍ଡନ, ଗୃହପ୍ରବେଶ ଭଳି କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ନାହିଁ। କାର୍ତ୍ତିକ ଶୁକ୍ଳ ଦେବୋତ୍‌ଥାପନ ଏକାଦଶୀ ପରେ ସବୁପ୍ରକାର ଶୁଭକାର୍ଯ୍ୟ ଆରମ୍ଭ ହୋଇଥାଏ। ଅନ୍ୟପଟେ ଚତୁର୍ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାକୁ ଯାଉଥିବାରୁ ଭଗବାନ ଶିବଙ୍କ ପୂଜା ଏହି ମାସଯାକ ଗୁରୁତ୍ୱ ବହନ କରେ। ଶ୍ରାବଣ ମାସରେ ଭଗବାନ ଶିବଙ୍କ ବିଧିବିଧାନ ପୂର୍ବକ ପୂଜାର୍ଚ୍ଚନା କରିବା ଦ୍ୱାରା ସମସ୍ତ ଦୁଃଖ ଓ କଷ୍ଟ ଦୂର ହୋଇଥାଏ। ଏହି ସମୟରେ ଚତୁର୍ମାସ ବ୍ରତ କରିବା ପାଇଁ ସନାତନ ଶାସ୍ତ୍ରରେ ଉଲ୍ଲେଖ ରହିଛି।

## ଭଅଣ୍ଡ

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି 'ଭଅଣ୍ଡ'। ଭୋଗ ମଣ୍ଡପରେ ଠାକୁରମାନଙ୍କୁ ଅର୍ପଣ କରାଯାଉଥିବା ଭୋଗ ସାମଗ୍ରୀ ଓ ସେଥି ନିମନ୍ତେ ଅନୁଷ୍ଠିତ ଧୂପକୁ ଭଅଣ୍ଡ କୁହାଯାଏ। ଠାକୁରଙ୍କ କୋଠଭୋଗ ଏହି ଭୋଗ ମଣ୍ଡପରେ ବଢ଼ା ଯାଇ ଅର୍ପଣ କରାଯାଏ। ସେହିପରି ଅଧିକ ଗହଳି ହେଲେ ଅଧିକ ଭୋଗ ରଖାଯାଏ। ଏହାକୁ ଅତିରିକ୍ତ ଭୋଗ ଭାବେ ଭୋଗ ମଣ୍ଡପରେ ଅବସ୍ଥାପିତ କରାଯାଇ ଠାକୁରଙ୍କୁ ଭୋଗ ଲାଗି କରାଯାଏ। ଏହା ଭଅଣ୍ଡ ନାମରେ ଜଣାଶୁଣା।

### ଗିଲ୍‌ଙ୍କ ରେକର୍ଡ ରନ୍; ଆକାଶଦୀପ ଓ ସିରାଜଙ୍କ ଘାତକ ବୋଲିଂ

# ଏଜ୍‌ବାଷ୍ଟନରେ ଭାରତର ସ୍ମରଣୀୟ ବିଜୟ

ଏଜ୍‌ବାଷ୍ଟନ,୬।୭ (ଏଜେନ୍ସି)



ଅଧିନାୟକ ଶୁବମନ ଗିଲ୍ (୨୬୯ ଓ ୧୬୧)ଙ୍କ ଦମ୍‌ଦାର ବ୍ୟାଟିଂ, ଆକାଶଦୀପ (୯ ୱିକେଟ) ଓ ମହମ୍ମଦ୍ ସିରାଜ (୭ୱିକେଟ)ଙ୍କ ଘାତକ ବୋଲିଂ ବଳରେ ଭାରତ ୩୩୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ଦଳ ଏହି ଭେନ୍ୟୁରେ ୯ମ ମୁକାବିଲାରୁ ଓ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ପ୍ରଥମ ବିଜୟ ହାସଲ କରିଛି। ପ୍ରଥମ ଟେଷ୍ଟରେ ପରାଜିତ ହୋଇଥିବା ଭାରତ ଏଠାରେ ମ୍ୟାଚ୍ ଜିତିବା ଫଳରେ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଜବରଦସ୍ତ ବ୍ୟାଟିଂ କରି ୪୩୦ ରନ୍ କରିଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହା ପରେ ଚଳିତ ସିରିଜ୍‌ର ତୃତୀୟ ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ ୧୪ ତାରିଖଯାଏ ଖେଳାଯିବ।

ଏହି ମ୍ୟାଚ୍‌ରେ ବ୍ୟାଟରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ପ୍ରଥମ ଇନିଂସରେ ୧୮୦ ରନ୍‌ରେ ଆଗୁଆ ରହିବା ପରେ ୬ ୱିକେଟରେ ୪୨୭ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଏହା ଫଳରେ ଭାରତ ଘରୋଇ ଇଂଲଣ୍ଡ ଆଗରେ ୬୦୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ବିଜୟ ଲକ୍ଷ୍ୟକୁ ପିଛା କରି ମ୍ୟାଚ୍‌ର ପଞ୍ଚମ ତଥା ଶେଷ ଦିନ ଖେଳରେ ୨୭୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜେମି ସ୍ମିଥ୍ ସର୍ବାଧିକ ୮୮, ବ୍ରାଇଡନ କାର୍ସ ୩୮, ବେନ୍ ଷ୍ଟୋକ୍ସ ୩୩, ବେନ୍ ଡକେଟ ୨୫, ଓଲି ପୋପ୍ ୨୪, ହ୍ୟାରୀ ବ୍ରୁକ୍ ୨୩ ଓ ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ମାତ୍ର ୬ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ଖେଳୁଥିବା ଆକାଶଦୀପ ସର୍ବାଧିକ ୬ଟି ୱିକେଟ ପାଇଥିଲେ।

ପୂର୍ବରୁ ୫ମ ତଥା ଶେଷ ଦିନ ଖେଳ ଆରମ୍ଭ ପୂର୍ବରୁ ଏଠାରେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଓ ଓଦା ପଡ଼ିଆ ଯୋଗୁ ଖେଳ ୧୦୦ ମିନିଟ୍ ବନ୍ଦ ରହିଥିଲା। ଫଳରେ ଆଜି ଖେଳାଯିବାକୁ ଥିବା ୯୦ ଓଭରରୁ ୧୦ ଓଭର କାଟିଦିଆଯାଇଥିଲା। ଖେଳ ଆରମ୍ଭ ହେବାର ଅଳ୍ପ ସମୟ ମଧ୍ୟରେ ଗତକାଲିର ଦୁଇ ଅପରାଜିତ ବ୍ୟାଟର ଓଲି ପୋପ୍ (୨୪) ଓ ହ୍ୟାରୀ ବ୍ରୁକ୍ (୨୩)ଙ୍କୁ ଭାରତୀୟ ଫାଷ୍ଟ ବୋଲର ଆକାଶଦୀପ ଚମତ୍କାର ବୋଲିଂ କରି ଆଉଟ କରିଥିଲେ। ୮୩ ରନ୍‌ରେ ୫ମ ୱିକେଟ ଅକ୍ତିଆର କରିବା ପରେ ଭାରତୀୟ ବୋଲର ଉତ୍ସାହିତ ହୋଇଥିଲେ। କିନ୍ତୁ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ପ୍ରଥମ ଇନିଂସ ହିରୋ ଜେମି ସ୍ମିଥ୍ ଧୈର୍ଯ୍ୟର ସହ ମୁକାବିଲା କରିଥିଲେ। ଲଞ୍ଚ୍ ପୂର୍ବରୁ ବ୍ୟାକ୍ତିଗତଭାବେ ମାତ୍ର ଦ୍ୱିତୀୟ ଓଭର ବୋଲିଂ କରିଥିବା ୱାଶିଂଟନ ସୁନ୍ଦର ଡିଆର୍‌ଏସ୍ ସହାୟତାରେ ଷ୍ଟୋକ୍‌ସ (୭୩ ବଲ୍‌ରେ ୩୩ରନ୍)ଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ଭାରତୀୟ ଶିବିରରରେ ଆନନ୍ଦ ଖେଳାଇଦେଇଥିଲେ। ଲଞ୍ଚ୍ ବେଳକୁ ଇଂଲଣ୍ଡ ୧୫୩ ରନ୍‌ରେ ୬ଷ୍ଠ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ମ୍ୟାଚ୍‌ରେ ଉଭୟ ଦଳ ପକ୍ଷରୁ ଏକାଧିକ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ଦେଖିବାକୁ ମିଳିଛି। ବିଶେଷ କରି ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପ୍ରଥମ ଇନିଂସରେ ୨୬୯ ଓ ଦ୍ୱିତୀୟ ଇନିଂସରେ ୧୬୧ ରନ୍ କରି ଏକାଧିକ ରେକର୍ଡ କରିବା ସହ ସ୍ମରଣୀୟ ପରିପାରିଛନ୍ତି। ସେହିପରି ଇଂଲଣ୍ଡ ଇନିସ୍‌ରେ ଜାମି ସ୍ମିଥଙ୍କ କାଉଣ୍ଟରଆଟାକ ବା ପ୍ରତ୍ୟାକ୍ରମଣ ବେଶ ଉପଭୋଗ୍ୟ ହୋଇଥିଲା। ସେ ଅପରାଜିତ ୧୮୪ ଏବଂ ହ୍ୟାରୀ ବ୍ରୁକ୍ ୧୫୮ ରନ୍ କରିଥିଲେ। ଏହି ଇନିଂସରେ ଭାରତ ପକ୍ଷରୁ ମହମ୍ମଦ ସିରାଜ ୬ଟି ୱିକେଟ ନେଇ ଇଂଲଣ୍ଡରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ।

#### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ : ୫୮୭/୧୦, ୧୫୩ ଓଭର** (ଗିଲ-୨୬୯, ଜାଡେଜା-୮୯, ଜୟସ୍ୱାଲ-୮୭, ବସିର-୩/୧୬୭, ଓକ୍ସ-୨/୮୧, ଟଙ୍ଗ୍-୨/୧୧୯)।

**ଇଂଲଣ୍ଡ ପ୍ରଥମ ଇନିଂସ: ୪୦୭/୧୦, ୮୯.୩ ଓଭର** (ସ୍ମିଥ-୧୮୪*, ବ୍ରୁକ୍-୧୫୮, ସିରାଜ-୬/୭୦, ଆକାଶ ଦୀପ-୪/୮୮)।

**ଭାରତ ଦ୍ୱିତୀୟ ଇନିଂସ : ୪୨୭/୬, ୮୩ ଓଭର ପାଳି ଘୋଷିତ** (ଗିଲ୍-୧୬୧, ଜାଡେଜା-୬୯*, ପନ୍ତ୍-୬୫, ରାହୁଲ-୫୫, ଟଙ୍ଗ୍-୨/୯୩, ବସିର-୨/୧୧୯)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭୧/୧୦, ୬୮.୧ ଓଭର** (ସ୍ମିଥ୍-୮୮, ଷ୍ଟୋକ୍ସ-୩୩, ଡକେଟ-୨୫, ରୁଟ-୬, ବ୍ରୁକ୍-୨୩, କାର୍ସ-୩୮, ଆକାଶଦୀପ-୬/୯୯, ସିରାଜ-୧/୫୭, ସୁନ୍ଦର-୧/୨୮)।

### ୱିମ୍ବଲଡନ ୭ମ ଦିବସ

# ଫ୍ରିଜ୍-କାଚାନୋଭ କ୍ୱାର୍ଟର ଲଢ଼େଇ

ଲଣ୍ଡନ, ୬।୭ (ଏଜେନ୍ସି): ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ୭ମ ଦିବସ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସରେ ୫ମ ସିଡ୍ ଆମେରିକାର ଟେଲର୍ ଫ୍ରିଜ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆର ଅଣସିଡେଡ୍ ଖେଳାଳି ଜୋର୍ଡାନ ଥମ୍ପସନ ଆଘାତ ହୋଇ ମ୍ୟାଚ୍ ଅଧାରୁ ରିଟାୟର୍ଡ ହର୍ଟ୍ ହୋଇଯିବାରୁ ଫ୍ରିଜଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ଏହି ସମୟରେ ଫ୍ରିଜ ୬-୧, ୩-୦ରେ ଅଗ୍ରଣୀ ରହିଥିଲେ। ଗତ ୪ ବର୍ଷ ମଧ୍ୟରେ ଫ୍ରିଜ ୩ୟଥର ଲାଗି ୱିମ୍ବଲଡନ କ୍ୱାର୍ଟର ଫାଇନାଲରେ



ଟେଲର୍ ଫ୍ରିଜ୍


ପହଞ୍ଚିଛନ୍ତି। କ୍ୱାର୍ଟରରେ ଫ୍ରିଜ୍ ୧୭ତମ ସିଡ୍ ରୁଷିଆର କରନ କାଚାନୋଭାଙ୍କୁ ଭେଟିବେ। ଅନ୍ୟ ଏକ ପୁରୁଷ ପ୍ରି-କ୍ୱାର୍ଟର ଫାଇନାଲରେ କରନ ୬-୪, ୬-୨, ୬-୩ ସିଧାସଳଖ ସେଟ୍‌ରେ ପୋଲାଣ୍ଡର କାମିଲ ମାଜଚରଜାକଙ୍କୁ ସହଜରେ ହରାଇ ଅନ୍ତିମ-୮ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅପରପକ୍ଷରେ ଶନିବାର ରାତିରେ ୭ଥରର ଚାମ୍ପିଅନ ସର୍ବିଆର ନୋଭାକ ଜୋକୋଭିଚ୍ ଏକ ବଡ଼ ବିଜୟ ହାସଲ କରିଛନ୍ତି। ତୃତୀୟ ରାଉଣ୍ଡ ମୁକାବିଲାରେ ସେ ନିଜ ଦେଶର ମିଓମିର୍ କେମାନୋଭିଚ୍‌ଙ୍କୁ ୬-୩, ୬-୦, ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏଥିସହ ସେ ସ୍ଥାନୀୟ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ଅର୍ଥାତ୍ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟରେ କ୍ୟାରିୟରର ୧୦୦ତମ ବିଜୟ ଲାଭ କରିଥିଲେ। ବିଶ୍ୱର ୩ୟ ଖେଳାଳି ଭାବେ ସେ ୱିମ୍ବଲଡନରେ ୧୦୦ଟି ମ୍ୟାଚ୍ ଜିତିବାର କୀର୍ତ୍ତିମାନ କରିଥିଲେ। ତାଙ୍କ ପୂର୍ବରୁ ମାର୍ଟିନା ନାଭ୍ରାତିଲୋଭା ଓ ରୋଜର ଫେଡେରର୍ ଏହି କ୍ଲବରେ ସାମିଲ ହୋଇଥିଲେ। ରବିବାର ରାତିରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ଆନ୍ଦ୍ରେ ରୁବଲେଭଙ୍କ ମଧ୍ୟରେ ପ୍ରି-କ୍ୱାର୍ଟର ମ୍ୟାଚ୍ ଜାରି ରହିଛି।

### ଏଏଫ୍‌ସି ମହିଳା ଏସିଆ କପ୍

## ଭାରତ ସମେତ ୧୧ ଦେଶକୁ ଯୋଗ୍ୟତା

ବ୍ୟାଙ୍କକ୍,୬।୭ (ଏଜେନ୍ସି): ଅଷ୍ଟ୍ରେଲିଆରେ ଆ।ସନ୍ତାବର୍ଷ ଖେଳାଯିବାକୁ ଥିବା ଏଏଫ୍‌ସି ମହିଳା ଏସିଆ କପ୍ ଫୁଟବଲରେ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏଥିଲାଗି ଅନୁଷ୍ଠିତ ବିଭିନ୍ନ ପ୍ରକାର ଟୁର୍ଣ୍ଣାମେଣ୍ଟରୁ ୧୧ଟି ଦେଶ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଗତକାଲି ନିଜଠାରୁ ଅଧିକ ମାନ୍ୟତାପ୍ରାପ୍ତ ଟିମ୍ ଥାଇଲାଣ୍ଡକୁ ପରାସ୍ତ କରି ଭାରତ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟ ଦେଶ ଗୁଡ଼ିକ ହେଲା ଅଷ୍ଟ୍ରେଲିଆ, ଜାପାନ, ଉତ୍ତରକୋରିଆ, ଚୀନ୍, ଦକ୍ଷିଣ କୋରିଆ, ଭିଏତନାମ୍, ଫିଲିପାଇନ୍ସ, ଚାଇନିଜ୍ ତାଇପେଇ, ଉଜ୍‌ବେକିସ୍ତାନ ଓ ବାଂଲାଦେଶ। ଜୁଲାଇ ୭ରୁ ୧୯ ମଧ୍ୟରେ ଖେଳାଯିବାକୁ ଥିବା ଗ୍ରୁପ୍-ଏ'ର ବିଜେତା ଶେଷ ଦଳ ଭାବେ ଯୋଗ୍ୟତା ଅର୍ଜନ କରିବ। ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳ ୨୦୨୭ ଫିଫା ମହିଳା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ଲାଗି ଯୋଗ୍ୟତା ଅର୍ଜନ କରିବେ। ଏଥିଲାଗି ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବଢ଼ିଯାଇଛି। ଥାଇଲାଣ୍ଡରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସଙ୍ଗୀତା ବାସ୍‌ଫୋରଙ୍କ ଡବଲ ଗୋଲ ବଳରେ ଭାରତ ୨-୧ ଗୋଲରେ ଆୟୋଜକ ଥାଇଲାଣ୍ଡକୁ ହରାଇ ଏଏଫ୍‌ସି ମହିଳା ଏସିଆ କପ୍-୨୦୨୬କୁ ଯୋଗ୍ୟତା ଅର୍ଜନ କରିଥିଲା।

## ଏସିଆନ୍ ପାରା ଆର୍ଚେରୀରେ ହରବିନ୍ଦରଙ୍କୁ ସ୍ୱର୍ଣ୍ଣ ପଦକ



ବେଜିଂ, ୬।୭ (ଏଜେନ୍ସି): ପାରାଅଲିମ୍ପିକ ଚାମ୍ପିଅନ ହରବିନ୍ଦର ସିଂହ ଚାଇନାରେ ଚାଲିଥିବା ଏସିଆନ୍ ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଓପନ୍ ଇଣ୍ଡିଭିଜୁଆଲ୍ ଇଭେଣ୍ଟର ଫାଇନାଲରେ ହରବିନ୍ଦର ୭-୧ (୨୮-୨୪, ୩୦-୨୮, ୨୬-୨୬, ୩୦-୨୮)ରେ ଥାଇଲାଣ୍ଡର ହାନରେଉଚାଇ ସେତସିରିଙ୍କୁ ପରାସ୍ତ କରିଥିଲେ। ସେହିଭଳି ମହିଳା କମ୍ପାଉଣ୍ଡରେ ଜ୍ୟୋତି ୧୪୪-୧୩୩ରେ ଇଣ୍ଡୋନେସିଆର ଅଡି ଆୟୁଡିଆଙ୍କୁ ହରାଇ କାଂସ୍ୟ ପଦକ ଜିତିଛନ୍ତି।

## ନେତୃତ୍ୱ ପଦାର୍ପଣରେ ମୁଲ୍‌ଡର୍‌ଙ୍କ ଦ୍ୱିଶତକ

ବୁଲାୱାୟୋ, ୬।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ରବିବାରଠାରୁ ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବରେ ଆରମ୍ଭ ହୋଇଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା କାମଚଳା ଅଧିନାୟକ ୱିଆନ ମୁଲ୍‌ଡର୍‌ଙ୍କ ଦମ୍‌ଦାର ଦ୍ୱିଶତକ ବଳରେ ଷ୍ଟମ୍ପ ସୁଦ୍ଧା ୮୮ ଓଭରରେ ୪ ୱିକେଟ୍ ହରାଇ ୪୬୫ ରନ ସଂଗ୍ରହ କରିଛି। ଏହି ସମୟରେ ଅଧିନାୟକ ମୁଲଡର୍ ୨୬୪ ଓ ଡେୱାଲ୍ଡ ବ୍ରେଭିସ ୧୫ ରନ କରି ଅପରାଜିତ ରହିଛନ୍ତି। ଦ୍ରୁତ ବ୍ୟାଟିଂ କରିଥିବା ମୁଲଡର୍ ୨୫୯ ବଲ୍‌ର ଏହି ପାଳିରେ ୩୪ ଚୌକା ଓ ୩ ଛକା ମାରିଥିଲେ। ଏହି ଦ୍ୱିଶତକୀୟ ପାଳି ଅବସରରେ ମୁଲ୍‌ଡର୍ ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ବିଶ୍ୱର ୩ୟ ଖେଳାଳି ଭାବେ ନେତୃତ୍ୱ ନେବାର ପ୍ରଥମ ପାଳିରେ ଦ୍ୱିଶତକ ହାସଲ କରିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କ ପୂର୍ବରୁ ନ୍ୟୁଜିଲାଣ୍ଡର ଗ୍ରାହମ ଡୋଲିଙ୍ଗ୍ (୧୯୬୮ରେ ଭାରତ ବିପକ୍ଷରେ) ଓ ୱେଷ୍ଟଇଣ୍ଡିଜର ଶିବନାରାୟଣ ଚନ୍ଦ୍ରପଲ୍ (୨୦୦୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ) ଏହି ସଫଳତା ପାଇଥିଲେ।

### ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ୍


## ରିଅଲ୍-ପିଏସ୍‌ଜି ସେମିଫାଇନାଲ

ଲିଙ୍କନ୍, ୬।୭ (ଏଜେନ୍ସି): ସ୍ପେନ୍‌ର ରିଅଲ ମାଦ୍ରିଦ୍ ଓ ଫ୍ରାନ୍ସର ପ୍ୟାରିସ୍ ସେଣ୍ଟ ଜର୍ମେନ (ପିଏସ୍‌ଜି)ର କ୍ୱାର୍ଟର ଫାଇନାଲ ବିଜୟ ସହ ଏଠାରେ ଚାଲିଥିବା କ୍ଲବ୍ ବିଶ୍ୱକପ୍ ଫୁଟବଲର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଜୁଲାଇ ୮ରେ ହେବାକୁ ଥିବା ପ୍ରଥମ ସେମିଫାଇନାଲରେ ଇଂଲଣ୍ଡର ଚାମ୍ପିଅନ କ୍ଲବ୍ ଚେଲସୀ ସହ ବ୍ରାଜିଲର ଟାଣୁଆ ଟିମ୍ ଫ୍ଲୁମିନେନ୍ସ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିପରି ଜୁଲାଇ ୯ରେ ରିଅଲ ମାଦ୍ରିଦ୍ ଓ ପିଏସ୍‌ଜି ଦ୍ୱିତୀୟ ସେମିଫାଇନାଲରେ ପରସ୍ପର ସହ ମୁକାବିଲା କରିବେ। ଦୁଇ ସେମିଫାଇନାଲ ବିଜେତାଙ୍କ ମଧ୍ୟରେ ଫାଇନାଲ ମୁକାବିଲା ଜୁଲାଇ ୧୩ରେ ହେବ।

### ଦ୍ୱିତୀୟ ଟେଷ୍ଟ

## ୱେଷ୍ଟଇଣ୍ଡିଜ ସାମ୍ନାରେ ୨୭୭ ରନ ଟାର୍ଗେଟ୍

ସେଣ୍ଟ ଜର୍ଜ୍ସ, ୬।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୨୭୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ରବିବାର ଶେଷ ଖବର ସୁଦ୍ଧା ୧୩ ଓଭରରେ ୪ ୱିକେଟ୍ ହରାଇ ୩୩ ରନ ସଂଗ୍ରହ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଜିତି ଭ୍ରମଣକାରୀ ଅଷ୍ଟ୍ରେଲିଆ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ଏହି ଦ୍ୱିତୀୟ ଟେଷ୍ଟକୁ ଜିତି ଅଷ୍ଟ୍ରେଲିଆ ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି।



ଏହି ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୮୬ ରନ କରିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୨୫୩ ରନରେ ପ୍ରଥମ ପାଳିରେ ସୀମିତ ରହିଥିଲା। ଫଳରେ ୩୬ ରନରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶନିବାର ଷ୍ଟମ୍ପ ସୁଦ୍ଧା ୭ ୱିକେଟ୍‌ରେ ୨୨୧ ରନ କରିଥିବା ଅଷ୍ଟ୍ରେଲିଆ ଦଳ ୪ର୍ଥ ଦିବସରେ ରବିବାର ସକାଳେ ଆଉ ୨୨ ରନ ଯୋଡ଼ି ବଳକା ୩ ୱିକେଟ୍ ହରାଇଥିଲା। ଦ୍ୱିତୀୟ ପାଳିରେ ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟିଭେନ ସ୍ମିଥ ସର୍ବାଧିକ ୭୧, କାମେରନ ଗ୍ରୀନ ୫୨, ଟ୍ରାଭିସ ହେଡ୍ ୩୯, ଆଲେକ୍ସ ଜେରୀ ୩୦, ଅଧିନାୟକ ପ୍ୟାଟ୍ କମିନ୍ସ ୪, ମିଚେଲ ଷ୍ଟାର୍କ ଅପରାଜିତ ୧୩ ରନ କରିଥିଲେ। ୱେଷ୍ଟଇଣ୍ଡିଜ ପାଇଁ ସାମାର ଜୋସେଫ ସବୁଠୁ ସଫଳ ବୋଲର ରହିଥିଲେ। ସେ ୪ଜଣ ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ଆଉଟ୍ କରିଥିବାବେଳେ ଜାଡେନ ସେଲ୍ସ, ଅଲ୍‌ଜାରୀ ଜୋସେଫ୍ ଓ ଜଷ୍ଟିନ ଗ୍ରେଭିସ ବଳକା ୬ଟି ୱିକେଟ୍‌କୁ ବାଣ୍ଟି ନେଇଥିଲେ।

## କନ୍ଦନ ମୁର୍ମୁ ହେଲେ ବିଶ୍ୱ ଜୁଡୋ ରେଫରୀ



ଭୁବନେଶ୍ୱର,୬।୭ (ସମିସ): ଓଡ଼ିଶା ଜୁଡୋର ଜଣାଶୁଣା ଚେହେରା କନ୍ଦନ ଓରଫ ମନୋଜ ମୁର୍ମୁଙ୍କୁ ମିଳିଛି ଏକ ବଡ଼ ସଫଳତା। ଜାକାଖସ୍ଥାନରେ ଅନୁଷ୍ଠିତ ବିଶ୍ୱ ଜୁଡୋ ରେଫରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ରାଜ୍ୟର ପ୍ରଥମ ବିଶ୍ୱ ଜୁଡୋ ରେଫରୀ ହୋଇଛନ୍ତି। ଏହା ଫଳରେ ଏବେ ସେ ବିଶ୍ୱର ସମସ୍ତ ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜାକାଖସ୍ଥାନର ଆଲମାଟିରେ ଜୁଲାଇ ୨ରୁ ୪ ଯାଏ ଅନୁଷ୍ଠିତ ଏହି ପରୀକ୍ଷାରେ ୧୧ଟି ଦେଶରୁ ୧୯ ଜଣ ଅନ୍ତର୍ଜାତୀୟ ରେଫରୀ ଯୋଗଦେଇଥିଲେ। ଏଥିରେ ଲିଖିତ, ମୌଖିକ ଓ ପ୍ରାକ୍ଟିକାଲ ପରୀକ୍ଷା ହୋଇଥିଲା। କନ୍ଦନ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ବିଶ୍ୱ ଜୁଡୋ ରେଫରୀ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ମୂଳ ବାସିନ୍ଦା କନ୍ଦନ ବିଜେବି କଲେଜ୍‌ରେ ପଢୁଥିଲାବେଳେ କୋଚ୍ ସ୍ୱର୍ଗତଃ ବିରଞ୍ଚି ଦାସଙ୍କଠାରୁ ଜୁଡୋ ଶିଖିଥିଲେ। ଏହା ପରେ ସେ ଗୋଟିକ ପରେ ଗୋଟିଏ ରେଫରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏବେ ବିଶ୍ୱରେ ପରିଚିତ ହୋଇଛନ୍ତି। ଏବେ କିସ୍ ୟୁନିଭର୍ସିଟିରେ ଜୁଡୋ କୋଚ୍ ରହିବା ସହ ଓଡ଼ିଶା ଜୁଡୋ ସଂଘର ଟେକ୍ନିକାଲ ଚେୟାରମ୍ୟାନ ଦାୟିତ୍ୱ ତୁଲାଉଛନ୍ତି। ଏହି ସଫଳତା ଲାଗି ସେ ଓଡ଼ିଶା ଜୁଡୋ ସଂଘ, କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ପତ୍ନୀ ରୋଜାଲିନ୍‌ଙ୍କ ସହ ପରିବାରର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆୟାବନ୍ତ ଜିତିଲେ ରାଜ୍ୟ ସ୍କୁଲ ଓପନ ଚେସ୍



ଭୁବନେଶ୍ୱର,୬।୭ (ସମିସ): ନାରାୟଣ ଇ ଟେକ୍ନୋ ସ୍କୁଲର ଆୟାବନ୍ତ ମହାନ୍ତି ପୋଖରୀପୁଟ ଡିଏଭି ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ ହୋଇଛନ୍ତି। ରବିବାର ସ୍କୁଲ ପରିସରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆୟାବନ୍ତ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରିଥିଲେ। ଆୟୋଜକ ସ୍କୁଲ୍‌ର ଶ୍ରେୟସ କୁମାର ବେହୁରିଆ ୪.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ ୩ଜଣ ଖେଳାଳି ଯଥା ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ରେୟାଂଶ ପରାଶର ଓ ପୋଖରୀପୁଟ ଡିଏଭିର ସାଇସ୍ୱାଗତ ପରିଜା ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ପୋଖରୀପୁଟ ଡିଏଭି ସ୍କୁଲ ଅଧ୍ୟକ୍ଷ ବିପିନ କୁମାର ସାହୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ମୁଖ୍ୟ ଖେଳ ଶିକ୍ଷକ ନବକିଶୋର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷକ ଦୀପକ କୁମାର ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

# ସେପ୍ଟେମ୍ବରରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

- ଭାଗ ନେବେ ୬ଟି ଦଳ
- ଡ୍ରାଫ୍ଟରେ ଖେଳାଳି କିଣା



କଟକ,୬।୭ (ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏକ ନୂଆ ଢ଼ାଞ୍ଚାରେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବାକୁ ଯାଉଛି। ଏରିଭା ସ୍ପୋର୍ଟସ ସହଭାଗିତାରେ ଆସନ୍ତା ସେପ୍ଟେମ୍ବରରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)। ଯେଉଁଥିରେ ୬ଟି ଦଳ ଭାଗ ନେବା ସହ ରାଜ୍ୟର ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କ୍ରୟ କରାଯିବ। ଓସିଏର ଗତ ଆପେକ୍ସ କାଉନସିଲ ବୈଠକରେ ଲିଗ୍ ବାବଦରେ ଆଲୋଚନା ହୋଇଥିବା ଆଜି ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ସୋମବାର ଠାରୁ ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ ରହିବ।

ବିଗତ ଦିନରେ ଓଡ଼ିଶା ପ୍ରିମିୟର ଲିଗ୍(ଓପିଏଲ) ଏବଂ ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ)ର ସଫଳତା ପରେ ରାଜ୍ୟ କ୍ରିକେଟ ସଂଘ ଏବେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ନୂତନ ରୂପରେଖ ଦେବାକୁ ଯାଉଛି। ବେଙ୍ଗଲ, ବିଦର୍ଭ, ସୌରାଷ୍ଟ୍ରରେ ଲିଗ୍ ଆୟୋଜନ କରିଥିବା ଏରିଭା ସ୍ପୋର୍ଟସ ଚଳିତବର୍ଷ ଠାରୁ ଓଡ଼ିଶାରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଦାୟିତ୍ୱ ସମ୍ଭାଳିବ। ରାଜ୍ୟର ବିଭିନ୍ନ ଅଞ୍ଚଳକୁ ନେଇ ୬ଟି ଦଳ ଗଠନ ହେବ। ଓସିଏ ସମ୍ପାଦକ ସଞ୍ଜୟ କହିଛନ୍ତି ଯେ, ରାଜ୍ୟରେ କ୍ରିକେଟର ଧାରାକୁ ବଦଳାଇବା କ୍ଷେତ୍ରରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ସହାୟକ ହେବ। ପ୍ରତିଭାବାନ ଖେଳାଳିଙ୍କୁ ନେଇ ପେଶାଦାର ଢ଼ାଞ୍ଚାରେ ଲିଗ୍ ଖେଳାଯିବ। ଓଡ଼ିଶାରେ ଅନ୍ୟ କ୍ରୀଡ଼ା ଗୁଡିକର ଦୃଷ୍ଟାନ୍ତମୂଳକ ବିକାଶ ଘଟୁଛି, ଏବେ କ୍ରିକେଟର ପାଳି ବୋଲି ସଞ୍ଜୟ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ସହଯୋଗରେ ଉକ୍ତ ଲିଗ୍ ଆୟୋଜନ ନେଇ ଉତ୍ସାହିତ ଥିବା କହିଛନ୍ତି ଏରିଭା ସ୍ପୋର୍ଟସର କୋ-ଫାଉଣ୍ଡର ରଜନୀଶ ଚୋପ୍ରା। ସେ ଏହା ମଧ୍ୟ କହିଥିଲେ ଯେ, ଓପିଟିଏଲ କେବଳ କ୍ରୀଡା ଭିତ୍ତିକ ମନୋରଞ୍ଜନ ଯୋଗାଇବ ନାହିଁ, ବରଂ ଓଡ଼ିଶାରେ ତୃଣମୂଳ ସ୍ତରରୁ କ୍ରିକେଟର ବିକାଶ ଦିଗରେ କାର୍ଯ୍ୟ କରିବ। ରାଜ୍ୟର କୋଣ ଅନୁକୋଣରୁ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସାମ୍ନାକୁ ଆଣିବା ପାଇଁ ଉଦ୍ୟମ ହେବ ବୋଲି ରଜନୀଶ କହିଛନ୍ତି। ଇଓଆଇ ତଥା ଦି ଏକ୍ସପ୍ରେସନ ଅଫ ଇଣ୍ଟ୍ରେଷ୍ଟ ଡକ୍ୟୁମେଣ୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଓସିଏର ୱେବସାଇଟରେ ଉପଲବ୍ଧ କରାଯିବ। କ୍ରିକେଟ ପ୍ରତି ପ୍ରତିବଦ୍ଧତା ଏବଂ ଦୀର୍ଘମିଆଦି ଦୃଷ୍ଟିକୋଣରୁ ଫ୍ରାଞ୍ଚାଇଜ ଚୟନ ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଓସିଏର ଆପେକ୍ସ କାଉନସିଲ ବୈଠକରେ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି ଓ ଗୀତା ସାମନ୍ତରାୟ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS